• Vol.- 45, Issue No. 118
• Monday, 28 July 2025
• ସୋମବାର, ୨୮ ଜୁଲାଇ ୨୦୨୫
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## 'ମନ କୀ ବାତ'ରେ ସାନ୍ତାଳି ଶାଢ଼ି, ସଂକୀର୍ତ୍ତନ ମଣ୍ଡଳୀ





# ଓଡ଼ିଶାକୁ ପ୍ରଶଂସା କଲେ ମୋଦି

ଭୁବନେଶ୍ୱର, ୨୭।୭ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କୀ ବାତ'ର ୧୨୪ତମ



ଅଧ୍ୟାୟରେ ଦେଶବିଦେଶର ଶ୍ରୋତାଙ୍କ ସହ ମତ ବିନିମୟ କରିଛନ୍ତି। ଶ୍ରୀ ମୋଦି ଏହି କାର୍ଯ୍ୟକ୍ରମରେ ଦେଶର ଉଲ୍ଲେଖନୀୟ ଉପଲବ୍ଧି ଏବଂ ସମୃଦ୍ଧ ଲୋକ ପରମ୍ପରା ବିଷୟରେ ଆଲୋଚନା ବେଳେ ଓଡ଼ିଶାର କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲା ବିଷୟରେ ଉଲ୍ଲେଖ କରିଛନ୍ତି। ଦେଶର ସ୍ୱଦେଶୀ ଆନ୍ଦୋଳନ, ସ୍ଥାନୀୟ ଉତ୍ପାଦ ଏବଂ ସମୃଦ୍ଧ ହସ୍ତଶିଳ୍ପ ପରମ୍ପରା ବିଷୟରେ

● ଶାଢ଼ି ଜରିଆରେ ଆଦିବାସୀ ମହିଳା ପରିଚୟ ସୃଷ୍ଟି କରିଛନ୍ତି
● କୀର୍ତ୍ତନରେ ପରିବେଶ ସୁରକ୍ଷା ମନ୍ତ୍ର ଦେଉଛନ୍ତି ପ୍ରମିଳା

ଆଲୋକପାତ କରି ପ୍ରଧାନମନ୍ତ୍ରୀ ସାନ୍ତାଳି ଶାଢ଼ି ବୁଣୁଥିବା ମୟୂରଭଞ୍ଜର ଆଦିବାସୀ ମହିଳାଙ୍କ ଉଦାହରଣ ଦେଇଛନ୍ତି। ସେ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲାର ୬୫୦ରୁ ଅଧିକ ଆଦିବାସୀ ମହିଳା ପାରମ୍ପରିକ ସାନ୍ତାଳି ଶାଢ଼ିର ପୁନରୁଦ୍ଧାର କରି ପାରିଛନ୍ତି । ବର୍ତ୍ତମାନ ଏହି ମହିଳାମାନେ ପ୍ରତ୍ୟେକ ମାସରେ ହଜାର ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ସେମାନେ କେବଳ ବସ୍ତ୍ର ତିଆରି କରୁନାହାନ୍ତି ବରଂ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କର ମନ କୀ ବାତ କାର୍ଯ୍ୟକ୍ରମରେ ବିଶ୍ୱ ପାଇଁ ଚିନ୍ତାଜନକ ସମସ୍ୟା ପାଲଟିଥିବା ବନାଗ୍ନି ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରୟାସ କରୁଥିବା କେନ୍ଦୁଝରର କୀର୍ତ୍ତନ ମଣ୍ଡଳୀ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ଭାରତର ବିବିଧତାର ସବୁଠାରୁ ସୁନ୍ଦର ଝଲକ ଦେଶର ଲୋକଗୀତ ଏବଂ ପରମ୍ପରାରେ ଦେଖିବାକୁ ମିଳିଥାଏ। ଏହାର ଅଂଶ ହେଉଛି ଆମର ଭଜନ ଓ କୀର୍ତ୍ତନ । କିନ୍ତୁ ବନାଗ୍ନି ସମ୍ପର୍କରେ କୀର୍ତ୍ତନ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଉଥିବା କଥା ଆପଣମାନେ କେବେ ଶୁଣିଛନ୍ତି କି ? ବୋଧହୁଏ, ଆପଣମାନେ ଏକଥାକୁ ବିଶ୍ୱାସ କରି ନ ପାରନ୍ତି, କିନ୍ତୁ ଓଡ଼ିଶାର କେନ୍ଦୁଝର ଜିଲ୍ଲାରେ ଏଭଳି ଏକ ଅଭିନବ ପ୍ରୟାସ କରାଯାଇଛି । ଏଠାରେ ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ନାମକ ଗୋଟିଏ ଦଳ ଅଛି । ଏହି ଦଳ ଆଜି ଭକ୍ତି ସହିତ ପରିବେଶ ସୁରକ୍ଷାର ମନ୍ତ୍ର ମଧ୍ୟ ଜପୁଛି । ପ୍ରମିଳା ପ୍ରଧାନ ଏହି ପ୍ରୟାସ ଲାଗି ପ୍ରେରଣା ସାଜିଛନ୍ତି । ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସେ ପାରମ୍ପରିକ ଗୀତରେ ନୂଆ ଶବ୍ଦ, ନୂଆ ବାର୍ତ୍ତା ଯୋଡ଼ିଛନ୍ତି । ତାଙ୍କ ଦଳ ଗାଁ ଗାଁ ବୁଲି ଜଙ୍ଗଲରେ ଲାଗୁଥିବା ନିଆଁରୁ କେତେ କ୍ଷତି ହୁଏ, ତାହା ଗୀତ ମାଧ୍ୟମରେ ଲୋକଙ୍କୁ ବୁଝାଉଛନ୍ତି । ଦେଶର ଲୋକ ପରମ୍ପରାଗୁଡ଼ିକ ଆଦୌ ପୁରୁଣାକାଳିଆ ନୁହେଁ, ଏଥିରେ ଆଜି ବି ସମାଜକୁ ଦିଗଦର୍ଶନ ଦେବାର ଶକ୍ତି ରହିଛି ବୋଲି ଏହି ଉଦାହରଣରୁ ପ୍ରମାଣିତ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଉତ୍ତରାଖଣ୍ଡରେ ଦଳାଚକଟା: ୮ ଜୀବନ ଗଲା

- ବିଦ୍ୟୁତ୍ ତାର ଛିଡ଼ିବା ଗୁଜବରୁ ଘଟିଥିଲା ଅଘଟଣ
- ଶୋକ ପ୍ରକଟ କଲେ ରାଷ୍ଟ୍ରପତି,ପ୍ରଧାନମନ୍ତ୍ରୀ
- ମୃତକଙ୍କ ପାଇଁ ୨ ଲକ୍ଷ,ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଘୋଷଣା
- ୩୪ ଆହତ ଡାକ୍ତରଖାନାରେ ଭର୍ତ୍ତି

ଡେରାଡୁନ୍, ୨୭।୭: ଉତ୍ତରାଖଣ୍ଡର ହରିଦ୍ୱାରସ୍ଥିତ ମନ୍‌ସା ଦେବୀ ମନ୍ଦିରରେ ରବିବାର ଦଳାଚକଟା ଘଟିଛି । ଏଥିରେ ମୃତକଙ୍କ ସଂଖ୍ୟା ୮କୁ ବୃଦ୍ଧି ପାଇଥିବା ବେଳେ ୩୪ ଜଣ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି।ଏହି ଅଘଟଣ ନେଇ ମୃତକଙ୍କ ପରିବାରକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ଶୋକ ପ୍ରକଟ କରିଛନ୍ତି । ମନସାଦେବୀ ଟ୍ରଷ୍ଟ ମୃତକଙ୍କ ଆତ୍ମୀୟ ପାଇଁ ୨ ଲକ୍ଷ ଓ ଆହତଙ୍କ ପାଇଁ ୫୦ ହଜାର ଟଙ୍କାର ଅନୁକଂପା ରାଶି ଘୋଷଣା କରିଛନ୍ତି। ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଆହତଙ୍କ ମଧ୍ୟରେ ୨୦ ପୁରୁଷ, ୮ ମହିଳା ଓ ୬ ଶିଶୁ ଥିବା ଜଣାପଡ଼ିଛି। ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଶ୍ରାବଣରେ ହରିଦ୍ୱାରରେ ପ୍ରବଳ ଭିଡ଼ ହୋଇଥାଏ। ରବିବାର ଛୁଟି ଦିନ ଥିବାରୁ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ପୂର୍ବାହ୍ନ ସମୟରେ ହଜାର ହଜାର



ଶ୍ରଦ୍ଧାଳୁ ଦର୍ଶନ ପାଇଁ ଭିଡ଼ ଭିତରେ ରହିଥିଲେ। ବିଦ୍ୟୁତ ତାର ଛିଣ୍ଡିପଡ଼ିବା ନେଇ ସକାଳ ପ୍ରାୟ ସାଢ଼େ ଆଠଟାରେ ଗୁଜବ ହଠାତ୍ ପ୍ରଚାରିତ ହୋଇଥିଲା।ଫଳରେ ଶ୍ରଦ୍ଧାଳୁମାନେ ଭୟଭୀତ ହୋଇପଡ଼ି ଏଣେତେଣେ ଦୌଡ଼ିଥିଲେ। ଏହି କାରଣରୁ ଦଳାଚକଟା ଘଟିଥିଲା। ପ୍ରଥମେ ୬ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ୨ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଉଦ୍ଧାର କାର୍ଯ୍ୟ କରାଯାଇ ଆହତମାନଙ୍କୁ ନିକଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିଛି ଶ୍ରଦ୍ଧାଳୁଙ୍କ ଅବସ୍ଥା ଗୁରୁତର ରହିଥିବା ସୂଚନା ମିଳିଛି।

# ରାକ୍ଷୀରେ ୧ କୋଟି ୨ ଲକ୍ଷ ୪୦ ହଜାର ମହିଳାଙ୍କୁ 'ସୁଭଦ୍ରା' କିସ୍ତି

ଭୁବନେଶ୍ୱର, ୨୭।୭: ଆସନ୍ତା ଅଗଷ୍ଟ ୯ରେ ମିଳିବ 'ସୁଭଦ୍ରା' ଯୋଜନାର ତୃତୀୟ ପର୍ଯ୍ୟାୟ ରାଶି । ସମସ୍ତ ଯୋଗ୍ୟ ମହିଳା ହିତାଧିକାରୀଙ୍କ ଆକାଉଣ୍ଟକୁ କିସ୍ତି ଟଙ୍କା ଯିବ। ସୁଭଦ୍ରା ଦ୍ୱିତୀୟ ପର୍ଯ୍ୟାୟରେ ବାଦ୍ ପଡ଼ିଥିବା ଲକ୍ଷେ ୮୮ ହଜାର ମହିଳାଙ୍କୁ ପୁଣି ସୁଯୋଗ ମିଳିବ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି । ଅଗଷ୍ଟ ୯ (ରକ୍ଷା ବନ୍ଧନ) ଉତ୍ସବରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତିର ଟଙ୍କା ୧ କୋଟି ୨ ଲକ୍ଷ ୪୦ ହଜାର ମହିଳାଙ୍କୁ ମିଳିବ । ୧ ଲକ୍ଷ ୮୮ ହଜାର ବଞ୍ଚିତ ହିତାଧିକାରୀଙ୍କ ପାଇଁ ପର୍ଯ୍ୟାୟ କ୍ରମେ ବ୍ୟବସ୍ଥା ହେବ । ବଳକା ହିତାଧିକାରୀ ଯୋଗ୍ୟ ହେଲେ ମାର୍ଚ୍ଚ ୮ରେ ସମସ୍ତ କିସ୍ତିର ଅର୍ଥ ପାଇବେ । ଜିରୋ ଇନକମ୍ ଟ୍ୟାକ୍ସ ଦେଉଥିବେ, ୨.୫ ଲକ୍ଷରୁ ଊର୍ଦ୍ଧ୍ୱ ରୋଜଗାର ଥିଲେ ସୁଭଦ୍ରା ମିଳିବନାହିଁ। କୋଟିଆରେ ଘରେ ଘରେ ସୁଭଦ୍ରା ଟଙ୍କା ପହଞ୍ଚିବ । ଏହା ପୂର୍ବରୁ କୋଟିଆ ଯାଇ ସୁଭଦ୍ରା ଏନ୍‌ରୋଲ୍‌ମେଣ୍ଟ ଯାଞ୍ଚ୍ କରିବେ । ଅଗଷ୍ଟ ୯ କିସ୍ତି ମୁଖ୍ୟମନ୍ତ୍ରୀ କୋରାପୁଟ ଜୟପୁର ଗସ୍ତ କରି ପ୍ରଦାନ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।

## ଭୋକର ଜ୍ୱାଳା

# ୨୦ ହଜାରରେ ଟେକିଦେଲେ ଶିଶୁକନ୍ୟା !

ଟିଟିଲାଗଡ଼, ୨୭।୭: ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଭାଲେଗାଁ ପଞ୍ଚାୟତ ବାଗଡେର ଗ୍ରାମର ଏକ ପରିବାର ଦାରିଦ୍ର୍ୟର ତାଡନା ସହିନପାରି ନିଜ ୭ ଦିନର କନ୍ୟାକୁ ବିକ୍ରି କରିଦେଇଥିବା



ଅଭିଯୋଗ ହୋଇଛି । ପ୍ରାୟ ମାସଟିଏ ତଳେ ଟିଟିଲାଗଡ଼ ସରକାରୀ ମାତୃ ଓ ଶିଶୁ ଡାକ୍ତରଖାନାରେ ଶିଶୁ କନ୍ୟା ଜନ୍ମ ପରେ ଘରକୁ ଆଣି ୨୦ ହଜାର ଟଙ୍କାରେ ପାଇକମାଲ ଅଞ୍ଚଳର ଏକ ବ୍ୟକ୍ତିକୁ ବିକ୍ରି କରିଦିଆଯାଇଛି । ସୂଚନାରୁ ପ୍ରକାଶ ଯେ ଗ୍ରାମର ନିଲ ରଣା ଜଣେ ଦାଦନ ଶ୍ରମିକ । ତାଙ୍କର ପ୍ରଥମ ପତ୍ନୀ ତିନୋଟି କନ୍ୟା ଜନ୍ମ ଦେଇଥିଲେ । ପ୍ରାୟ ତିନି ବର୍ଷ ତଳେ ପ୍ରଥମ ପତ୍ନୀ ଘରୁ ଚାଲିଯିବା ପରେ ସେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିଲେ । ଦ୍ୱିତୀୟ ପତ୍ନୀଙ୍କଠାରୁ ବର୍ଷକ ତଳେ ପ୍ରଥମେ ଏକ କନ୍ୟା ସନ୍ତାନ ଜନ୍ମ ପରେ ଗତ ମାସରେ ଆଉ ଗୋଟିଏ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଉକ୍ତ ଶିଶୁ କନ୍ୟା ଜନ୍ମ ପରେ ତାକୁ ୨୦ ହଜାର ଟଙ୍କାରେ ବିକ୍ରି କରିଦେଇଥିବା ନିଲ ସ୍ୱୀକାର କରିଛନ୍ତି । ଏକ ଭଙ୍ଗାଦଦରା ଘର ସହ ସରକାରଙ୍କ ମାଗଣା ଚାଉଳ ମଧ୍ୟ ମିଳୁନାହିଁ । ଗୋଟିଏ ଛୁଆର ଠିକ୍ ରୂପେ ଯତ୍ନ ନେଇପାରୁନାହାନ୍ତି, ଆଉ ଗୋଟିଏ ଛୁଆକୁ ପରିବାର କିଭଳି ପୋଷଣ କରିବେ ବୋଲି ଗ୍ରାମର ତାଙ୍କ ସମ୍ପର୍କୀୟ କହିଛନ୍ତି । ଘଟଣାଟି ବର୍ତ୍ତମାନ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି ।

# ମାଲକାନଗିରି: ଲିଫ୍ଟ ଦେବା ବାହାନାରେ ଦୁଷ୍କର୍ମ !

ମାଲକାନଗିରି, ୨୭।୭: ମାଲକାନଗିରି ଜିଲ୍ଲାର ଅର୍କେଲ ଓ ମୁଦୁଲିପଡ଼ା ଅଞ୍ଚଳରେ ନାବାଳିକା ଦୁଷ୍କର୍ମ ଘଟଣା ପଦାକୁ ଆସିଛି ।ଅର୍କେଲ ଥାନା ଅଞ୍ଚଳରେ ଜଣେ ନାବାଳିକା ସହ ଦୁଷ୍କର୍ମ ଅଭିଯୋଗ ହୋଇଛି । ଲିଫ୍ଟ ଦେବା ବାହାନାରେ ଜଣେ ନାବାଳିକାଙ୍କ ସହ ଦୁଷ୍କର୍ମ ହୋଇଥିବା ନେଇ ପୀଡିତାଙ୍କ ମାମୁ ଅର୍କେଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସେହିପରି ମୁଦୁଲିପଡା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ଆସିଛି ।ନାବାଳିକା ଜଣଙ୍କ ଦୁଷ୍କର୍ମ ପରେ ଗର୍ଭବତୀ ହୋଇଥିଲେ। ନାବାଳିକା ଜଣଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହେବା ପରେ ଗତକାଲି ନବଜାତକର ମୃତ୍ୟୁ ହୋଇଥିଲା । ପରେ ପୀଡିତା ନିଜ ପରିବାର ସହ ମୁଦୁଲିପଡା ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଣେ ଗିରଫ ହୋଇଥିବା ଜଣାପଡିଛି ।

# ମାଓବାଦୀ ମାଟି ତଳେ ଲୁଚାଇ ରଖିଥିଲେ ୩୫ ଲକ୍ଷ ଟଙ୍କା !



ରାଉରକେଲା, ୨୭।୭: ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରୁ ମାଟି ତଳୁ ଲକ୍ଷ ଲକ୍ଷ ଟଙ୍କା ମିଳିଛି। ମାଓବାଦୀମାନେ ଏହି ଟଙ୍କା ଲୁଚାଇ ରଖିଥିଲେ ବୋଲି ଜଣାପଡ଼ିଛି। ଗୁପ୍ତ ସୂଚନା ଆଧାରରେ ଝାଡ଼ଖଣ୍ଡର ଚାଇବାସା ପୋଲିସ ପ୍ରାୟ ୩୫ ଲକ୍ଷ ଟଙ୍କା ଜବତ କରିଛି। ଉଦ୍ଧାର ଟଙ୍କାବିଡ଼ାଗୁଡ଼ିକ କାଗଜ ଏବଂ ପ୍ଲାଷ୍ଟିକରେ ଗୁଡ଼ାଯାଇଛି। ମୋଟ ୩୫ଟି ପୃଥକ୍ ବିଡ଼ା ରହିଛି। ଉଦ୍ଧାର ଟଙ୍କା ମାଓବାଦୀମାନେ ସୁରକ୍ଷା ବାହିନୀ ବିରୁଦ୍ଧରେ ଅଞ୍ଚଳରେ ଲ୍ୟାଣ୍ଡମାଇନ୍ ବିଛାଇବା ଏବଂ ବିସ୍ଫୋରକ କିଣିବା ପାଇଁ ରଖିଥିଲେ। ସମସ୍ତ ଟଙ୍କା ଏକ ଷ୍ଟିଲ୍ କ୍ୟାନରେ ରଖାଯାଇ ମାଟିରେ ପୋତାଯାଇଥିଲା। ଜବତ ଟଙ୍କାର ମୂଲ୍ୟ ପ୍ରାୟ ୩୫ ଲକ୍ଷ ହେବ ବୋଲି ଆକଳନ କରାଯାଉଥିବାବେଳେ ଥାନାକୁ ନେଇ ଟଙ୍କା ଗଣନା ପରେ ସଠିକ୍ ପରିମାଣ ଜଣାପଡ଼ିବ ବୋଲି ରାଞ୍ଚି ଆଇଜି ମନୋଜ କୌଶିକ୍ 'ଏକ୍ସ' ଯୋଗେ ସୂଚନା ଦେଇଛନ୍ତି।

## ଆଶ୍ରମ ପିଲାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ଭଲପାଠ ପଢ଼ି ମଣିଷ ହୁଅ

ଭୁବନେଶ୍ୱର, ୨୭।୭: ରେଡ଼ିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ର ୧୨୪ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଭୁବନେଶ୍ୱର ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ସ୍ଥିତ ବନବାସୀ କଲ୍ୟାଣ ଆଶ୍ରମ ପିଲାମାନଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କୀ ବାତ୍' ଶୁଣିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । 'ମନ୍ କୀ ବାତ୍'ରେ ମୟୂରଭଞ୍ଜର ଆଦିବାସୀ ମହିଳାଙ୍କ ସାନ୍ତାଳୀ ଶାଢୀ ପ୍ରସ୍ତୁତି ଏବଂ ପରିବେଶ ସୁରକ୍ଷା ଦିଗରେ କେନ୍ଦୁଝରର ପ୍ରମିଳା ପ୍ରଧାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମର ଆଜି ଥିଲା ୧୨୪ତମ ଅଧ୍ୟାୟ । ମୁଖ୍ୟମନ୍ତ୍ରୀ ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ପିଲାଙ୍କ ସହ ଏହି କାର୍ଯ୍ୟକ୍ରମ ଶୁଣିବା ସହ ପିଲାମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରେରଣାଦାୟୀ ଦିଗ ସମ୍ପର୍କରେ ବୁଝାଇଥିଲେ । ଏଥି ସହିତ ପିଲାମାନଙ୍କୁ



ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍' ଶୁଣିଲେ ପିଲାଙ୍କ ଗହଣରେ

ଭଲ ପାଠପଢ଼ି, କଠିନ ପରିଶ୍ରମ କରି ସଫଳତାର ସହିତ ବଡ଼ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଶ୍ରମ ପରିସରରେ ଏକ ନିମ୍ବ ବୃକ୍ଷ ଚାରା ମଧ୍ୟ ରୋପଣ କରିଥିଲେ ।

# ରାଜ୍ୟର ୬ ଜିଲ୍ଲାରେ ବନ୍ୟା

## ଫୁଲୁଛି ସୁବର୍ଣ୍ଣରେଖା
## ବିପଦ ସଂକେତ ଉପରେ ଜଳକା
## ବୈତରଣୀରେ ଟଳିନି ବିପଦ
## ୧୧ହଜାରରୁ ଅଧିକ ଲୋକ ପ୍ରଭାବିତ
## ୯ ରିଲିଫ ଆଶ୍ରୟସ୍ଥଳୀରେ ୧ ହଜାର ବିପନ୍ନ

ଭୁବନେଶ୍ୱର, ୨୭।୭: ରାଜ୍ୟରେ ଏବେ ୬ ଜିଲ୍ଲାରେ ବନ୍ୟା ପ୍ରଭାବ ଅନୁଭୂତ ହୋଇଛି। ଅବପାତ ଜନିତ ବର୍ଷା ପ୍ରଭାବରୁ ବାଲେଶ୍ୱର, ମୟୂରଭଂଜ, ଭଦ୍ରକ, ଯାଜପୁର,ସୁନ୍ଦରଗଡ଼ ଓ କେନ୍ଦୁଝରରେ ବନ୍ୟା ଯୋଗୁଁ ଲୋକେ ନାନା ଦୁର୍ଦ୍ଦଶାର ଘେରରେ ରହିଛନ୍ତି। ୧୧ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଥିବା ବେଳେ ମୟୂରଭଂଜ ଓ ବାଲେଶ୍ୱର ଜିଲ୍ଲାର ୯ ଟି ରିଲିଫ ଆଶ୍ରୟସ୍ଥଳୀରେ ୧ ହଜାରରୁ ଅଧିକ ଲୋକ ସ୍ଥାନାନ୍ତରିତ ହୋଇଛନ୍ତି। ଉପୁଜିଥିବା ସଂକଟର ଆକଳନ କରିବା ଲାଗି ଜିଲ୍ଲାପାଳ ଓ ଜଳସଂପଦ ବିଭାଗ ଅଧିକାରୀଙ୍କ ସହ ଆଭାସି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଂଜନ




କୁମାର ସିଂହଙ୍କ ସହ ସମୀକ୍ଷା କରିଛନ୍ତି। ରାଜ୍ୟ ସରକାର ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର ଅଭିଯାନ, ବାସିନ୍ଦାଙ୍କୁ ନିରାପଦ ସ୍ଥାନାନ୍ତରଣ ଓ ଆବଶ୍ୟକ ରିଲିଫ ଯୋଗାଣ ବଣ୍ଟନ ଉପରେ ଗୁରୁତ୍ୱ ଦେଇଛନ୍ତି। ବାଲେଶ୍ୱରରେ ୫ ଓଡ୍ରାଫ ଟିମ୍, ଗୋଟିଏ ଏନଡିଆରଏଫ ଟିମ୍, ୨୬ ଅଗ୍ନିଶମ ସେବା ୟୁନିଟ୍ ଓ ଆପଦକାଳୀନ ଉଦ୍ଧାରକାରୀ ଟିମ୍ ସକ୍ରିୟ ଭାବରେ କାର୍ଯ୍ୟରତ ଅଛନ୍ତି। ମୟୂରଭଂଜରେ ଗୋଟିଏ ଓଡ୍ରାଫ ,୨୩ ଅଗ୍ନିଶମ ସେବା ୟୁନିଟ୍ ଭଦ୍ରକରେ ଗୋଟିଏ ଓଡ୍ରାଫ, ଗୋଟିଏ ଏନଡିଆରଏଫ ଓ ୧୩ ଟି ଅଗ୍ନିଶମ ସେବା ୟୁନିଟ୍, ଯାଜପୁରରେ ଗୋଟିଏ ଓଡ୍ରାଫ ଟିମ୍ ଓ ୧୪ ଟି ଅଗ୍ନିଶମ ସେବା ୟୁନିଟ କାର୍ଯ୍ୟରତ ଅଛନ୍ତି। ବନ୍ୟାପ୍ରଭାବିତ ଜିଲ୍ଲାଗୁଡ଼ିକରେ ୧୦୬ ବୋଟ୍ ଜରିଆରେ ଉଦ୍ଧାର ଓ ରିଲିଫ ଯୋଗାଣ ଚାଲୁ ରହିଛି ।ବୈତରଣୀ ଓ ଜଳକାରେ ବନ୍ୟାଜଳ ଖସୁଥିବା ବେଳେ ସୁବର୍ଣ୍ଣରେଖା ସ୍ଥିତି ଗମ୍ଭୀର ରହିଛି। ତେଣୁ ବାଲେଶ୍ୱର ଉପରେ ଅଧିକ ନଜର ରଖାଯାଇଛି। ପ୍ରଭାବିତ ଅଞ୍ଚଳରେ ବିପନ୍ନଙ୍କ ସୁରକ୍ଷା ନିମନ୍ତେ ରାତ୍ରିପାଟ୍ରୋଲିଂ କରାଯାଉଛି। ଅତିରିକ୍ତ ରିଲିଫ କମିଶନର ମନୀଷ ଅଗ୍ରୱାଲଙ୍କୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ରିଲିଫ ବ୍ୟବସ୍ଥା ତଦାରଖ ସାଙ୍ଗକୁ ବିପନ୍ନଙ୍କ ସୁରକ୍ଷିତ ସ୍ଥାନାନ୍ତରଣ ଦାୟିତ୍ୱ ନିର୍ବାହ କରୁଛନ୍ତି। କେନ୍ଦୁଝର, ମୟୂରଭଞ୍ଜରେ ଲଗାଣ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ଉପୁଜିଛି । ଉତ୍ତର ଓଡ଼ିଶାର ୩ ନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ଏପଟେ କଟକ ମୁଣ୍ଡୁଳିରେ ପହଞ୍ଚିଛି ବନ୍ୟା ଜଳ, ଫୁଲୁଛି ମହାନଦୀ । ମୁଣ୍ଡୁଳୀରେ ୩ ଲକ୍ଷ ୮୩ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ଧାମନଗର ବ୍ଲକର ୪ ପଞ୍ଚାୟତ ଯଥା: ପ୍ରଧାନୀ,ସହଡା, ହସିନାବାଦ ଓ ଅର୍ଜୁନପୁରରେ ୨ ଦିନ ସ୍କୁଲଛୁଟି ରହିବ ବୋଲି ସୂଚନା ମିଳିଛି ।ହୀରାକୁଦର ୨୦ ଗେଟ୍ ଖୋଲା କରାଯାଇଛି। ଜଳଭଣ୍ଡାରରେ ଜଳ ୬୧୫.୧୦ ଫୁଟରେ ପହଞ୍ଚିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୪ ଲକ୍ଷ ୧୧ହଜାର ୪୫୨ କ୍ୟୁସେକ ଜଳ ପ୍ରବେଶ ହେଉଥିବା ବେଳେ ନିଷ୍କାସିତ ହେଉଛି ୩ ଲକ୍ଷ ୧୧ହଜାର ୭୨୦ କ୍ୟୁସେକ ଜଳ। ସୁବର୍ଣ୍ଣରେଖାରେ ଜଳ ସ୍ତର ବୃଦ୍ଧି ପାଇବାରେ ଲାଗିଛି । ଜଳକା ନଦୀର ଜଳସ୍ତର ବି ବିପଦ ସଂକେତ ଉପରେ ବଢିଛି । ବସ୍ତା ବ୍ଲକର ୮, ସଦର ବ୍ଲକର ଦୁଇଟି ପଞ୍ଚାୟତ ପ୍ରଭାବିତ ହୋଇଛି।

## ବାବା ପଞ୍ଚାନନଙ୍କ ମାହାତ୍ମ୍ୟ ଅପାର

# ଭକ୍ତର ସବୁ ମାନସିକ ପୂରଣ କରନ୍ତି ବାବା !

ଋଷିକୂଲ୍ୟା ନଦୀତଟରେ ପୂଜା ପାଉଛନ୍ତି ବାବା ପଞ୍ଚାନନ । ଗଞ୍ଜାମ ଜିଲ୍ଲା ସୋରଡ଼ାରେ ବସତି ସ୍ଥାପନ ପୂର୍ବରୁ ବାବା ପଞ୍ଚାନନ ପୂଜା ପାଇଆସୁଛନ୍ତି । ୫ଟି ବାଲୁକାରେ ସ୍ଥାପିତ ଲିଙ୍ଗ ମନ୍ଦିରର ଗର୍ଭଗୃହରେ ଶୋଭାପାଉଛନ୍ତି । ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ଋଷିକୂଲ୍ୟା ନଦୀତଟ ଦେଇ ଦଣ୍ଡକାରଣ୍ୟ ଯାଇଥିଲେ । ଏହି ପବିତ୍ର ପଞ୍ଚାନନ ପୀଠ ଠାରୁ ଆରମ୍ଭ ହୋଇଛି ଦଣ୍ଡକାରଣ୍ୟ । ଋଷି କର୍ଦ୍ଦମ ଓ ଦେବହୂତିଙ୍କ ଅପାର କୃପାରୁ ଋଷିମାଳ ପର୍ବତରୁ ସୃଷ୍ଟ ଋଷିକୂଲ୍ୟା ନଦୀରୁ ବାଲୁକା ଆଣି ଲିଙ୍ଗ ସ୍ଥାପନ କରି ପ୍ରତିଷ୍ଠା କରିଥିଲେ । ପ୍ରଭୁ ଶ୍ରୀରାମଙ୍କ ପୂଜା ଆରାଧନାରେ ସନ୍ତୁଷ୍ଟ ହୋଇ ପ୍ରଭୁ ଶିବଶଙ୍କର ଓ ମାତା ପାର୍ବତୀ ଆବିର୍ଭୂତ ହୋଇଥିଲେ । ଏହି ସ୍ଥାନରେ ପ୍ରଭୁ ରାମଚନ୍ଦ୍ର, ମାତା ଜାନକୀ, ପ୍ରଭୁ ଆଶୁତୋଷ ଓ ମାତା ପାର୍ବତୀଙ୍କ ମହାମିଳନ ହୋଇଥିଲା । କାଳକ୍ରମେ ଏହି ପୀଠ ନଦୀବାଲିରେ ପୋତି ହୋଇଯାଇଥିଲା । ନଳବଂଶ ରାଜା ନରେନ୍ଦ୍ର ଧବଳଙ୍କୁ ସ୍ୱପ୍ନାଦେଶ ହେବାରୁ ୯୩୫ ଖ୍ରୀଷ୍ଟାବ୍ଦରୁ ୯୬୨ ମଧ୍ୟରେ ମନ୍ଦିର



ପ୍ରତିଷ୍ଠା କରାଯାଇଥିଲା । ଅବଧୂତ ଋଷିଙ୍କ ପ୍ରଚେଷ୍ଟାରେ ସେହି ୫ଲିଙ୍ଗଙ୍କୁ ଉଦ୍ଧାର କରାଯାଇ ମନ୍ଦିର ସ୍ଥାପନ କରାଯାଇଥିଲା । ପରେ ଜନବସତି ଗଢି ଉଠିବାରୁ ଠାକୁରଙ୍କ ମହିମା ଦିନକୁ ଦିନ ବଢି ଚାଲିଲା । ପଞ୍ଚାନନ ପୀଠରେ ସବୁ ସମୟରେ ଭକ୍ତଙ୍କ ଗହଳି ଲାଗିରହୁଥିଲେ ମଧ୍ୟ ଜାଗରରେ ହଜାର ହଜାର ଭକ୍ତ ଦୀପ ଜାଳି ଉଜାଗର ରହିଥାନ୍ତି । ଶ୍ରାବଣରେ ଦୂର ଦୂରାନ୍ତରୁ ଆସୁଥିବା ଭକ୍ତମାନେ ବାବାଙ୍କୁ ଜଳାଭିଷେକ କରିଥାନ୍ତି । କାର୍ତ୍ତିକ ସୋମବାର, ବୈଶାଖ ଓ ମାଘରେ ମଧ୍ୟ ଭକ୍ତଙ୍କ ଭିଡ଼ ଜମିଥାଏ । ମନ୍ଦିର ପରିସର ଅତି ସୁନ୍ଦର । ଭକ୍ତଙ୍କ ପାଇଁ କଲ୍ୟାଣୀ ମଣ୍ଡପ, ସ୍ୱତନ୍ତ୍ର ଗୃହ, ପାନୀୟ ଜଳ, ଶୌଚାଳୟ, ରୋଷେଇ ଗୃହ ପ୍ରଭୃତି ରହିଛି । ଏହି ପୀଠକୁ ଆସିବାକୁ ହେଲେ ବ୍ରହ୍ମପୁର ଠାରୁ ୭୫ କିଲୋମିଟର ଆସିକା ଦେଇ ସୋରଡା ଆସିବାକୁ ପଡିବ । ସୋରଡା ଠାରୁ ମାତ୍ର ଏକ କିଲୋମିଟର ଓ ଭଞ୍ଜନଗର ଠାରୁ ମାତ୍ର ୩୦ କିଲୋମିଟର ଦୂରରେ ରହିଛି ଏହି ପ୍ରାଚୀନ ପୀଠ । ଏହି ଶୈବ ପୀଠର ମାହାତ୍ମ୍ୟ ଅପାର । ପ୍ରତ୍ୟକ ସମୟରେ ଭକ୍ତଙ୍କ ଦୁଖ ଶୁଣିଥାନ୍ତି ବାବା ପଞ୍ଚାନନ । ବାବାଙ୍କ ମହିମା ଯୋଗୁଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଭକ୍ତ ଆସିଥାନ୍ତି ଏଠାକୁ । ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରଭୁ ଡାକ ଶୁଣନ୍ତି ଭକ୍ତମାନଙ୍କର । ଯାହାର ଅନେକ ଉଦାହରଣ ରହିଛି । ବହୁ ଭକ୍ତ ଏଠାକୁ ଆସି ଠାକୁରଙ୍କ ପାଖରେ ଅଧିଆ ମଧ୍ୟ ପଡ଼ିଥାନ୍ତି । ବାବାଙ୍କ ମହିମା ଏତେ ଅପାର ଯେ ବହୁ ଭକ୍ତ ଠାକୁରଙ୍କ ପାଖରେ ଆସି ମାନସିକ କରିଥାନ୍ତି ଆଉ ସମସ୍ତଙ୍କ ମାନସିକ ପୂରଣ ମଧ୍ୟ ହୁଏ ।

## ଧବଳେଶ୍ୱର ମନ୍ଦିର



ଧବଳେଶ୍ୱର ପୀଠ କଟକ ଜିଲା ଆଠଗଡ଼ ବ୍ଲକ ମଙ୍କେଶ୍ୱର ପଞ୍ଚାୟତରେ ମହାନଦୀ ଗର୍ଭରେ ଅବସ୍ଥିତ। ଜାଗର ପଞ୍ଚକ ଓ ବଡ଼ଓଷା ଏଠାକାର ମୁଖ୍ୟପର୍ବ। ବଡ଼ଓଷାର ଗଜଭୋଗ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ପଞ୍ଚକ ପାଞ୍ଚଦିନ ମହାପ୍ରଭୁ ଧବଳେଶ୍ୱରଙ୍କର ବଡ଼ସିଂହାର ବେଶ ହୋଇଥାଏ। ଏଠାକାର ପ୍ରମୁଖ ଆକର୍ଷଣ ହେଉଛି ମହାନଦୀର ମଙ୍କେଶ୍ୱର ଘାଟରୁ ପୀଠର ଉତ୍ତର ପାର୍ଶ୍ୱକୁ ସଂଯୋଗ କରୁଥିବା ୧କି.ମି. ଦୀର୍ଘ ଓ ୧୦ଫୁଟ୍ ଓସାରର ଝୁଲାପୋଲ। ଏହି ଝୁଲାପୋଲରେ ଏକକାଳୀନ ୧୦୦୦ ଲୋକ ଯାଇପାରିବେ। ଦକ୍ଷିଣ ପାର୍ଶ୍ୱରେ ୧.୫କି.ମି.ର ନଦୀ ଗର୍ଭକୁ ନୌକାରେ ପାରିହେବା ମଧ୍ୟ ଲୋକଙ୍କର ଅନ୍ୟତମ ଆକର୍ଷଣ। ଏହି ପୀଠରେ ଧବଳେଶ୍ୱରଙ୍କ ମନ୍ଦିରକୁ ଲାଗି ବୁଢ଼ାଲିଙ୍ଗଙ୍କ ମନ୍ଦିର ରହିଛି। ଏଠାରେ ଦେବୋତ୍ତର ଓ ପର୍ଯ୍ୟଟନ ବିଭାଗର ପାନ୍ଥଶାଳା ରହିଛି।



## ଶୋକରେ ଜର୍ଜରିତ ବାୟୁ

ପୁତ୍ର ମୃତ୍ୟୁ ଶୋକରେ ଜର୍ଜରିତ ହନୁମାନଙ୍କ ପିତା ବାୟୁ ଦେବତା କ୍ରୋଧରେ ସଂସାରରୁ ସମସ୍ତ ବାୟୁ ଶୋଷି ନେଇଥିଲେ। ଫଳରେ ସାରା ସଂସାରରେ ଗମ୍ଭୀର ସମସ୍ୟା ଦେଖାଦେଲା। ବିନା ବାୟୁରେ ପ୍ରାଣୀମାନଙ୍କର ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଗଲା। ଏହା ଦେଖି ପ୍ରଭୁ ଶିବ ଏହି ମାମଲାରେ ହସ୍ତକ୍ଷେପ କରିଥିଲେ ଓ ମୃତ ବାଳକ ହନୁମାନଙ୍କୁ ଜୀବନ ଦାନ ଦେଇଥିଲେ। ଏଥିରେ ଖୁସି ହୋଇ ବାୟୁ ଦେବତା ପୁଣି ବିଶ୍ୱବ୍ରହ୍ମାଣ୍ଡକୁ ସମସ୍ତ ବାୟୁ ଫେରାଇ ଦେଇଥିଲେ।

## ଦଶାବତାର ମଠ

ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରାମାନନ୍ଦୀ ସମ୍ପ୍ରଦାୟର ଦଶାବତାର ମଠ ଅବସ୍ଥିତ। ୧୧ ବର୍ଷ ବୟସରେ ଜୟଦେବ ସମସ୍ତ ପାର୍ଥିବ ମୋହ ତୁଟାଇ ପ୍ରଭୁଙ୍କ ଶରଣାଗତ ହୋଇ ଶ୍ରୀକ୍ଷେତ୍ରକୁ ଯାତ୍ରା କରିଥିଲେ। ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚି ଗୁଣ୍ଡିଚା ମନ୍ଦିର ସମ୍ମୁଖସ୍ଥ ଏକ ଗଛ ମୂଳରେ ଏବଂ ପରେ ଏକ କୁଡ଼ିଆରେ ଅବସ୍ଥାନ କରିଥିଲେ। ଏହିଠାରେ ସେ ଧର୍ମ ଚର୍ଚ୍ଚା ଓ ଭଜନ




କୀର୍ତ୍ତନରେ ସମୟ ଅତିବାହିତ କରିଥିଲେ। ଜୟଦେବଙ୍କ ପରବର୍ତ୍ତୀ ଅନୁଗାମୀମାନେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା କୁଡ଼ିଆକୁ ନୂତନ ଭାବେ ନିର୍ମାଣ କରି ଦଶାବତାର ମଠ ନାମରେ ନାମିତ କରିଥିଲେ। ଦ୍ୱାଦଶ ଶତାବ୍ଦୀର ତଥା ବର୍ତ୍ତମାନର ଦଶାବତାର ମଠ ପ୍ରାଙ୍ଗଣ ଥିଲା ଶ୍ରୀଜୟଦେବଙ୍କ ସାଧନା ପୀଠ।

## ଈଶ୍ୱରୀୟ ଗୁଣର ସାମୀପ୍ୟ

# IIIIII ଆସ୍ଥାର ପ୍ରଭାବ IIIIII

ଆସ୍ଥାରେ ଅସୀମ ଉର୍ଜା ହୋଇଥାଏ । ଏହି ଉର୍ଜା ଆମକୁ ଶକ୍ତି ପ୍ରଦାନ କରିଥାଏ । କାହାର ପ୍ରତି ଅଗାଢ ବିଶ୍ୱାସ ନିଷ୍ଠା ହିଁ ଆସ୍ଥା କୁହାଯାଏ । ପ୍ରାୟଃ ଆମେ ଆସ୍ଥାକୁ ଧର୍ମ-କର୍ମରେ ଯୋଡି ଦେଇଥାଉ । ଏହାର ସମ୍ବନ୍ଧ କେବଳ ଧର୍ମ-କର୍ମ, ଆଧ୍ୟାତ୍ମ୍ୟ କିମ୍ବା ଈଶ୍ୱରଙ୍କ ସମ୍ବନ୍ଧ ପର୍ଯ୍ୟନ୍ତ ସୀମିତ କରିବା ଉଚିତ୍ ହେବ ନାହିଁ । ଆସ୍ଥା ବହୁଗାମୀ ଅଟେ । ଈଶ୍ୱରଙ୍କ ଉପରେ ଆସ୍ଥା ଆମ ପାଇଁ ଭକ୍ତିର ମାର୍ଗ ପ୍ରଶସ୍ତ କରିଥାଏ । ଏହି ମାର୍ଗ ଆମର ସତ୍ୟ, ଅହିଂସା ଏବଂ ପରମାର୍ଥରେ ସାକ୍ଷାତକାର କରିଥାଏ । ଈଶ୍ୱରଙ୍କ ଉପରେ ଆସ୍ଥା ହିଁ ଆମକୁ ସଙ୍କଟରୁ ଲଢିବା ପାଇଁ ସାମର୍ଥ୍ୟ ପ୍ରଦାନ କରିଥାଏ । ସେହିଭଳି ଯେତେବେଳେ ପ୍ରକୃତି ଉପରେ ଗଭୀର ଆସ୍ଥା ହୋଇଥାଏ ଆଉ ଆମର ହୃଦୟରେ ଉଦାରତା ଝରିବାକୁ ଲାଗିଥାଏ । ଆମେ ନିଜଠୁ ଅଧିକ ଅନ୍ୟମାନଙ୍କ ବିଷୟରେ ଭାବିବାକୁ ଲାଗିଥାଉ । କାହିଁକି ଏହି ପ୍ରବୃତ୍ତି ବାସ୍ତବରେ ପ୍ରକୃତିର ହୋଇଥାଏ । ପ୍ରକୃତି ଆମକୁ ସବୁ କିଛି ନିଃସ୍ୱାର୍ଥ ଭାବରୁ ହିଁ ଦେଇଥାଏ । ନଦୀର ଜଳ,ଗଛର ଫଳ,ପୁଷ୍ପ ଆଦି ସବୁ ପରମାର୍ଥଙ୍କ ପାଇଁ ତ ହୋଇଥାଏ । ପ୍ରକୃତି ଉପରେ ଆସ୍ଥା ହିଁ ଆମକୁ ଏସବୁ ଈଶ୍ୱରୀୟ ଗୁଣର ସାମୀପ୍ୟ ପ୍ରଦାନ କରିଥାଏ । ଯେତେବେଳେ ଆମର ଆସ୍ଥା ନିଜର ଗୁରୁ ଉପରେ ହୋଇଥାଏ ସେତେବେଳେ ଆମେ ନିଜର କ୍ଷେତ୍ରରେ ଶ୍ରେଷ୍ଠସ୍ଥାନ ହୋଇଥାଏ । ତଥାପି ଏହା ମାନ୍ୟ ରଖେ କି ଗୁରୁ ପ୍ରତ୍ୟକ୍ଷ ର ୂ ପ େ ର ଆମରେ ସାମନାରେ ଅଛନ୍ତି ଅଥବା ନାହାନ୍ତି । ବାସ୍,କେବଳ ତାଙ୍କ ପ୍ରତି ସମର୍ପଣ ହିଁ ଆମକୁ ଉର୍ଜା ପ୍ରଦାନ କରିଥାଏ । ଆମର ଜ୍ଞାନର ଚକ୍ଷୁ ଖୋଲିଥାଏ । ଆମେ ଅଭିନବ ସାମର୍ଥ୍ୟରେ ଆନ୍ଦୋଳିତ ହୋଇଯାଇ ଥାଉ । ଏହି ଆସ୍ଥା ଯେତେବେଳେ ମାତା-ପିତା ଉପରେ ହୋଇଥାଏ ତ ଆମେ ଶ୍ରବଣ କୁମାର ପାଲଟି ଯାଇଥାନ୍ତି । ମାତା-ପିତାଙ୍କର ପ୍ରତ୍ୟେକ ଇଚ୍ଛାର ପୂର୍ତ୍ତିର ପାଇଁ କରିବାକୁ ଲାଗିଥାଉ । ଏହାର ଆଶୀର୍ବାଦ କୃପାର ରୂପରେ ବର୍ଷିବାକୁ ଲାଗିଥାଏ । ଏହି ପ୍ରକାର ଆସ୍ଥାର ଶକ୍ତିର ବଳରେ ଆମେ ଜୀବନକୁ ପରିଷ୍କୃତ କରିପାରିବା । ଜୀବନକୁ ନୂଆ ବିସ୍ତାର ଦେଇ ପାରିବା । ଆମର ଆସ୍ଥା ଆମର ଉନ୍ନତିର କାରଣ ହୋଇପାରେ । ତେଣୁ ଆମକୁ ଆସ୍ଥାର ସଠିକ୍ କେନ୍ଦ୍ରକୁ ଖୋଜିବା ଦରକାର ।



ପ୍ରକୃତି ଆମକୁ ସବୁ କିଛି ନିଃସ୍ୱାର୍ଥ ଭାବରୁ ହିଁ ଦେଇଥାଏ । ନଦୀର ଜଳ,ଗଛର ଫଳ,ପୁଷ୍ପ ଆଦି ସବୁ ପରମାର୍ଥଙ୍କ ପାଇଁ ତ ହୋଇଥାଏ । ପ୍ରକୃତି ଉପରେ ଆସ୍ଥା ହିଁ ଆମକୁ ଏସବୁ ଈଶ୍ୱରୀୟ ଗୁଣର ସାମୀପ୍ୟ ପ୍ରଦାନ କରିଥାଏ ।

# ଖାଦ୍ୟରେ ଅଧିକ ଲୁଣ ହୋଇପାରେ

# ହୃଦ୍‌ଘାତର କାରଣ

ପାଟିକୁ ସୁଆଦିଆ ଲାଗିବା ପାଇଁ ରୋଷେଇରେ ଆପଣ ଯେଉଁ ଲୁଣ ବ୍ୟବହାର କରୁଛନ୍ତି, ଏହା ଆପଣଙ୍କ ଜୀବନ ବି ନେଇପାରେ ।ଏଭଳି ଚାଞ୍ଚଲ୍ୟକର ରିପୋର୍ଟ ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ । ଏହି ରିପୋର୍ଟ କୁହାଯାଇଛି ଯେ, ମଣିଷ ସ୍ୱାସ୍ଥ୍ୟ ପାଇଁ କାଳ ସାଜୁଛି ଲୁଣ । ଆଇସିଏମ୍‌ଆର୍ ଦ୍ୱାରା କରାଯାଇଥିବା ସମୀକ୍ଷା ଅନୁସାରେ, ଖାଦ୍ୟ ଥାଳିରେ ଅତିରିକ୍ତ ଲୁଣ ଡାକିଆଣୁଛି ନିଃଶବ୍ଦ ମହାମାରୀ । ଗାଁ ପଖାଳରୁ ନେଇ ସହରୀ ଖାଦ୍ୟ ପିଜ୍ଜା ଲୁଣ ବିନା ଏସବୁ ଖାଦ୍ୟର ସ୍ୱାଦ ଫିକା । ଖାଦ୍ୟରେ ଯେତେ ପ୍ରକାରର ତେଲ ମସଲା ଥାଉ ନା କାହିଁକି ଲୁଣର ଅନୁପାତ ସାମାନ୍ୟ ଏପଟ ସେପଟ ହେଲେ ସଂପୂର୍ଣ୍ଣ ଖାଦ୍ୟର ସ୍ୱାଦ ବିଗିଡ଼ିଯାଏ । ଆମ ଶରୀର ପାଇଁ ଅନ୍ୟାନ୍ୟ ଭିଟାମିନ ଓ ଖଣିଜ ପଦାର୍ଥ ପରି ଲୁଣ ମଧ୍ୟ ବେଶ୍ ଜରୁରୀ । କିନ୍ତୁ, ଅତ୍ୟଧିକ ଲୁଣ ଖାଇବା କାରଣରୁ ସଂପ୍ରତି ସୃଷ୍ଟି ହେଉଛି ଏକ ବିପତ୍ତି । ଭାରତୀୟମାନେ ଅଧିକ ଲୁଣ ଖାଇ ବିପଦ ଡାକିଆଣୁଛନ୍ତି। ଏନେଇ ରିପୋର୍ଟ ଦେଇଛି 'ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ' ବା ଆଇସିଏମଆର। ଆଇସିଏମଆର ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଏପିଡେମିୟୋଲଜିର ବୈଜ୍ଞାନିକମାନେ ଜଣାଇଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଧାରିତ ମାନ ତୁଳନାରେ ଅଧିକାଂଶ ଭାରତୀୟ ପ୍ରତିଦିନ ଅଧିକ ଲୁଣ ଖାଆନ୍ତି । ଏଥିସହ ଲୁଣ ପ୍ରିୟ ଲୋକମାନଙ୍କ ପାଇଁ ବିକଳ୍ପ ଅଭ୍ୟାସ ତିଆରି କରିବାର ପରାମର୍ଶ ଦେଇଛନ୍ତି ବିଶେଷଜ୍ଞମାନେ । ରିପୋର୍ଟରେ କୁହାଯାଇଛି ଯେ, ଦୀର୍ଘଦିନ ଧରି ଅତିରିକ୍ତ ଲୁଣ ଖାଇଲେ ହାଇପରଟେନସନ୍, ହୃଦ୍‌ରୋଗ ବୃଦ୍ଧି ପାଇବାର ଆଶଙ୍କା ଖୁବ୍ ଅଧିକ । ଏପରିକି ଏକା ସାଙ୍ଗରେ କିଡ୍‌ନି ଏବଂ ମସ୍ତିଷ୍କରେ ରକ୍ତକ୍ଷରଣ ସମସ୍ୟା ମଧ୍ୟ ଦେଖାଦେଇପାରେ । ଦୈନିକ ୫ ଗ୍ରାମ୍‌ର ଲୁଣ ଖାଇବାକୁ ପରାମର୍ଶ ଦେଇଥାଏ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ । ମାତ୍ର ମିଳିଥିବା ରିପୋର୍ଟ ଅନୁସାରେ, ସହରୀ ଭାରତୀୟମାନେ ପ୍ରତିଦିନ ହାରାହାରି ୯.୨ଗ୍ରାମ ଲୁଣ ଖାଇଥାଆନ୍ତି । ଯେଉଁଠାରେ ଗ୍ରାମୀଣ ଭାରତୀୟମାନେ ଦିନକୁ ୫.୬ ଗ୍ରାମ୍ ଲୁଣ ଖାଆନ୍ତି । ସହରବାସୀ ପ୍ରାୟତଃ ଫାଷ୍ଟଫୁଡ୍ ଓ ପ୍ୟାକେଜ୍ ଖାଦ୍ୟ ଉପରେ ଅଧିକ ନିର୍ଭରଶୀଳ । ଅଧିକ ଦିନ ସଂରକ୍ଷଣ ଓ ସ୍ୱାଦ ବଢ଼ାଇବା ପାଇଁ ଏହି ଖାଦ୍ୟ ଗୁଡ଼ିକରେ ଅଧିକ ପରିମାଣର ଲୁଣର ବ୍ୟବହାର କରାଯାଇଥାଏ । ତେଣୁ ଏହି ଖାଦ୍ୟଗୁଡ଼ିକରେ ଅଧିକ ପରିମାଣର ସୋଡିୟମ୍ ରହିଥାଏ । ବ୍ୟସ୍ତ ବହୁଳ ଜୀବନଶୈଳୀ ଓ ପ୍ରାୟତଃ ବାହାରେ ଖାଇବା ଯୋଗୁଁ ସହରୀ ଭାରତୀୟ ଅଜାଣତରେ ଅଧିକ ଲୁଣ ଖାଇଥାନ୍ତି । ଫ୍ରେଞ୍ଚ ଫ୍ରାଇଜ୍, ବର୍ଗର, ପିଜ୍ଜା, ବିଭିନ୍ନ ପ୍ରକାରର ଚିପ୍ସ ଓ କୁରକୁରେ ଚିଲିଫ୍ଲେକ୍ସ ସହ ଅଧିକ ଲୁଣର ବ୍ୟବହାର ମଧ୍ୟ କରାଯାଇଥାଏ । ସ୍ୱାଦ ପାଇଁ ରୋଷେୟାମାନେ ମଧ୍ୟ ଖାଦ୍ୟରେ ଅତ୍ୟଧିକ ପରିମାଣର ଲୁଣ ବ୍ୟବହାର କରିଥାନ୍ତି । ଏହାବ୍ୟତୀତ ଅନ୍ୟ ଏକ ଅନୁସନ୍ଧାନରୁ ସ୍ପଷ୍ଟ ଭାବରେ ଜଣାପଡ଼ିଛି ଯେ, ଗ୍ରାମୀଣ ଭାରତୀୟଙ୍କ ଅପେକ୍ଷା ସହରୀ ଭାରତୀୟଙ୍କୁ ଲୁଣିଆ ଓ ଅଧିକ ତେଲମସଲା ଯୁକ୍ତ ଖାଦ୍ୟ ପସନ୍ଦ । ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍‌ର ତଥ୍ୟ ଅନୁସାରେ, ଲୁଣ ଖାଇବା ପ୍ରତି ଆଗ୍ରହର ଏକ ବଡ଼ କାରଣ ହେଉଛି ହରମୋନ ଅସନ୍ତୁଳନ । ଆଲଡୋଷ୍ଟେରନ୍ ନାମକ ଏକ ହରମୋନ ରହିଛି, ଯାହାର ସନ୍ତୁଳନ ବିଗିଡ଼ିଗଲେ ଲୁଣ ଖାଇବାର ଇଚ୍ଛା ଅଧିକ ହୁଏ । ଏହି ହରମୋନର ସନ୍ତୁଳନ ବିଗିଡ଼ିଗଲେ ରକ୍ତଚାପ ବୃଦ୍ଧି ପାଏ, ଶରୀରରେ ପୋଟାସିୟମ୍‌ର ମାତ୍ରା ମଧ୍ୟ ବୃଦ୍ଧି ପାଏ, କିଡ୍‌ନି ସମସ୍ୟା ମଧ୍ୟ ଦେଖାଦେଇପାରେ । ତେବେ ହରମୋନ ଭାରସାମ୍ୟ ବିଗିଡ଼ିବାରେ ଅନ୍ୟ କାରଣ ମଧ୍ୟ ରହିଛି । ଯେମିତିକି ଅନିଦ୍ରା ସମସ୍ୟା ଥିଲେ 'ସଲ୍ଟ କ୍ରେଭିଂ' ବୃଦ୍ଧି ପାଇପାରେ । ଯେଉଁମାନଙ୍କ ଶରୀରରୁ ଅତ୍ୟଧିକ ଝାଳ ନିର୍ଗତ ହୁଏ, ସେମାନଙ୍କର ଲୁଣିଆ ଖାଦ୍ୟ ପ୍ରତି ଆକର୍ଷଣ ଅଧିକ ଥାଏ ।








# ଶ୍ରାବଣ ମାସରେ ଆମିଷ ଖିଆଯାଏ ନାହିଁ

ଶ୍ରାବଣ ମାସରେ ଲୋକମାନେ ଆମିଷ ଖାଦ୍ୟ ଖାଇବା ଛାଡି ଦିଅନ୍ତି। ଏହାର କାରଣ ଧାର୍ମିକ ବୋଲି କୁହାଯାଏ। ତଥାପି, ଏହା ଶରୀରର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ। ଶ୍ରାବଣ ମାସରେ ଆମିଷ ଖାଦ୍ୟ ତ୍ୟାଗ କରିବା ପଛରେ ଏକ ଧାର୍ମିକ କାରଣ ଅଛି। କୁହାଯାଏ ଯେ, ଏହା ଭଗବାନ ଶିବଙ୍କର ପ୍ରିୟ ମାସ, ତେଣୁ ଏହି ମାସରେ ଆମିଷ ଖାଇବା ଉଚିତ୍ ନୁହେଁ। ଯଦି ଆମେ ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିବା, ତେବେ ମଧ୍ୟ କୁହାଯାଏ ଯେ, ବର୍ଷା ଦିନେ ସୂର୍ଯ୍ୟ କମ୍ ସମୟ ପାଇଁ ଦୃଶ୍ୟମାନ ହେଉଥିବାରୁ ଆମିଷ ଭଳି ତାମସିକ ଖାଦ୍ୟ ସହଜରେ ହଜମ ହୋଇ ନଥାଏ। ହଜମ ହେବାକୁ ଅଧିକ ସମୟ ଲାଗିଥାଏ। ଭାରତ ପରି, ନେପାଳ, ଶ୍ରୀଲଙ୍କା, ଥାଇଲ୍ୟାଣ୍ଡ ଏବଂ ମିଆଁମାରରେ ଶ୍ରାବଣ ମାସରେ ଏକ ବଡ଼ ଜନସଂଖ୍ୟା ଆମିଷ ଖାଦ୍ୟ ତ୍ୟାଗ କରିଥାନ୍ତି। ଏହା ପଛରେ କେବଳ ଧାର୍ମିକ କାରଣ ନାହିଁ, ବରଂ ଲୋକମାନେ ସାଂସ୍କୃତିକ କାରଣରୁ ମଧ୍ୟ ଏପରି କରିଥାନ୍ତି। ଶ୍ରାବଣ ମାସରେ ଆମିଷ ଖାଦ୍ୟ ବନ୍ଦ କରୁଥିବା ଦେଶର ତାଲିକାରେ ପ୍ରଥମ ନାମ ହେଉଛି ନେପାଳ। ଏହାର ସଂସ୍କୃତି ଭାରତ ସହିତ ସମାନ। ତେଣୁ ଶ୍ରାବଣ ଏବଂ ନ ବ ର । ତ୍ରି ଅବସରରେ, ଏଠାକାର ଲୋକମାନେ ମଧ୍ୟ ଆମିଷ ଖାଦ୍ୟ ଖାଇବା ବନ୍ଦ କରିଦିଅନ୍ତି। ବିଶେଷକରି ହିନ୍ଦୁ ବହୁଳ ଅଞ୍ଚଳରେ ଏହି ସମୟରେ ଆମିଷ ଖାଦ୍ୟକୁ ପସନ୍ଦ କରାଯାଏ ନାହିଁ। ଭାରତ ପରି, ଏଠାରେ ମଧ୍ୟ, ନବରାତ୍ରି ସମୟରେ ନଅ ଦିନ ପାଇଁ, ଶ୍ରାବଣର ସମସ୍ତ ସୋମବାରରେ ଆମିଷ ଖାଦ୍ୟ ପରିହାର କରାଯାଇଥାଏ। ସେହିପରି ଶ୍ରୀଲଙ୍କାରେ ବୌଦ୍ଧ ଧର୍ମ ପ୍ରମୁଖ ଧର୍ମ। ଜୁଲାଇରୁ ଅକ୍ଟୋବର ପର୍ଯ୍ୟନ୍ତ ଭାସାୟା କାଳ ପାଳନ କରାଯାଇଥାଏ। ଏହି ସମୟରେ ବୌଦ୍ଧ ଭିକ୍ଷୁମାନେ ମଠରେ ରୁହନ୍ତି ଏବଂ ଶ୍ରଦ୍ଧାଳୁମାନେ ସଂଯମତା ପାଳନ କରିଥାନ୍ତି। ଏହି ସମୟ ମଧ୍ୟରେ ଶ୍ରୀଲଙ୍କାର ଏକ ବଡ଼ ଜନସଂଖ୍ୟା ଆମିଷ ଭୋଜନ ତ୍ୟାଗ କରିଥାନ୍ତି। ଗ୍ଲୋବାଲ୍ ଡାଏଟ୍ କ୍ୱାଲିଟି ପ୍ରୋଜେକ୍ଟ ଅନୁଯାୟୀ, ଶ୍ରୀଲଙ୍କାର ପ୍ରାୟ ୭୫ ପ୍ରତିଶତ ଲୋକ ପ୍ରତିଦିନ ଆମିଷ ଭୋଜନ କରନ୍ତି। କିନ୍ତୁ ଜୁଲାଇରୁ ଅକ୍ଟୋବର ମଧ୍ୟରେ ଏହି ସଂଖ୍ୟା ୩୦ ରୁ ୪୦ ପ୍ରତିଶତ ହ୍ରାସ ପାଇଥାଏ। ଥାଇଲ୍ୟାଣ୍ଡ ଏହାର ନିରାମିଷ ଖାଦ୍ୟ ପାଇଁ ପ୍ରସିଦ୍ଧ। କିନ୍ତୁ ଶ୍ରାବଣ ମାସରେ ଏବଂ ତା'ପରେ ସେପ୍ଟେମ୍ବର ଏବଂ ଅକ୍ଟୋବରରେ, ଆମିଷ ଖାଦ୍ୟର ବ୍ୟବହାର ଦେଶରେ କମ୍ ଦେଖାଯାଇଥାଏ। ଏଠାରେ ନିରାମିଷ ପର୍ବ ପାଳନ କରାଯାଇଥାଏ। ବିଶେଷକରି ଚୀନ୍ ବଂଶୋଦ୍ଭବ ଥାଇ ଲୋକମାନେ ସମ୍ପୂର୍ଣ୍ଣ ଶାକାହାରୀ ହୋଇଥାନ୍ତି। ସେମାନେ ମାଛ, ମାଂସ ସହିତ ରସୁଣ, ପିଆଜ, ମଦ୍ୟପାନ ଇତ୍ୟାଦିକୁ ମଧ୍ୟ ସ୍ପର୍ଶ କରନ୍ତି ନାହିଁ। ଗ୍ରୀନ୍ ଓସେନ୍‌ର ଏକ ରିପୋର୍ଟ ଅନୁଯାୟୀ, ଥାଇଲ୍ୟାଣ୍ଡରେ ପ୍ରାୟ ୭୫ ରୁ ୮୦ ପ୍ରତିଶତ ଲୋକ ନିୟମିତ ଭାବରେ ଆମିଷ ଖାଦ୍ୟ ଗ୍ରହଣ କରିଥାନ୍ତି। ନିରାମିଷ ପର୍ବ ସମୟରେ, ଏହି ବ୍ୟବହାର ୭୦ ରୁ ୮୦ ପ୍ରତିଶତ ହ୍ରାସ ପାଇଥାଏ। ବୌଦ୍ଧ ଧର୍ମ ମଧ୍ୟ ମିଆଁମାରରେ ଏକ ପ୍ରମୁଖ ଧର୍ମ। ସେଠାରେ ମଧ୍ୟ ବହୁ ସଂଖ୍ୟକ ଲୋକ ଜୁଲାଇରୁ ଅକ୍ଟୋବର ପର୍ଯ୍ୟନ୍ତ ଭସାୟା ସମୟରେ ଆମିଷ ଖାଦ୍ୟ ତ୍ୟାଗ କରିଥାନ୍ତି। ଫୁଡ୍ ନାଭିଗେଟରଙ୍କ ଅନୁଯାୟୀ, ମିଆଁମାରର ପ୍ରାୟ ୭୦ ରୁ ୮୦ ପ୍ରତିଶତ ଜନସଂଖ୍ୟା ଆମିଷ ଖାଦ୍ୟ ଖାଆନ୍ତି।



# ଚାଷୀ ବେହାଲ, ସାର ବେପାରୀ ମାଲେମାଲ୍

## ।।।।।। ବଲାଙ୍ଗିରରେ ବଢୁଛି କଳାବଜାର ! ।।।।।।

ବଲାଙ୍ଗିର,(ନିପ୍ର): ବଲାଙ୍ଗିର ଜିଲ୍ଲାରେ ଚାଷୀଙ୍କ ହାଲ୍ ବେହାଲ ଥିବା ବେଳେ ସାର କଳାବଜାର କରୁଥିବା ବ୍ୟବସାୟୀମାନେ ମାଲେମାଲ୍ ହେଉଥିବା ଦେଖିବାକୁ ମିଳୁଛି । ଦିନକୁ ଦିନ ଜିଲ୍ଲାରେ ସାର କଳାବଜାର ବଢିବାରେ ଲାଗିଛି । ଏହାରି ପଛରେ ଜିଲ୍ଲା କୃଷି ବିଭାଗର କିଛି ଅସାଧୁ କର୍ମଚାରୀଙ୍କ ପ୍ରଚ୍ଛଦ ହାତ ରହିଥିବା କୁହାଯାଇଛି ।

ଠିକ୍ ସମୟରେ ସାର ଯୋଗାଇବା ପାଇଁ ଜିଲ୍ଲାରେ ୧୪୪ଟି ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନ ରହିଛି । ସେହିପରି ୬୭୩ଟି ଘରୋଇ ଦୋକାନ ଅଛି । ହେଲେ ବ୍ଲକର ବିଭିନ୍ନ ସାର ଦୋକାନୀ ଦୁଇଗୁଣା ଦର କରି ସାର ବିକ୍ରି କରୁଥିବା ଅଭିଯୋଗ ହେଉଛି । ଡିଏପି ବସ୍ତା ପିଛା ସରକାରୀ ଦର ୧୩୫୦ରୁ ୧୪୭୦ ଥିବା ବେଳେ ୧୮୦୦ ରୁ ୨୦୦୦ ହଜାର ପର୍ଯ୍ୟନ୍ତ ଦାମରେ ବିକ୍ରି କରାଯାଉଛି । ସେହପରି ପଟାସ ମଧ୍ୟ ୧୭୦୦ ଟଙ୍କା ଥିବାବେଳେ ୨୦୦୦ହଜାର ଟଙ୍କା ଉପରେ ବିକ୍ରି ହେଉଛି । ସଦର ବ୍ଲକ ଚୁଡାପାଲି, ପାଟଣାଗଡ, ଦେଓଗାଁ, ସଇନ୍ତଳା, ତୁଷୁରା ଅଂଚଳ ସମେତ ଜିଲ୍ଲାର ପ୍ରାୟ ସମସ୍ତ




ବ୍ଲକ ଅଂଚଳରେ ଚଢା ଦରରେ ସାର ବିକ୍ରି ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ଚାଷ ବିଲରେ ତଳି ପକା କାମ ଆଗେଇ ଚାଲିଥିବାରୁ ଗ୍ରୋମର, ଡିଏପି ଓ ପଟାସ ସାରର ଅଧିକ ଚାହିଦା ରହିଛି । ଏହାର ସୁଯୋଗ ନେଇ କିଛି ଲାଭଖୋର ବେପାରି ଅଧିକ ଲାଭ ପାଇବା ଆଶାରେ ବ୍ୟବସାୟୀ ସହ ମିଶି ଚାଷୀଙ୍କୁ ଚଢାଦରରେ ସାର ବିକ୍ରି କରୁଛନ୍ତି । ମୁରିବାହାଲ, ଟିଟିଲାଗଡ, ପାଟଣାଗଡ, ଖପ୍ରାଖୋଲ, ପୁଇନ୍ତଳା, ଗୁଡଭେଲା ବ୍ଲକ ଅଂଚଳରେ ହେଉଥିବା କପା ଚାଷ ପାଇଁ ଅଧିକ ମାତ୍ରାରେ ଗ୍ରୋମର ସାର ଅବଶ୍ୟକତା ରହିଛି । ହେଲେ ବ୍ଲକରେ ନିଯୁକ୍ତ ହୋଇଥିବା ଡିଲର ରସାୟନିକ ସାର କଳାବଜାର କରି ଉଚ୍ଚ ଦରରେ ବିକ୍ରି କରୁଥିବାରୁ ଚାଷୀ ବହୁ କ୍ଷତିରେ ରହୁଥିବା ଅଭିଯୋଗ କରଛନ୍ତି । ଏପରିକି ପ୍ୟାକ୍ସ ଗୁଡିକ ମଧ୍ୟ ସାର ବସ୍ତା ପ୍ରତି ଅଧିକ ୫୦ଟଙ୍କା ନେଉଛନ୍ତି । ଅନ୍ୟପଟେ ଖପ୍ରାଖୋଲ, ପାଟଣାଗଡକୁ ନୂଆପଡା ଓ ବରଗଡ ଜିଲ୍ଲାରୁ ଏବଂ ଗୁଡଭେଲାକୁ କଳାହାଣ୍ଡି ଜିଲ୍ଲା ଦେଇ ସାର ଚୋରାରେ ଆଣାଯାଇ ବିକ୍ରି କରୁଛନ୍ତି ଲାଭଖୋର ବ୍ୟବସାୟୀ । ଜିଲ୍ଲା କୃଷି ବିଭାଗ ସାର କଳାବେପାରୀଙ୍କ ଉପରେ ଚଢଉ କରି ଆବଶ୍ୟକ ପଦକ୍ଷେପ ନେବା ସହ ଜିଲ୍ଲାପାଳ ଏଥିପ୍ରତି ଧ୍ୟାନ ଦେବାକୁ ଚାଷୀ ମହଲରେ ଦାବି ହେଉଛି ।

## ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ନାଗରିକ ମଞ୍ଚ ପକ୍ଷରୁ ଚାରାରୋପଣ

ନିମାପଡ଼ା,(ନି.ପ୍ର.): ନିମାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ବିଭିନ୍ନ ରାସ୍ତା ପାର୍ଶ୍ୱରେ ବନୀକରଣ କରିବା ଉଦ୍ଦେଶ୍ୟରେ ବୃକ୍ଷରୋପଣ କାର୍ଯ୍ୟ ଜାରି ରହିଛି ବୋଲି ସଂପାଦକ ଦିଗମ୍ବର ନାୟକ ସୂଚନା ଦେଇଛନ୍ତି । ଚଳିତ ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହୋଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ନିମାପଡ଼ା-ଅଠାନ୍ତର ରାସ୍ତାର ଓମ୍‌ଫେଡ୍ ଛକ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଶନିବାର ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା । ନିମ୍ବ, ବେଲ, ଆକାଶୀ, କୃଷ୍ଣଚୂଡ଼ା, ଦେବଦାରୁ, ଜାମୁ ଆଦି ବିଭିନ୍ନ ଗଛ ଲଗାଯାଇ ପରିବେଶର ସୁରକ୍ଷା ପାଇଁ ମଞ୍ଚ ସଭ୍ୟ, ସଭ୍ୟାଙ୍କ ଉଦ୍ୟମକୁ ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ ସାଧୁବାଦ ଜଣାଇଛନ୍ତି । ଯୋଗ ପ୍ରଶିକ୍ଷକ ତଥା ପ୍ରକୃତି ପ୍ରେମୀ ସୁରେନ୍ଦ୍ର ସାହୁ, ସହ ସଂପାଦକ ଦୀନବନ୍ଧୁ ମଲ୍ଲିକ, ଦଣ୍ଡପାଣି ସାହୁ, ଆଖଣ୍ଡଳମଣି ଦାସ, ଶ୍ୟାମ ସୁନ୍ଦର ଦେଓ, ଗୋରାଚାନ୍ଦ ଶତପଥୀ, ସୁଦର୍ଶନ ଓଝା, ରାଜେନ୍ଦ୍ର ପାତ୍ର, ସୁଧୀର ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ପୋଲିସ ଚଢ଼ଉ, ଦେଶୀମଦ ଜବତ, ଚୋରା ବ୍ୟବସାୟୀ ଗିରଫ

ନିମାପଡ଼ା,(ନି.ପ୍ର.): ନିମାପଡ଼ା ଥାନା ଅଂଚଳରେ ଚୋରା ମାଦକ ଦ୍ରବ୍ୟ କାରବାର ଅନେକାଂଶରେ ବୃଦ୍ଧି ପାଇଥିଲେ ହେଁ ଅବକାରୀ ବିଭାଗ ପକ୍ଷରୁ କାଁ ଭାଁ ଚଢ଼ାଉ କରାଯାଇ କେବଳ ଟାର୍ଗେଟ ପୂରଣ ପାଇଁ ଉଦ୍ୟମ ଜାରିଥିବା ଲକ୍ଷ୍ୟ କରାଯାଇଛି । ଅବକାରୀ ବିଭାଗ ଏବଂ ପୋଲିସ ପ୍ରଶାସନ ମଧ୍ୟରେ ସମନ୍ୱୟ ନ ଥିବାରୁ ଚୋରା ବ୍ୟବସାୟୀମାନେ ସହଜରେ ତାଙ୍କ ସାମ୍ରାଜ୍ୟ ବୃଦ୍ଧି କରିବାରେ ଲାଗିଛନ୍ତି । ଗତ ଗୁରୁବାର ନିମାପଡ଼ା ପୋଲିସ ରେଙ୍ଗାଲୋ ଛକ ନିକଟସ୍ଥ ଜନୈକ ଚୋରା ମଦ ବ୍ୟବସାୟୀଙ୍କ ଘରେ ଚଢ଼ାଉ କରି ୭୫ ବୋତଲ ଆସ୍କା ଫର୍ଟି ମଦ ଜବତ କରି ଆସାମୀ କାଳନ୍ଦୀ ସେଠୀଙ୍କୁ ଗିରଫ କରିଥିବା ଥାନା ସୂତ୍ରରୁ ପ୍ରକାଶ । ଏ ସଂକ୍ରାନ୍ତରେ ଏକ ମୋକଦ୍ଦମା ରୁଜୁ କରି ପୋଲିସ ଆସାମୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଥିବା ସୂଚନା ମିଳିଛି ।

## 'ଭାରତ ଇତିହାସ' ଲୋକାର୍ପିତ

ନିରାକାରପୁର,(ନିପ୍ର): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ କାଇପଦର, ଖୋର୍ଦ୍ଧା ଅଧକ୍ଷଙ୍କ କାର୍ଯ୍ୟାଳୟରେ ଭି. କେ. ଗ୍ଲୋବାଲ, ନୂତନ ଦିଲ୍ଲୀ ଦ୍ୱାରା ପ୍ରକାଶିତ ଓ ଅଧ୍ୟାପକ ଜନ୍ମେଜୟ ଚୌଧୁରୀଙ୍କ ଦ୍ୱାରା ରଚିତ ଜାତୀୟ ଶିକ୍ଷାନୀତି ଏନଇପି ଅନୁସାରେ ଯୁକ୍ତ ୩ ଦ୍ୱିତୀୟ ଶ୍ରେଣୀ ନିମନ୍ତେ ଭାରତ ଇତିହାସ ୩ (ଖ୍ରୀ. ପୂ. ୭୫୦ ରୁ ୧୨୦୬) ପୁସ୍ତକଟି ଅଧକ୍ଷ ପ୍ରତାପ କିଶୋର ଛୋଟରାୟଙ୍କ ଲୋକାର୍ପିତ ହୋଇଛି । ଏହି ଅବସରରେ ପ୍ରକାଶକ ଅଧିକାରୀ ସୁଦର୍ଶନ ବେହେରା, ଲେଖକ ଡଃ. ଜନ୍ମେଜୟ ଚୌଧୁରୀ, ଉପାଧକ୍ଷା ସଚଳା ସାମନ୍ତରାୟ, ଅଧ୍ୟାପିକା ଅନୁପମା ଚମ୍ପତିରାୟ, ଅଧ୍ୟାପିକା ଡଃ. ସଂଯୁକ୍ତା ପଟ୍ଟନାୟକ, ଅଧ୍ୟାପିକା ଅନିତା ଦାଶ, ଅଧ୍ୟାପକ ମାନସ କୁମାର ଜୟସିଂହ, ଅଧ୍ୟାପକ ଡଃ. ସୁମନ୍ତ ଦେହେରୀ, ଅଧ୍ୟାପକ ମନ ସତନାମୀ ସମେତ ଅନେକ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଏହି ଉପାଦେୟ ପୁସ୍ତକଟି ପ୍ରତି ମହାବିଦ୍ୟାଳୟରେ ଗ୍ରହଣୀୟ ହେବ ବୋଲି ମତବ୍ୟକ୍ତ କରିଥିଲେ ।

## ମାଆଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ




ବେଲଗୁଣ୍ଠା, (ନିପ୍ର): ଭାରତ ସରକାରଙ୍କର କ୍ରୀଡ଼ା ମନ୍ତ୍ରାଳୟ ତରଫରୁ ମେରା ଯୁବା ଭାରତ ଆନୁକୂଲ୍ୟରେ ବେଲଗୁଣ୍ଠା ବ୍ଲକ୍ ନେଟଙ୍ଗା ଗ୍ରାମ ପଞ୍ଚାୟତର ଅଭିମନ୍ୟୁ ନଗରରେ ମାଆଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ବିବେକାନନ୍ଦ ଯୁବକ ସଂଘର ସଦସ୍ୟ ସଦସ୍ୟାମାନେ ପୃଥିବୀର ଦୀର୍ଘ ଜୀବନ ପାଇଁ ଏହାକୁ ସବୁଜ ସୁନ୍ଦର କରିବାର ଆବଶ୍ୟକତା ରହିଛି ବୋଲି ସଚେତନତା ବାର୍ତ୍ତା ପ୍ରଦାନ କରିବା ସହ ଅଭିମନ୍ୟୁ ନଗର ରାସ୍ତାର ଉଭୟ ପାର୍ଶ୍ୱ ଏବଂ ଖାଲି ସ୍ଥାନରେ କଦମ୍ବ,ଅଶୋକ,ଅଁଳା, ପିଜୁଳି,ଜାମୁ,ନିମ୍ବ ଭଳି ବିଭିନ୍ନ କିସମର ଚାରା ରୋପଣ କରିଥିଲେ । କାର୍ଯ୍ୟକ୍ରମରେ ଅଭିମନ୍ୟୁ ନଗରର ଯୁବକମାନେ ସହଯୋଗ କରିଥିଲେ ଓ ସ୍ୱେଚ୍ଛାସେବୀ ଦିପ୍ତିମୟୀ ବେହେରା ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଏବଂ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଜିଲ୍ଲାସ୍ତରୀୟ ଲୋକ ଅଦାଲତ: ୧୫ ଟି ମୋକଦ୍ଦମା ଆପୋସ ସମାଧାନ

ଭଦ୍ରକ(ନିପ୍ର): ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ପ୍ରଥମ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଭଦ୍ରକ ଜ଼ିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆଇନ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିବା ବେଳେ ଜ଼ିଲ୍ଲା ଆଇନ ସେବା ପ୍ରାଧିକାରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି ଲୋକଅଦାଲତକୁ ପରିଚାଳନା କରିଥିଲେ । ମୋଟ ୩୯,୦୩,୬୮୧ ଟଙ୍କାରେ ୧୫ ଟି ମୋକଦ୍ଦମାର ଆପୋଷ ସମଧାନ ହୋଇଥିଲା । ଏହି ଲୋକ ଅଦାଲତରେ ୧୫ ଟି ଚେକ୍‌ବାଉନ୍ସ, ପୁନଃରୁଦ୍ଧାର ମାମଲା ଗୁଡ଼ିକ ଆପୋଷ ବୁଝା ମଣା ମାଧ୍ୟମରେ ସମାଧାନ କରାଯାଇଅଛି ।

## ନାର୍ଯ୍ୟ ଦାବି ହାସଲ ପାଇଁ ସଂଘର ଆନ୍ଦୋଳନ ନିଷ୍ପତ୍ତି

କୋଣାର୍କ,(ନିପ୍ର): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘ ଆହ୍ୱାନ କ୍ରମେ କୋଣାର୍କ ନିକଟସ୍ଥ ସୋରଭା ଗ୍ରାମପଞ୍ଚାୟତର ଅଗ୍ରଣୀ ଶିକ୍ଷାନୁଷ୍ଠାନ ନାରାୟଣୀ ବିଦ୍ୟାପୀଠ ଠାରେ ଗୋପ ବ୍ଲକ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୋପ ବ୍ଲକ ଓଷ୍ଟାର ସଭାପତି ମହେନ୍ଦ୍ର କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଷ୍ଟାର ଜିଲ୍ଲା ସଂପାଦକ ବିଭୁଦତ୍ତ ନାୟକ, ଗୋପ ବ୍ଲକ ସଂପାଦକ ରାମକୃଷ୍ଣ ମହାନ୍ତି, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ କୁମାର ଜେନା, କାକଟପୁର ବ୍ଲକ ଗୋପାଳ କୃଷ୍ଣ ବାରିକ, ଗୋପ ବ୍ଲକର ପ୍ରାକ୍ତନ ସଂପାଦକ କୃପାସିନ୍ଧୁ ବିଶ୍ୱାଳ, ପ୍ରାକ୍ତନ ସଭାପତି ଅର୍ଜୁନ ଚରଣ ବେହେରା, ଗୋପ ବ୍ଲକ କାର୍ଯ୍ୟକାରୀ ସଭାପତି କଳ୍ପନା ସାହୁ, ଉପସଭାପତି ମକର ଧ୍ୱଜ ବେହେରା ଓ ରମାକାନ୍ତ ସେଠୀ ପ୍ରମୁଖ ଯୋଗଦେଇଥିଲେ । ସରକାରଙ୍କ ଏକ ବର୍ଷ ବିତିଯାଇଥିଲେ ମଧ ଶିକ୍ଷକ କର୍ମଚାରୀ ସଂଘର ନାର୍ଯ୍ୟ ଦାବି ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲା ବେଳେ ସମାସ୍ୟାର ସମାଧାନ ଦିଗରେ ଅହେତୁକ ବିଳମ୍ବ କରୁଛନ୍ତି ବୋଲି ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ଏହି ଦାବିଗୁଡ଼ିକ ମଧ୍ୟରେ ୧୯୪ ବିଦ୍ୟାଳୟ ପାଇଁ ଅନୁଦାନ ବ୍ୟବସ୍ଥା, ଅବସର ଗ୍ରହଣ କରିଥିବା ଶିକ୍ଷକ କର୍ମଚାରୀମାନଙ୍କୁ ପେନସନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କୁ ଗୁହାରି କରାଯାଇଥିଲା ବେଳେ ସରକାର ଏଥିପ୍ରତି ବୈମାତୃକ ମନୋଭାବ ପୋଷଣ ଯୋଗୁଁ ଏହି ଦାବି ପୂରଣ ହୋଇ ପାରୁ ନାହିଁ ବୋଲି ଶିକ୍ଷକ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଛନ୍ତି । ଦାବି ପୂରଣ ନ ହେଲେ ଆସନ୍ତା ୨୭ ତାରିଖରେ ସଂଘର ଜିଲ୍ଲାସ୍ତରୀୟ କନଭେନସନ, ଅଗଷ୍ଟ ତାରିଖରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ, ଅଗଷ୍ଟ ୮ତାରିଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଧାରଣା ଓ ପ୍ରତିବାଦ ସହିତ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଆଇନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଗୋପ ବ୍ଲକ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ସଭାପତି ମହେନ୍ଦ୍ର କୁମାର ପାଢୀ ଓ ସଂପାଦକ ରାମକୃଷ୍ଣ ମହାନ୍ତି ପ୍ରମୁଖ ପ୍ରକାଶ କରିଛନ୍ତି । ଆସନ୍ତା ଅଗଷ୍ଟ ୧୬ ତାରିଖ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ବିଧାନସଭା ଘେରାଉ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଏହାକୁ ଗୋପ ବ୍ଲକ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ପୂର୍ଣ୍ଣ ସମର୍ଥନ ଦିଆଯିବ ବୋଲି ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା ।

## ହାଇୱା ଗାଏବ ଘଟଣା ପୁଲିସର କାର୍ଯ୍ୟକଳାପକୁ ନେଇ ସନ୍ଦେହ

ବଲାଙ୍ଗିର,(ନିପ୍ର): ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଥାନା ପରିସରରୁ ଜବତ ଦୁଇଟି ହାଇୱା ରାତାରାତି ଗାଏବ୍ ହେବା ଘଟଣାରେ ପୁଲିସର ଭୂମିକା ସନ୍ଦେହଘେରକୁ ଚାଲିଆସିଛି । ଗତ ବୁଧବାର ବିଳମ୍ବିତ ରାତିରେ ବାଲି ବୋଝେଇ ଦୁଇଟି ହାଇୱାକୁ ଜବତ କରି ସିନ୍ଧେଇକେଲା ପୁଲିସ ଥାନାକୁ ଆଣିଥିଲା । କିନ୍ତୁ ଗୁରୁବାର ସକାଳ ହେଲା ବେଳକୁ ଉଭୟ ହାଇୱାର ଆଉ ପତ୍ତା ମିଳିନଥିଲା । ତେବେ ହାଇୱା ଦୁଇଟିକୁ ପୁଲିସ ଜବତ କଲା କାହିଁକି, ପୁଲିସ ଥାନା ପରିସରକୁ ଆଣି ରାତାରାତି ଛାଡିଲା କାହିଁକି, କେଉଁକେଉଁ ପୁଲିସ ଅଧିକାରୀ କିମ୍ବା କର୍ମଚାରୀ ଏହି ଘଟଣାରେ ସାମିଲ ଥିଲେ । ଯଦି ବେଆଇନ ବାଲି ଚାଲାଣ କରୁଥିବା ହାଇୱାକୁ ପୁଲିସ ଜବତ କଲା ତେବେ ଖଣି ବିଭାଗକୁ ଖବର ଦେଲା ନାହିଁ କାହିଁକି । ଏସବୁର ପ୍ରଶ୍ନର ଉତ୍ତର ଦେବାକୁ କେହି ନାହାନ୍ତି । ଥାନା ଅଧିକାରୀ ଏନେଇ କୌଣସି ସ୍ପଷ୍ଟି କରଣ ରଖୁ ନାହାନ୍ତି । ଶନିବାର ସିନ୍ଧେକେଲା ଥାନାକୁ ଟିଟିଲାଗଡ ଏସଡିପିଓ ଯଶୋବନ୍ତ ପ୍ରଧାନୀ ଆସିଥିଲେ । ତେବେ ସେ ମାମଲାର ତଦନ୍ତ କରିବାକୁ ଆସିଥିଲେ ନା ଔପଚାରିକ ଗସ୍ତରେ ଥିଲେ, ତାହା ଜଣାପଡିନାହିଁ । ଉପସ୍ଥିତ କିଛି ଗଣମାଧ୍ୟମ ପ୍ରତିନିଧି ପ୍ରତିକ୍ରିୟା ଲୋଡିବାରୁ କିଛି କହି ନଥିଲେ । ପ୍ରକାଶ ଯେ, ପ୍ରତିଦିନ ସିନ୍ଧେକେଲା ଅଂଚଳ ଦେଇ ଉନ୍ଦେର ନଦୀରୁ ବାଲି ଚୋରାଚାଲଣ ହେଉଥିବା ଅଭିଯୋଗ ହୋଇଆସୁଛି ।

## ସିଡିଏରେ ପ୍ରଧାନମନ୍ତ୍ରୀଙ୍କ 'ମନ କୀ ବାତ'

କଟକ, (ନିପ୍ର): ସିଡ଼ିଏ ଠାରେ ବିଜେପି ନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ କି ବାତ କାର୍ଯ୍ୟକ୍ରମ ଶୁଣିବା ଲାଗି ବହୁ ବୁଦ୍ଧିଜୀବି, ମୁରବୀ, ସ୍ୱାମୀ ମହେଶା ନନ୍ଦଜୀଙ୍କ ସମେତ ସାଂସଦ ଭର୍ତ୍ତୃହରି ମହତାବ, ଲକ୍ଷ୍ମୀଧର ପ୍ରଧାନ, ଦେବାଶିଷ ରାଏ, ସନ୍ଦୀପ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ମନ କି ବାତରେ ପ୍ରଧାନ ମନ୍ତ୍ରୀ ଆଜି ଓଡ଼ିଶାକୁ ପ୍ରଶଂସା କରିଛନ୍ତି । ବିଶେଷ କରି କେନ୍ଦୁଝର ଅଞ୍ଚଳର ମହିଳା ସଂକୀର୍ତ୍ତନ ଦଳ ସଂକୀର୍ତ୍ତନ ମାଧ୍ୟମରେ ପରିବେଶ ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି । ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ମନ କୀ ବାତରେ କେତୋଟି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଛନ୍ତି । ମନ କି ବାତରେ ଭାରତର ମହାକାଶ ଯାତ୍ରା ସଫଳ ସଂପର୍କରେ ଉଲ୍ଲେଖ କରି କହିଲେ ଆସନ୍ତା ମାସରେ ଭାରତ ମହାକାଶ ଦିବସ ପାଳନ କରିବ । ଏଥି ସହିତ ପ୍ରଧାନମନ୍ତ୍ରୀ ଆତ୍ମ ନର୍ଭରଶୀଳ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସାଂସଦ ଭର୍ତ୍ତୃହରି ମହତାବ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ ଯେ, ପ୍ରଧାନମନ୍ତ୍ରୀ ଓଡ଼ିଶାର




କେନ୍ଦୁଝର ଜିଲ୍ଲା ଅଞ୍ଚଳରେ ମହିଳା ସଂକୀର୍ତ୍ତନ ଦଳର ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି । ସଂକୀର୍ତ୍ତନ ଆମ ପ୍ରାଚୀନ ସଂସ୍କୃତିର ଏକ ପରମ୍ପରା ସଂକୀର୍ତ୍ତନ ମାଧ୍ୟମରେ ସମାଜକୁ ସଚେତନ କରାଯାଏ ଏହାର ବହୁ ଦୃଷ୍ଟାନ୍ତ ରହିଛି । ସେହିଭଳି ଛତିଶଗଡ଼ ଓ ଝାଡଖଣ୍ଡ ଅଞ୍ଚଳରେ ମହିଳାମାନେ ଅସ୍ତ୍ରତ୍ୟାଗ କରି ମାଛ ଚାଷ ଉପରେ ମନୋନିବେଶ କରିଛନ୍ତି । ଏହା ଭାରତ ପାଇଁ ଏକ ଶୁଭ ଲକ୍ଷଣ । ଶ୍ରୀ ମହତାବ କହିଲେ ମୋଦିଙ୍କ ମନ କି ବାତରେ ଆତ୍ମ ନିର୍ଭରଶୀଳ ପାଇଁ ବାର୍ତ୍ତା ଏବେ । ସ୍ୱଚ୍ଛଭାରତର ବାର୍ତ୍ତା ଏକ ନିଶ୍ଚିତ ପ୍ରଶଂସନୀୟ ବୋଲି କହିଛନ୍ତି ।

## ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ ଶୁଭାରମ୍ଭ

ନିମାପଡ଼ା, (ନି.ପ୍ର.): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶନିବାର ଦିନ ୩୨ଟି ପଞ୍ଚାୟତ ସମେତ ନିମାପଡ଼ା ଏନ୍‌ଏସିରେ ମୋଟ ୩୭୯ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ମହିଳା ଓ ଶିଶୁ ମାନଙ୍କର ସୁରକ୍ଷା ପାଇଁ 'ବେଟି ବଚାଓ ବେଟି ପଢ଼ାଓ' ଆହ୍ୱାନ ଦେଇ ସମସ୍ତ ଗ୍ରାମରେ ନିମାପଡ଼ା ଶିଶୁ ବିକାଶ ବିଭାଗ ଅଧିକାରିଣୀ ମାଧବୀ ମହାପାତ୍ର ଓ ସମସ୍ତ ପରିଦର୍ଶିକାଙ୍କ ତତ୍ତ୍ୱାବଧାନରେ ୩୭୯ଟି ଅଙ୍ଗନୱାଡ଼ି କେନ୍ଦ୍ରର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ସହାୟିକା, ଗ୍ରାମର ମହିଳା ଓ କିଶୋରୀ ବାଳିକା ମାନଙ୍କୁ ନେଇ ଏହି ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ଏବଂ ସମସ୍ତ ଗ୍ରାମ ଓ ସହରାଂଚଳ ପରିକ୍ରମା କରାଯାଇଥିଲା । ଏହି ସଚେତନତା ଶୋଭାଯାତ୍ରାରେ ମହିଳା ଓ କିଶୋରୀ ବାଳିକା ସହାୟତା ପାଇଁ ୧୮୧, ଶିଶୁ ସହାୟତା ପାଇଁ ୧୦୯୮ ଓ ଜରୁରୀକାଳୀନ ସହାୟତା ପାଇଁ ୧୧୨ ଟୋଲ୍ ଫ୍ରି ନମ୍ବରରେ ଯୋଗଯୋଗ କରିବା ପାଇଁ ସୂଚନା ଦିଆଯାଇଥିଲା । ସମସ୍ତ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟ ମାନଙ୍କରେ ଆଇସିସି ବା ଇଣ୍ଟରନାଲ କମ୍ପ୍ଲେନ୍ କମିଟି ଗଠନ କରିବାକୁ ଅନୁରୋଧ କରାଯାଇଥିଲା ।

## ଯାଜପୁର: ନୂତନ ଜିଲ୍ଲାପାଳଙ୍କ ବନ୍ୟାଞ୍ଚଳ ସ୍ଥିତି ସମୀକ୍ଷା

ଯାଜପୁର(ନିପ୍ର): ଯାଜପୁରରେ ନୂତନ ଜିଲ୍ଲାପାଳ ଭାବେ ଯୋଗଦେଇଥିବା ଅମ୍ବର କୁମାର କର ଜିଲ୍ଲା କାର୍ଯ୍ୟାଳୟର ଓସ୍ୱାନ ଭି.ସି. କକ୍ଷରେ ଜିଲ୍ଲାର ବନ୍ୟା ପରିସ୍ଥିତି ସମ୍ପର୍କରେ ଅଧିକାରୀମାନଙ୍କ ସହିତ ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ମନିଷ ଅଗ୍ରୱାଲ ଉପସ୍ଥିତ ଥିଲେ । ଯାଜପୁର ଜିଲ୍ଲାରେ ବୈତରଣୀ ନଦୀରେ ବନ୍ୟାଜଳ ପ୍ରବାହିତ ଯୋଗୁ ଯାଜପୁର ଓ ଦଶରଥପୁର ଦୁଇଟି ବ୍ଲକର ୧୩ ଟି ପଞ୍ଚାୟତ, ୨୪ ଟି ଗାଁ ପ୍ରଭାବିତ ହୋଇଛି । ୬୫୯୪ ଲୋକ ପ୍ରଭାବିତ ହୋଇଥିବା ବେଳେ ୬୪୪ ଜଣ ଲୋକଙ୍କୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି । ଦୁଇଟି ରିଲିଫ ସେଣ୍ଟର୍‌ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ଚାରୋଟି ମେଡିକାଲ ଟିମ୍ ଓ ଗୋଟିଏ ଭେଟେରୀନାରୀ ଟିମ୍ ପ୍ରଭାବିତ ଅଞ୍ଚଳରେ ନିୟୋଜିତ କରାଯାଇଛି । ବର୍ତ୍ତମାନ ବୈତରଣୀ ନଦୀରେ ଜଳ ସ୍ତର କମୁଛି । ଜିଲ୍ଲାପାଳ ବନ୍ୟାଜଳରେ ପ୍ରଭାବିତ



ଲୋକମାନଙ୍କୁ ଆଶ୍ରୟସ୍ଥଳୀରେ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବନ୍ୟା ଛାଡିଲା ପରେ ପାନୀୟ ଜଳ ଉତ୍ସ ନଳକୂପ, ପାନୀୟ ଜଳପ୍ରକଳ୍ପ ଗୁଡ଼ିକୁ ବିଶୁଦ୍ଧୀକରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ଲୋକମାନେ ଆଶ୍ରୟସ୍ଥଳୀରେ ଅଛନ୍ତି ସେମାନଙ୍କୁ ଆଜି ଘରକୁ ଛଡାଯିବ ନାହିଁ । ଯେଉଁ ଅଞ୍ଚଳରେ ଘରେ ପାଣି ପଶିଛି ସେଠାରେ ସାପ ଓ ସରୀସୃପ ମାନେ ଥାଇ ପାରନ୍ତି ଏଣୁ ପାଣି ଛାଡ଼ିଲା ପରେ ଦିନ ବେଳା ଯେଉଁମାନେ ଚାହିଁବେ ଘରକୁ ଯାଇପାରିବେ । ଜିଲ୍ଲାର ଦଶାଶ୍ୱମେଧ ଘାଟ, ବଲ୍ଲଭୀ ଘାଟ, ସିଦ୍ଧେଶ୍ୱର ଘାଟ, କୟାଁଗୋଳା ଓ ଅନ୍ୟାନ୍ୟ ଜାଗାରୁ ଆଜି ଓ କାଲି ସକାଳେ ବୋଲବମ୍ ଭକ୍ତମାନେ ପାଣି ଉଠେଇବାକୁ ଥିବାରୁ ସେଠାରେ ଅଗ୍ନିଶମ ବାହିନୀ ଓ ବିଭାଗୀୟ ଅଧିକାରୀ ମାନେ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ସଟ ସର୍କିଟ କିମ୍ବା ବୈଦ୍ୟୁତିକ ସମସ୍ୟା ଦେଖାଦେଲେ ଟୋଲ ଫ୍ରି ନମ୍ବର ୧୯୧୨ ରେ କଲ କଲେ ସମସ୍ୟା ର ତୁରନ୍ତ ସମାଧାନ କରାଯିବ । ପରେ ଜିଲ୍ଲାପାଳ ଓ ଅତରିକ୍ତ ରିଲିଫ କମିଶନର ଦଶରଥପୁର ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରି ଲୋକମାନଙ୍କ ସହିତ ଆଲୋଚନା କରିଥିଲେ ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ ଓ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇଥିଲେ ।

## ଆସିକାରେ ମଶାବଂଶ ଉପଦ୍ରବ

ଆସିକା,(ନିପ୍ର): ଗତ କିଛି ଦିନ ତଳେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଦେଶରେ ସ୍ୱଚ୍ଛତା ପାଇଁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ବେଳେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଅଧିକାଂଶ ସାହି ବସ୍ତିରେ ବିଗତ କିଛି ମାସ ହେଲା ମଶାଙ୍କ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ବର୍ଷା ପାଗ ଜାରି ରହିଥିଲା ବେଳେ ପରିଷଦ ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡ଼ି ରହୁଥିବା, ବିଭିନ୍ନ ୱାର୍ଡରେ ଅନାବନା ଗଛ ଲତା ସଫା ନ ହେବା, ସହରର ମୁଖ୍ୟ ରାସ୍ତା ଓ ବିଭିନ୍ନ ଗଳି କନ୍ଦିରେ ପାଣି ଜମି ରହିବା ଯୋଗୁଁ ମଶାଙ୍କ ଉପଦ୍ରବ ଦିନକୁ ଦିନ ବଢୁଥିବା ଅଭିଯୋଗ ହେଉଛି ଓ ମଶାବଂଶକୁ ଦମନ ପାଇଁ ଆସିକା ଏନ୍‌ଏସି ପକ୍ଷରୁ ସମସ୍ତ ୱାର୍ଡରେ ମଶାଧୂଆଁ ସ୍ପ୍ରେ ଓ ନାଳନର୍ଦ୍ଦମାରେ ମଶାତେଲ ଛିଞ୍ଚନ ପ୍ରକ୍ରିୟା ଗତ କିଛି ବର୍ଷ ହେଲା ବନ୍ଦ ହୋଇଯାଇଥିବା ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ସଞ୍ଜ ହେଲେ ଘରେ ହେଉ କି ବାହାରେ, କେଉଁଠି ବି



ମଶାଙ୍କ ଦାଉରୁ ନିସ୍ତାର ମିଳୁନାହିଁ । ଫଳରେ ସହରର କେତେକ ୱାର୍ଡର ଜନତାଙ୍କୁ ମ୍ୟାଲେରିଆ, ଡେଙ୍ଗୁ ଓ ଫାଇଲେରିଆ ଭଳି ରୋଗର ଭୟ ସୃଷ୍ଟି ହେଲାଣି ମଶାବଂଶ ନିପାତ କରିବା ନେଇ ସମସ୍ତ ୱାର୍ଡରେ ଯୁଦ୍ଧକାଳୀନ ଭିତ୍ତିରେ ବ୍ୟାପକ ବ୍ୟବସ୍ଥା କରାନଯାଏ ତେବେ ଆଗାମୀ କିଛି ଦିନ ମଧ୍ୟରେ ଆସିକା ଡେଙ୍ଗୁ,ମ୍ୟାଲେରିଆ ଓ ଫାଇଲେରିଆ ପ୍ରବଣ ସହରରେ ପରିଗଣିତ ହେବା ସମ୍ଭାବନାକୁ ମଧ ଏଡାଇ ହେବ ନାହିଁ ଓ ନାଳନର୍ଦ୍ଦମା ଓ ସନ୍ତସନ୍ତିଆ ଜାଗା ମଶାଙ୍କ ଜନ୍ମସ୍ଥାନ ପାଲଟିଛି । ଏନ୍‌ଏସି ଅଧୀନସ୍ଥ ଜୋକବନ୍ଧ, ରଙ୍କିବନ୍ଧ ଭଳି କେତେକ ପରିତ୍ୟକ୍ତ ଜଳାଶୟ ଗୁଡିକରେ ମଶାତେଲ ସିଞ୍ଚନ ସହ ମଶା ଲାର୍ଭା ଖାଉଥିବା ଗମ୍ବୁସିଆ ମାଛ ଛାଡିବା ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି । ମଶାବଂଶ ନିପାତ ପାଇଁ ଏନ୍‌ଏସି ପକ୍ଷରୁ ଫଗିଂ ମେସିନ୍ ଜରିଆରେ ମଶାଧୂଆଁ ଛଡାଯିବା ସାଙ୍ଗକୁ ନାଳନର୍ଦ୍ଦମା ଗୁଡିକରେ ମଶାତେଲ ମଧ ସ୍ପ୍ରେ କରିବାକୁ ଦାବି ହେଉଛି । ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଏନ୍‌ଏସି ପରିସରଭୁକ୍ତ ଅଞ୍ଚଳରେ ମଶାବଂଶକୁ ଦମନ କରିବା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ବିଭିନ୍ନ ମହଲରେ ଦୃଢ ଦାବି ହେଉଛି ।

## ଜଗନ୍ନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶତବାର୍ଷିକ ଉତ୍ସବ

ଛତ୍ରପୁର,(ନିପ୍ର): ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁରଗ୍ରାମ ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତ ବାର୍ଷିକ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡି. ଡମ୍ବୁରୁ ରେଡ୍ଡୀଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ




ଯୋଗଦେଇ ବିଦ୍ୟାଳୟର ଇତିହାସ ଏବଂ ଗୁରୁମାନଙ୍କ ଶିକ୍ଷାଦାନ ଉପରେ କହିବା ସହ ଗ୍ରାମବାସୀଙ୍କ ପକ୍ଷରୁ ଏପରି ଭବ୍ୟକାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡୀ, ନରେନ୍ଦ୍ରପୁର ସରପଞ୍ଚ ଜ୍ୟୋତି ସାହୁ, ସମିତି ସଭ୍ୟା ସୋନାଲି ସେନାପତି, ଉଚ୍ଚ ମାଧମିକ ଶିକ୍ଷା ପରିଷଦର (ଭୁବନେଶ୍ୱର ) ଉପ ପରୀକ୍ଷା ନିୟନ୍ତ୍ରକ ଅବିନାଶ ଶତପଥି, ଛତ୍ରପୁର ଏବିଇଓ ନିମତା ରାଉତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ ।

## ତିଛିଣିରେ ବିଧାୟିକାଙ୍କ ସାଙ୍ଗଠନିକ ବୈଠକ

କୃଷ୍ଣପ୍ରସାଦ,(ନି ପ୍ର): ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ବିଧାୟିକା ଉପାସନା ମହାପାତ୍ର ନିର୍ବାଚିତ ହେବା ପର ଠାରୁ ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶ ନିମନ୍ତେ ଅହରହ ସଂଗ୍ରାମ ଜାରି ରଖିଛନ୍ତି । ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀକୁ ଏକ ନମ୍ବର ନିର୍ବାଚନ ମଣ୍ଡଳୀରେ ପରିଣତ କରିବା ପାଇଁ ବିଧାୟିକାଙ୍କ ଉଦ୍ୟମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି । କୃଷ୍ଣପ୍ରସାଦ ବ୍ଲକର ତିଛିଣି ତ୍ରିଲୋଚନେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ବିଧାୟିକାଙ୍କ ଆବହକତ୍ୱରେ ଆୟୋଜିତ ସାଙ୍ଗଠନିକ ବୈଠକରେ ୧୪ ପଞ୍ଚାୟତର ପ୍ରମୁଖ ନେତୃବୃନ୍ଦ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଦଳର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ବିଧାୟିକା ସମୀକ୍ଷା କରିବା ସହ ପ୍ରତ୍ୟେକ ଗ୍ରାମକୁ ଏକ ଆଦର୍ଶ ଗ୍ରାମରେ ପରିଣତ କରିବା ତାଙ୍କର ମୂଳ ଲକ୍ଷ୍ୟ ଅଟେ ବୋଲି ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ । ଅଞ୍ଚଳବାସୀଙ୍କ ସ୍ନେହ ଓ ଶ୍ରଦ୍ଧାକୁ ପାଥେୟ କରି ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ଉପରେ ବିଧାୟିକା ଗୁରୁତ୍ୱାରୋପ କରିଥିଲେ ।

## ଆତ୍ମୀୟତାଭରା କ୍ୟାମ୍ପସ୍ ଉପରେ ଉପ-ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ



ନିମାପଡ଼ା,(ନି.ପ୍ର.): ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମୀ, ଆତ୍ମବିଶ୍ୱାସ ଏବଂ ଧୈର୍ଯ୍ୟ ବଳରେ ଜଣେ ଛାତ୍ର ଜୀବନରେ ସଫଳତା ପାଇବା ସହଜ । ସ୍ୱପ୍ନ ଦେଖିବା ଏବଂ ସ୍ୱପ୍ନ ଦେଖିଲେ ଭଲ ଚିନ୍ତା ଆସିବ ଯାହାଦ୍ୱାରା ସେହି ଦିଗରେ ଆଗେଇବା ନିମନ୍ତେ ଉତ୍ସାହ ବୃଦ୍ଧି ପାଇବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ମତବ୍ୟକ୍ତ କରି ଆଜିର ଛାତ୍ରମାନଙ୍କୁ ଆସନ୍ତା କାଲିର ବାର୍ତ୍ତାବହ ଭାବେ ବର୍ଣ୍ଣନା କରିଥିଲେ । ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ୬୨ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବ ଯୋଗ ଦେଇ ନିମାପଡ଼ା କଲେଜ ପରିବେଶକୁ ଅଧିକ ସରସ, ସୁନ୍ଦର କରିବା ପାଇଁ ଅଧ୍ୟାପକ, ଅଧ୍ୟାପିକାଙ୍କ ସହଯୋଗ କାମନା କରିଥିଲେ । ସେ ଏହି କଲେଜରେ ପଢୁଥିବା ବେଳେ ବାଳିକା ଛାତ୍ରୀ ନିବାସରେ ୯୮ ଜଣ ଅନ୍ତେବାସୀ ରହୁଥିଲେ ଏବଂ ଆଜି ୨୮ ଜଣ ଛାତ୍ରୀ ରହୁଥିବା ଶୁଣି ମର୍ମାହତ ବୋଲି କହିଥିଲେ । ବାଳିକା ହଷ୍ଟେଲ ପାଇଁ ୬ କୋଟି ୭୭ ଲକ୍ଷ ମୁର କରିଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଟେଣ୍ଡର କରି ଖୁବ୍‌ଶୀଘ୍ର କାର୍ଯ୍ୟାରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା । ଏହି ମହାବିଦ୍ୟାଳୟରେ ୨୫୦ ବାଳିକା ଛାତ୍ରୀ ରହିବା ନିମନ୍ତେ ନୂତନ ହଷ୍ଟେଲ ନିର୍ମାଣ ହେବ ବୋଲି ଶ୍ରୀମତି ପରିଡ଼ା ଘୋଷଣା କରି ପ୍ରତ୍ୟେକ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ, ଅଧ୍ୟାପିକାଙ୍କ ବ୍ୟବହାର ମାର୍ଜିତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ ।

ତିଥି : (ଚତୁର୍ଥୀ) : (ପୂର୍ବାଫାଃ ସିଂହ)
ଅମୃତବେଳା: ଦିବା ଘ୭।୧୦ ଗତେ ଘ ୧୦।୧୨ ମଧ୍ୟେ

## ଆଜିର ଅନୁଚିନ୍ତନ

ସୁନ୍ଦର ହେବାର ଅର୍ଥ ତୁମେ ନିଜେ,ଅନ୍ୟ କାହାରି ଦ୍ୱାରା ଗ୍ରହଣ ହେବାର ଆବଶ୍ୟକତା ନାହିଁ; ତୁମେ ନିଜକୁ ପ୍ରଥମେ ଗ୍ରହଣ କରିବା ଆବଶ୍ୟକ। -ଥିଚ ନାଟହାନ୍

# ପ୍ରମିଳାଙ୍କ ପ୍ରେରଣା

ପ୍ରକୃତି ଜଗତରୁ ମଣିଷର ସୃଷ୍ଟି। ପୃଥିବୀ ବା ପ୍ରକୃତି ଉପରେ ପ୍ରଭୁତ୍ୱ ଜାରି କରିବା ମଣିଷ ପକ୍ଷେ ଅନୁଚିତ। ବରଂ ଏହାର ସେବକ ତୁଲ୍ୟ କାର୍ଯ୍ୟକରିବା ଲୋଡ଼ା। ଗାନ୍ଧିଜୀଙ୍କ ଦୃଷ୍ଟିରେ ବୃକ୍ଷମାତା, ଗୋମାତା, ନଦୀମାତା, ଧରିତ୍ରୀ ମାତା ଏ ସମସ୍ତଙ୍କର ଆମେ ସେବକ। ମାତ୍ର ବିଡ଼ମ୍ବନା ଯେ ନାନା ସଂପଦରେ ପରିପୂର୍ଣ୍ଣ ପ୍ରକୃତି ଉପରେ ମନଇଚ୍ଛା ଧ୍ୱଂସଲୀଳା ଚଳାଇଛି ମଣିଷ। ଏବଂ ଏହାର ମୂଳକାରଣ ଲୋଭ ମେଣ୍ଟାଇବା। ମଣିଷର ଏପରି ଲୋଭ ପ୍ରକୃତି ମଧ୍ୟ ଅସରନ୍ତି। ପ୍ରକୃତିର ସୃଷ୍ଟ ପରିବେଶ ଦୁଇ ପ୍ରକାରର। ଗୋଟିଏ ପ୍ରାକୃତିକ ଓ ଅନ୍ୟଟି ସାମାଜିକ। ମଣିଷ ଜୀବନରେ ଏହି ଦୁଇଟିର ପ୍ରଭାବ ଥିବାବେଳେ ପରିବେଶ ବିଶେଷ କରି ଜଙ୍ଗଲ ସମ୍ପଦ ଦ୍ରୁତ ଅବକ୍ଷୟ ହେତୁ ସାମାଜିକ, ପାରିବେଶିକ ତଥା ଆର୍ଥିକ ସ୍ଥିତି ବିଗିଡ଼ିଯାଉଥିବା ସମସ୍ତେ ଦେଖୁଛନ୍ତି। ମାତ୍ର ନିରୂପାୟ ହୋଇ ରହୁଛନ୍ତି,ଯାହାକି ବିଡ଼ମ୍ବନା।

ପରିବେଶର ପ୍ରାଣ କହିଲେ ଆମେ ଜଙ୍ଗଲ ସମ୍ପଦକୁ ବୁଝୁ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଦେଶରେ ବନାଗ୍ନି ପ୍ରଭାବିତ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ସ୍ଥାନ ଦ୍ୱିତୀୟ। ଚଳିତ ମାସ ପ୍ରଥମ ତ୍ରୟମାସରେ ବନାଗ୍ନି ଦ୍ୱାରା ପ୍ରାୟ ୨୧୬୫ ହେକ୍ଟର ଜଙ୍ଗଲ ପ୍ରଭାବିତ ହୋଇସାରିଛି। ଜାନୁଆରୀ ପହିଲାରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟରେ ପ୍ରାୟ ୯ହଜାର ୩ଶହ ବନାଗ୍ନି ସ୍ଥଳ ଠାବ ହୋଇଥିଲା। ସେଥିରୁ ଜଙ୍ଗଲ ଭିତର ସ୍ଥାନ ୬୧୭୭ ହୋଇଥିବାବେଳେ ଜଙ୍ଗଲ ପରିସର ବାହାର ସ୍ଥାନ ହେଉଛି ୩୧୨୩। ଜୀବଜନ୍ତୁ ,ଉଦ୍ଭିଦ, ବୃକ୍ଷଲତା ବନାଗ୍ନି ଯୋଗୁଁ ବ୍ୟାପକ ଭାବରେ ନଷ୍ଟ ହେବା ପ୍ରକ୍ରିୟା ଆମ ରାଜ୍ୟରେ ବିଭିନ୍ନ ସମୟରେ ପରିଲକ୍ଷିତ ହେଉଛି, ଯାହା ଚିନ୍ତାଜନକ। ସ୍ୱତଃପ୍ରବୃତ୍ତ ବନାଗ୍ନି ଅପେକ୍ଷା ମନୁଷ୍ୟକୃତ ସମସ୍ୟାରେ ଓଡ଼ିଶା ଭାରାକ୍ରାନ୍ତ ଥିବା ଜଣାଶୁଣା। ମାତ୍ର କ୍ଷୋଭର ବିଷୟ ଯେ ଏ ଦିଗରେ ସରକାରୀ ପଦକ୍ଷେପ ଏଯାବତ୍ ସନ୍ତୋଷଜନକ ହୋଇପାରିଥିବା ମନେ ହେଉନାହିଁ। ଯଦି ତାହା ହୋଇପାରୁଥାଆନ୍ତା ତେବେ ଓଡ଼ିଶା କପାଳରେ ଏ ସମସ୍ୟା ଅଧିକାଂଶ ବର୍ଷ ଲାଗି ରହୁନଥାନ୍ତା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର 'ମନ୍ କି ବାତ୍'ରେ ବହୁ ସମୟରେ ପରିବେଶ ସୁରକ୍ଷା ପ୍ରସଙ୍ଗ ଉଠାଇ ଆସିଛନ୍ତି। ସଦ୍ୟ 'ମନ୍ କି ବାତ୍'ରେ ଓଡ଼ିଶାର ଦୁଇଟି ପ୍ରସଙ୍ଗ ସେ ଉପସ୍ଥାପନ କରିଛନ୍ତି। ଗୋଟିଏ ହେଉଛି ମୟୂରଭଂଜରେ ୬ହଜାର ୫ଶହରୁ ଅଧିକ ମହିଳା ସାନ୍ତାଳି ଶାଢିକୁ ପୁର୍ନଜୀବିତ କରିଛନ୍ତି। ଦ୍ୱିତୀୟ ପ୍ରସଙ୍ଗଟି ହେଉଛି କେନ୍ଦୁଝରର ପ୍ରମିଳା ପ୍ରଧାନ। ସଂକୀର୍ତ୍ତନ, ଭଜନ, ଗୀତ, ଲୋକସଂଗୀତ ଜରିଆରେ ଲୋକଙ୍କ ମଧ୍ୟରେ ସେ ଭକ୍ତିଭାବ ଜାଗ୍ରତ କରିବା ସାଙ୍ଗକୁ ବିଶେଷକରି ବନାଗ୍ନି ଯୋଗୁଁ କି କି କ୍ଷତି ଆମେ ସମ୍ମୁଖୀନ ହେଉଛୁ ସେ ସଂପର୍କରେ ଜନସଚେତନତା ସୃଷ୍ଟିକରି ଚର୍ଚ୍ଚାରେ ଅଛନ୍ତି। ସମାଜକୁ ଉଚିତ୍ ଦିଗ୍‌ଦର୍ଶନର ଦେବାରେ ଏପରି ପ୍ରଭାବଶାଳୀ ପନ୍ଥାରେ ଯିବାରେ ଗୀତ ତଥା ସଂକୀର୍ତ୍ତନର ବୃହତ୍ ଭୂମିକା ଥିବା ପ୍ରମାଣିତ ହୋଇଛି। ବନାଗ୍ନି କବଳରୁ ଜଙ୍ଗଲକୁ ସୁରକ୍ଷା କରିବା ଦାୟିତ୍ୱ ସ୍ଥାନୀୟ ଜନତାଙ୍କର, ଏକଥାକୁ ପ୍ରମିଳା ଅନୁପ୍ରେରଣା ଦେଇଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରିସଂଖ୍ୟାନ ଅନୁସାରେ ୨୦୨୪ ସୁଦ୍ଧା ୬୨ ପ୍ରତିଶତ ଲୋକ ସହରାଞ୍ଚଳରେ ବସବାସ କରିଆସୁଛନ୍ତି। ୨୦୫୦ ବେଳକୁ ଏହା ସତୁରି ପ୍ରତିଶତରେ ପହଞ୍ଚିଥିବ। ପ୍ରଦୂଷଣର ମାତ୍ରା ବୃଦ୍ଧି, ଜଙ୍ଗଲ ସଂପଦ ସମେତ ଜୈବ ବିବିଧତା ନଷ୍ଟ କାରଣରୁ ପ୍ରକୃତି ବିପର୍ଯ୍ୟସ୍ତ ହୋଇପଡୁଛି। ଯଦି ଜଙ୍ଗଲ ନଷ୍ଟ କଥା ଦେଖାଯାଏ ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ଶିଳ୍ପ, ଖଣି, ସଡ଼କ, ରେଳପଥ ପାଇଁ ୧୮୫୪୧.୫ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଛି। ଏକଥା ଆମେ କହୁନାହୁଁ ଖୋଦ୍ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଗତ ଏପ୍ରିଲରେ ସୂଚାଇଛନ୍ତି। ଗୋଟିଏ ପକ୍ଷେ ଜଙ୍ଗଲ ସମ୍ପଦ ତଥାକଥିତ ବିକାଶ ପାଇଁ ନଷ୍ଟ କରାଯାଉଥିବାବେଳେ ବନାଗ୍ନି ସମସ୍ୟା ଏହାକୁ ବଢାଇ ଚାଲିଛି। ଯଦି ଜଙ୍ଗଲ ସମ୍ପଦ ଏଭଳି ନଷ୍ଟ ହୋଇ ଚାଲିବ ପରବର୍ତ୍ତୀ ପିଢିମାନ ଯେଉଁସବୁ ଭୟଙ୍କର ସମସ୍ୟାର ସମ୍ମୁଖୀନ ହେବେ ସେତେବେଳେ ଏବର ପିଢିକୁ ସେମାନେ ସଭ୍ୟ ବୋଲି କହିପାରିବେ ତ !

# କିମ୍ବଦନ୍ତୀରେ ଶ୍ରାବଣୀ ପର୍ବ

## ପଣ୍ଡିତ ଦୈତ୍ୟାରି ମହାପାତ୍ର

ଭଗବାନ ଶିବଙ୍କ ଜ୍ୟୋତିର୍ଲିଙ୍ଗ ମସ୍ତକରେ ଜଳ ଢ଼ାଳିବାର ପର୍ବକୁ 'ଶ୍ରାବଣୀ ପର୍ବ' କୁହାଯାଏ। ଏହି ପର୍ବ କାହୁଁ କେତେ କାଳରୁ ପାଳନ କରାଯାଉଛି ତାହାର ଆକଳନ କରିବା ସମ୍ଭବ ନୁହେଁ। ତଥାପି ପୁରାଣର କିମ୍ବଦନ୍ତୀ ଅନୁଯାୟୀ ଏହି ପର୍ବ ପ୍ରଥମେ ଦେବତାମାନେ ପାଳନ କରିଥିଲେ। ତାହା ପରଠାରୁ ଅଦ୍ୟାବଧି ପାଳିତ ହୋଇଆସୁଅଛି। ଏହି ପର୍ବକୁ ସେମାନେ ଦୃଢ଼ ନିଷ୍ଠା, ବିଶ୍ୱାସ ଓ ବିଧିବିଧାନର ସହିତ ପାଳନ କରିଥିବାରୁ ଏହା ଆଜିପର୍ଯ୍ୟନ୍ତ ସେହି ପରମ୍ପରା ଅନୁସାରେ ଏକାନ୍ତ ଭକ୍ତିର ସହିତ ପାଳିତ ହେଉଛି।

ବହୁପଥ ଅତିକ୍ରମ କରି ଏକାନ୍ତ ଭକ୍ତି ଓ ନିଷ୍ଠାର ସହିତ ଶିବଭକ୍ତମାନେ ବାହୁଙ୍ଗାରେ ଜଳ ନେଇ ଶ୍ରାବଣର ସୋମବାରରେ ମହାଦେବଙ୍କ ମସ୍ତକରେ ଜଳ ଢ଼ାଳିଥାନ୍ତି। ତାହାକୁ "ଜଳାଭିଷେକ" କୁହାଯାଏ। ଖାଦ୍ୟରେ ସଞ୍ଜମତା ରଖି ରାତ୍ରି ଦିବସ ଉଜାଗର ରହି ଖରାବର୍ଷା



ଶୀତ କାକର ନ ମାନି ଅଖଣ୍ଡ ବିଶ୍ୱାସ ଓ ଭରସା ରଖି ଭୋଳାବାବାଙ୍କୁ ଉଚ୍ଚାରଣ କରି ଭକ୍ତମାନେ ନିର୍ଦ୍ଦିଷ୍ଟ ମନ୍ଦିରକୁ ଯାଇଥାନ୍ତି। ଯାତ୍ରା ସମୟରେ ରାସ୍ତା ଜଣାପଡ଼େ ନାହିଁ, କାରଣ ସେମାନଙ୍କର ଲକ୍ଷ୍ୟ ଥାଏ ଏକ। ସେମାନେ ଆସିଥାନ୍ତି ଗୋଟିଏ ସ୍ଥାନରୁ ଏବଂ ପହଞ୍ଚିବେ ଅନ୍ୟଏକ ସ୍ଥାନରେ। ମୁଖ ମୁଣ୍ଡଳରୁ ଶୁଣାଯାଏ ଅଖଣ୍ଡ ଶିବନାମ। ଏ ପ୍ରକାର ଦୃଶ୍ୟକୁ ଦର୍ଶନ କରି ମଧ ଅନେକ ଚରିତାର୍ଥ ଲାଭକରିଥାନ୍ତି। କାନ୍ଧରେ ବାହୁଁଙ୍ଗୀ ଭାର (କାଉଡ଼ି) ନେଇ ଏକାନ୍ତ ଭକ୍ତିର ସହିତ ଶିବନାମ ଜପ କରି ଶିବ ମନ୍ଦିରକୁ ଯାଉଥିବା ଭକ୍ତମାନଙ୍କୁ 'କାଉଡ଼ିଆ' ବୋଲି କୁହାଯାଏ। ଏଥିରେ ସମଗ୍ର ସଂସାର ମଧୁମୟ, ସୁଖମୟ ଏବଂ ଭକ୍ତିମୟ ହୋଇଉଠେ। ଶ୍ରାବଣରେ ଏକାନ୍ତ ଭକ୍ତି, ନିଷ୍ଠା ଏବଂ ଏକାଗ୍ରତାର ସହିତ ଭଗବାନ ଶିବଙ୍କ ମସ୍ତକରେ ଜଳ ଢ଼ାଳିରେ ଭକ୍ତର ମନବାଞ୍ଛା ପୂରଣ ହୋଇଥାଏ। ଅନେକ ଜନ୍ମର ପାପ କ୍ଷୟ ହୋଇଥାଏ। ସଂସାରର ଦୁଃଖ କ୍ଳେଶରୁ ମୁକ୍ତି ମିଳଥାଏ। ଏପରିକି ବ୍ରହ୍ମହତ୍ୟାଦି ମହାପାପ ଖଣ୍ଡନ ହୋଇଥାଏ। ତେଣୁ ସକଳ ପର୍ବପର୍ବାଣି ମଧ୍ୟରୁ ଶ୍ରାବଣୀ ପର୍ବ ଅନ୍ୟତମ।

ପୁରାଣ ପୃଷ୍ଠାର ଏକ କିମ୍ବଦନ୍ତୀରୁ ଆମେ ଜାଣିପାରିବା ଯେ ସାଗର ମନ୍ଥନ ସମୟରେ ସମଗ୍ର ବିଶ୍ୱକୁ ରକ୍ଷାକରିବା ପାଇଁ ଭଗବାନ ଶିବଶମ୍ଭୁ ହଳାହଳ ବିଷ ପାନ କରିଥିଲେ। ଫଳରେ ତାଙ୍କ ଶରୀର ଅତ୍ୟନ୍ତ ଉତ୍ତେଜିତ ହୋଇଥିଲା। ଏହା ଜାଣିପାରି ବେଦପତି ବ୍ରହ୍ମା ଏବଂ ଭଗବାନ ବିଷ୍ଣୁ, ଦେବୀ ଗଙ୍ଗା ଏବଂ ଚନ୍ଦ୍ରଦେବଙ୍କୁ ସନ୍ତୁଷ୍ଟ କରି ଭଗବାନ ଶିବଙ୍କ ମସ୍ତକରେ ଅବସ୍ଥାପିତ କରାଇଥିଲେ। ଫଳରେ ଭଗବାନ ସାମାନ୍ୟ ମାତ୍ର ଶାନ୍ତ ହୋଇଥିଲେ। କିନ୍ତୁ ପୂର୍ଣ୍ଣ ଶାନ୍ତ ହୋଇନଥିଲେ। ଏହା ଜାଣି ବେଦପତି ବ୍ରହ୍ମା କହିଲେ ଦେବାଧିଦେବ ମହାଦେବ ଶିବଙ୍କର ଉତ୍ତେଜନାକୁ ଶାନ୍ତି କରିବାପାଇଁ ଏକମାତ୍ର ମାଧ୍ୟମ ହେଉଛି ଜଳାଭିଷେକ କରାଇବା। ଏହା କହି ସର୍ବଦେବଗଣ ସର୍ବ ପ୍ରଥମେ ଶ୍ରାବଣରେ ଜଳାଭିଷେକ କରି ଭଗବାନ ଶିବଙ୍କୁ ସନ୍ତୁଷ୍ଟ କରାଇଥିଲେ। ତାପରେ ଦେବ, ଦାନବ, ମାନବ, ଯକ୍ଷ, କିନ୍ନର ସମସ୍ତେ ଏହି ପର୍ବ ପାଳନ କରିବାକୁ ଲାଗିଲେ। ପ୍ରାୟତଃ ସେବେଠାରୁ ପ୍ରତି ବର୍ଷ ଶ୍ରାବଣରେ ଏକାନ୍ତ ବିଧିବିଧାନର ସହିତ ବିଶ୍ୱାସ ପୂର୍ବକ ଭକ୍ତି-ଭାବରେ ଶିବଲିଙ୍ଗରେ ଜଳାଭିଷେକ ହୋଇଆସୁଅଛି।

ଭଦ୍ରକ, ମୋ-୮୭୬୩୫୪୮୨୦୨

# ଛୋଟ ଦେଶ ସହ ଭାରତର ସମ୍ପର୍କ

## ସୌମେନ୍ଦ୍ର ଜେନା

**୨୦୩୦ ପାଇଁ ଯୋଜନା ରଖି କାର୍ଯ୍ୟକରୁଥିବା ନାମ୍ବିଆ ରାଷ୍ଟ୍ରର ବିକାଶ ସହ ଭାରତ ରହିଥିବା କଥା ସେ ଉଲ୍ଲେଖ କରିଥିଲେ। ଦେଶର ପ୍ରାୟ ୧୭୦୦ବ୍ୟକ୍ତି ଭାରତର ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କଥା ସେ କହିଥିଲେ। ପ୍ରଥମ ଆଫ୍ରିକୀୟ ରାଷ୍ଟ୍ର ହିସାବରେ ଭାରତର ୟୁପିଆଇ ବ୍ୟବସ୍ଥାକୁ ଗ୍ରହଣ କରିଥିବା ହେତୁ ସେ ନାମ୍ବିଆକୁ ଶୁଭେଚ୍ଛା ଜଣାଇଥିଲେ। ଆରୋଗ୍ୟ ମୈତ୍ରୀ କାର୍ଯ୍ୟକ୍ରମ ମାଧ୍ୟମରେ କିପରି ଆଫ୍ରିକାରେ ଭାରତ ଔଷଧ ପ୍ରଦାନ କରିଆସିଛି ତାହା ମଧ୍ୟ ସେ ଉଲ୍ଲେଖ କରିଥିଲେ। ମଧ୍ୟପ୍ରଦେଶର କୁନୋ ଜାତୀୟ ଅଭୟାରଣ୍ୟରେ ଚିତା ପ୍ରକଳ୍ପ ନିମନ୍ତେ ଭାରତକୁ ଚିତା ଯୋଗାଇ ସାହାଯ୍ୟ କରିଥିବା ହେତୁ ସେ ନାମ୍ବିଆ ନିକଟରେ କୃତଜ୍ଞତା ଜଣାଇଥିଲେ। ସୌରମେଣ୍ଟ ଏବଂ ଜୈବିକ ଇନ୍ଧନ କାର୍ଯ୍ୟକ୍ରମରେ ଭାରତ ସହ ଆଫ୍ରିକୀୟ ରାଷ୍ଟ୍ରର ସହଯୋଗକୁ ସେ ପ୍ରଶଂସା କରିଥିଲେ।**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାହିଁକି ଛୋଟ ଦେଶଗୁଡିକୁ ଗସ୍ତ କରୁଛନ୍ତି ସେ ନେଇ ବିରୋଧୀ ଦଳ କଂଗ୍ରେସ ଏବଂ ଆପ୍ ପକ୍ଷରୁ ଗଣମାଧ୍ୟମ ମାଧ୍ୟମରେ ପ୍ରଶ୍ନ କରାଯାଉଛି। ଏପରିକି ପଞ୍ଜାବର ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ଲଢେଇରେ ମଇଦାନକୁ ଓହ୍ଲେଇପଡି ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। କିନ୍ତୁ ବିଦେଶନୀତି ଦୃଷ୍ଟିରୁ ଦେଖିଲେ ସବୁ ଦେଶକୁ ଗୁରୁତ୍ୱ ଦେବାକଥା। କାରଣ ଜାତିସଂଘରେ ବଡ ଦେଶର ଏବଂ ଛୋଟ ଦେଶର ଭୋଟ ମୂଲ୍ୟ ସମାନ, ଭିନ୍ନ ନୁହେଁ। ସେଠାରେ ପ୍ରସ୍ତାବ ପାଇଁ ପ୍ରତି ଦେଶ ହାତରେ ଗୋଟିଏ ମାତ୍ର ଭୋଟ ରହିଛି। ଅପରପକ୍ଷେ ବିଶ୍ୱ ରାଜନୀତିରେ କୌଣସି ଦେଶ ନିଜର ବାଣିଜ୍ୟିକ, ସାମରିକ ସ୍ୱାର୍ଥକୁ ଗୁରୁତ୍ୱ ଦେବା ସାଧାରଣ କଥା। ଆମେରିକା ସାରା ବିଶ୍ୱରେ ଛୋଟ ଛୋଟ ଟାପୁକୁ ନିଜ ହାତକୁ ନେଇ ଏମିତି ୮୦ରୁ ଅଧିକ ସେନାଘାଟୀ ଛିଡା କରିଛି, ଯାହାକି ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ପାଇଁ ସୁଯୋଗ ସୃଷ୍ଟି କରୁଛନ୍ତି। ଆମେରିକାର ପତିଆରା ବିଶ୍ୱରେ କାଏମ ରଖିବାକୁ ଏହିସବୁ ସେନାଘାଟୀଗୁଡିକ ଦେଶର ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରୁଛନ୍ତି। ଦେଶର ପରିବର୍ତ୍ତିତ ନୀତିକୁ କାର୍ଯ୍ୟକାରୀ କରିବା ଦିଗରେ ଏମାନେ ପ୍ରତିମୁହୂର୍ତ୍ତରେ କାର୍ଯ୍ୟାନୁଷ୍ଠାନ ପାଇଁ ସତତ ପ୍ରସ୍ତୁତ ହୋଇ ରହିଛନ୍ତି। ଠିକ୍ ସେହିପରି ଭାରତ ଆଗାମୀ ଦିନରେ ନିଜକୁ ଆଗଧାଡିର ରାଷ୍ଟ୍ରଗୁଡିକର ଶ୍ରେଣୀରେ ଶକ୍ତିଶାଳୀ ହୋଇ ଛିଡା ହେବାକୁ ପ୍ରୟାସ କରୁଥିବା ସମୟରେ



ଛୋଟଛୋଟ ଦେଶଗୁଡିକ ସହ ସଂପର୍କ ରକ୍ଷା କରିବା ଏବେ ଅନିବାର୍ଯ୍ୟ ହୋଇପଡିଛି। ଏ କଥା ମଧ୍ୟ ସତ ଯେ ବିଗତ ଦିନଗୁଡିକରେ କଂଗ୍ରେସ ଏବଂ ଅନ୍ୟ ଦଳଗୁଡିକର ଶାସନ ସମୟରେ ବିଦେଶନୀତି କ୍ଷେତ୍ରରେ ସୀମିତ ସଂପର୍କକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରାଯାଉଥିଲା। ଯେଉଁଥିପାଇଁ ପୃଥିବୀର ଏମିତି ଅନେକ ରାଷ୍ଟ୍ର ରହିଛନ୍ତି ଯେଉଁଠିକୁ ଦଶନ୍ଧି ଦଶନ୍ଧି ଧରି କୌଣସି ଭାରତୀୟ ରାଷ୍ଟ୍ରମୁଖ୍ୟ ଗସ୍ତ କରି ପୂର୍ବରୁ ଗସ୍ତ କରିବାକୁ ଚାହୁଁନଥିଲେ। କିନ୍ତୁ ୨୦୧୪ରେ କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରକୁ ଆସିବା ପରେ ସକ୍ରିୟ ବିଦେଶନୀତିକୁ ଜୋରଦେବା ଯୋଗୁଁ ପାଦ ପଡୁ ନ ଥିବା ଦେଶରେ ମଧ୍ୟ ଭାରତର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି କିମ୍ବା ଅନ୍ୟ ନେତୃବୃନ୍ଦ ଏବେ ଗସ୍ତ କରିବା ସମ୍ଭବ ହୋଇଛି। ଏହିସବୁ ଛୋଟ ଛୋଟ ରାଷ୍ଟ୍ରଗୁଡିକ ବିଶ୍ୱ ଆଲୋଚନାରେ ଭାରତର ପକ୍ଷ ନେବା ସହ ଭାରତର ଆଭିମୁଖ୍ୟକୁ ମଧ୍ୟ ଗ୍ରହଣ କରିଛନ୍ତି। ଅଳ୍ପ ଅଳ୍ପ ହେଲେ ମଧ୍ୟ ସେମାନେ ଭାରତୀୟ ବସ୍ତୁର ବ୍ୟବହାରକୁ ଗୁରୁତ୍ୱ ଦେବା ଯୋଗୁ ଭାରତର ବିଦେଶକୁ ରପ୍ତାନି ଗତ ୧୧ ବର୍ଷରେ ବହୁ ପରିମାଣରେ ବୃଦ୍ଧି ପାଇଛି। ଏପରିକି ଯୁଦ୍ଧର ଘନଘଟା, ଆନ୍ତର୍ଜାତିକ କଟକଣା ବେଳେ ବଡ ରାଷ୍ଟ୍ରଗୁଡିକୁ ଯୋଗାଣ ବ୍ୟାହତ ହେବା ସମୟରେ ଏହିସବୁ ଛୋଟରାଷ୍ଟ୍ରର ବଜାର ଭାରତୀୟ ବସ୍ତୁଗୁଡିକୁ ଗ୍ରହଣ କରି ଭାରତର ରପ୍ତାନିକୁ ବୃଦ୍ଧି କରିବାରେ ଅନେକ କ୍ଷେତ୍ରରେ ସହାୟକ ହୋଇଛି। ନୂଆ ନୂଆ ଛୋଟ ଛୋଟ ବିଦେଶୀ ବଜାର ପାଇଁ ଭାରତର ବସ୍ତୁ ନିର୍ମାଣ ବୃଦ୍ଧି ପାଇଛି। ଅନେକ କ୍ଷେତ୍ରରେ ବଡଦେଶରୁ କଟକଣା ଯୋଗୁ ଫେରିଆସୁଥିବା ବସ୍ତୁକୁ ପାଖରେ ଥିବା ଛୋଟ ଦେଶଗୁଡିକୁ ଭାରତୀୟ କମ୍ପାନୀମାନେ ଯୋଗାଇ ବିଶ୍ୱର ବସ୍ତୁ ଯୋଗାଣକୁ ସ୍ଥିର ରଖିବାକୁ ପ୍ରଚେଷ୍ଟା କରୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଞ୍ଚରାଷ୍ଟ୍ରୀୟ ଗସ୍ତର ଶେଷ ଚରଣରେ ଜୁଲାଇ ୨୯ତାରିଖ ଆଫ୍ରିକୀୟ ରାଷ୍ଟ୍ର ନାମ୍ବିଆ ଗସ୍ତ କରିଥିଲେ। ହୋସିଆ କୁଟାକୋ ବିମାନବନ୍ଦରରେ ଶ୍ରୀ ମୋଦି ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ବିଦେଶମନ୍ତ୍ରୀ ସେଲମା ଏସିପାଲା -ମୁସାଭିୟୀ ତାଙ୍କୁ ସ୍ୱାଗତ ଜଣାଇବା ପାଇଁ ବିମାନ ବନ୍ଦରଠାରେ ଉପସ୍ଥିତ ରହିଥିଲେ। ସ୍ଥାନୀୟ ବାଦ୍ୟନୃତ୍ୟ ମଧ୍ୟରେ ମୋଦି କଳାକାରମାନଙ୍କୁ ଉତ୍ସାହିତ କରିବାକୁ ଯାଇ ନିଜେ ଡ୍ରମ ବଜାଇଥିଲେ। ଦେଶର ରାଜଧାନୀ ଓ୍ୱିଣ୍ଡୋଏକଠାରେ ଶ୍ରୀ ମୋଦି ରାଷ୍ଟ୍ରପତି ନେତୁମ୍ବୋ ନନ୍ଦି -ନନ୍ଦାୟିତ୍ୱାଙ୍କୁ ସାକ୍ଷାତ କରିଥିଲେ। ଶକ୍ତି, ସ୍ୱାସ୍ଥ୍ୟସେବା, ଶିକ୍ଷା, ଡିଜିଟାଲ ଟେକ୍ନୋଲୋଜୀ, ବିକାଶ ଆଦି କ୍ଷେତ୍ରରେ ସହଯୋଗ ନିମନ୍ତେ ଦୁଇଦେଶ ମଧ୍ୟରେ ସହମତି ହୋଇଥିଲା। ଏହାପରେ ସେଠାକାର ସଂସଦର ଏକ ମିଳିତ ଅଧିବେଶନରେ ପ୍ରଧାନମନ୍ତ୍ରୀ ମୋଦି ଭାଷଣ ଦେଇଥିଲେ। ଭାରତର ସ୍ୱାଧୀନତା ପୂର୍ବରୁ ୧୯୪୬ରେ ନାମ୍ବିଆର ସ୍ୱାଧୀନତା ସଂଗ୍ରାମ ଚାଲିଥିଲାବେଳେ ଜାତିସଂଘରେ ଭାରତ ପକ୍ଷରୁ ସେ ବିଷୟକୁ ଉଠାଯାଇଥିଲା। ଉଭୟ ବିଦେଶୀ ଶାସନ ଦ୍ୱାରା ଆକ୍ରାନ୍ତ ହୋଇଥିବା ସମାନ ଦୁଇଟି ଦେଶ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ନାମ୍ବିଆ-ଭାରତର ସଂପର୍କକୁ ଉଲ୍ଲେଖ କରି କହିଥିଲେ। ଆଫ୍ରିକା ମହାଦେଶ ମଧ୍ୟରେ ଭାରତ ପାଇଁ ନାମ୍ବିଆ ଏକ ବିଶ୍ୱସ୍ତ ବନ୍ଧୁରାଷ୍ଟ୍ର ବୋଲି ସେ ପ୍ରକାଶ କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦି ସେଠାକାର ରାଷ୍ଟ୍ରପତି ନେତୁମ୍ବୋଙ୍କ ନିମନ୍ତ୍ରଣ କ୍ରମେ ନାମ୍ବିଆ ରାଷ୍ଟ୍ର ଗସ୍ତରେ ଯାଇଥିଲେ। ପ୍ରଧାନମନ୍ତ୍ରୀ ନାମିବିଆର ପ୍ରସିଦ୍ଧ ନେତା ସାମ୍ ନିୟୋମାଙ୍କୁ ସ୍ମରଣ କରିବା ସହ କବି ମୁଲବା ଓ୍ୱା ନାଙ୍ଗୋଲାଙ୍କ କବିତା ପଙ୍କ୍ତି ଉଦ୍ଧୃତ କରି ଶୁଣାଇଥିଲେ। ଅତୀତ ଦିନରେ ନାମ୍ବିଆରେ ଶାନ୍ତି ସ୍ଥାପନା ପାଇଁ ଭାରତର ଲେଫ୍‌ଟନାଣ୍ଟ ଜେନେରାଲ ଦିଓ୍ୱାନ ଚନ୍ଦ କିପରି ଜାତିସଂଘର ଶାନ୍ତିସେନାର ନେତୃତ୍ୱ ନେଇ ଉଚ୍ଚ ପ୍ରଶଂସିତ ହୋଇଥିଲେ ତାହା ସେ କହିଥିଲେ।

୨୦୩୦ ପାଇଁ ଯୋଜନା ରଖି କାର୍ଯ୍ୟକରୁଥିବା ନାମ୍ବିଆ ରାଷ୍ଟ୍ରର ବିକାଶ ସହ ଭାରତ ରହିଥିବା କଥା ସେ ଉଲ୍ଲେଖ କରିଥିଲେ। ଦେଶର ପ୍ରାୟ ୧୭୦୦ବ୍ୟକ୍ତି ଭାରତର ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କଥା ସେ କହିଥିଲେ। ପ୍ରଥମ ଆଫ୍ରିକୀୟ ରାଷ୍ଟ୍ର ହିସାବରେ ଭାରତର ୟୁପିଆଇ ବ୍ୟବସ୍ଥାକୁ ଗ୍ରହଣ କରିଥିବା ହେତୁ ସେ ନାମ୍ବିଆକୁ ଶୁଭେଚ୍ଛା ଜଣାଇଥିଲେ। ଆରୋଗ୍ୟ ମୈତ୍ରୀ କାର୍ଯ୍ୟକ୍ରମ ମାଧ୍ୟମରେ କିପରି ଆଫ୍ରିକାରେ ଭାରତ ଔଷଧ ପ୍ରଦାନ କରିଆସିଛି ତାହା ମଧ୍ୟ ସେ ଉଲ୍ଲେଖ କରିଥିଲେ। ମଧ୍ୟପ୍ରଦେଶର କୁନୋ ଜାତୀୟ ଅଭୟାରଣ୍ୟରେ ଚିତା ପ୍ରକଳ୍ପ ନିମନ୍ତେ ଭାରତକୁ ଚିତା ଯୋଗାଇ ସାହାଯ୍ୟ କରିଥିବା ହେତୁ ସେ ନାମ୍ବିଆ ନିକଟରେ କୃତଜ୍ଞତା ଜଣାଇଥିଲେ। ସୌରମେଣ୍ଟ ଏବଂ ଜୈବିକ ଇନ୍ଧନ କାର୍ଯ୍ୟକ୍ରମରେ ଭାରତ ସହ ଆଫ୍ରିକୀୟ ରାଷ୍ଟ୍ରର ସହଯୋଗକୁ ସେ ପ୍ରଶଂସା କରିଥିଲେ। ଭାରତର ଜନଔଷଧୀ କାର୍ଯ୍ୟକ୍ରମରେ ସାମିଲ ହେବାକୁ ସେ ପରାମର୍ଶ ଦେଇଥିଲେ। କର୍କଟ ରୋଗର ଚିକିତ୍ସା ପାଇଁ ଭାରତ ସରକାର ମେସିନ ଯୋଗାଇ ଦେଇଥିବା କଥା ସେ କହିଥିଲେ। ଭାରତର ଆୟୁଷ୍ମାନ ମିଶନ ପରି କାର୍ଯ୍ୟକ୍ରମ ଗ୍ରହଣ କଲେ ଆଫ୍ରିକାର ଲୋକେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ସେ କହିଥିଲେ। ଗତ ୩୦ ବର୍ଷ ମଧ୍ୟରେ ଏହା ଥିଲା ଭାରତର ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ।

ନାମ୍ବିଆରେ ୟୁରାନିୟମ, ତମ୍ବା, କୋବାଲଟ୍ ପରି ଅନେକ ମୂଲ୍ୟବାନ ଖଣିଜ ଦ୍ରବ୍ୟ ଥିବା ହେତୁ ଏହା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ରାଷ୍ଟ୍ର ୟୁରାନିୟମ ଅକ୍ସାଇଡ ଉତ୍ପାଦନ କ୍ଷେତ୍ରରେ ପୃଥିବୀରେ ୪ର୍ଥ ସ୍ଥାନରେ ରହିଛି। ଯାହାକି ଆଣବିକ କାରଖାନା ପାଇଁ ଇନ୍ଧନ ଯୋଗାଇଥାଏ। ବିଶ୍ୱରେ ସ୍ୱଚ୍ଛଶକ୍ତି ଦରକାର ହେଉଥିବା ସମୟରେ କୋବାଲଟ, ଲିଥିୟମ, ପରି ମୂଲ୍ୟବାନ ଖଣିଜ ସଂପଦର ଭଣ୍ଡାର ରହିଥିବା ହେତୁ ନାମ୍ବିଆ ଭାରତକୁ ଅନେକ କ୍ଷେତ୍ରରେ ସାହାଯ୍ୟ କରିପାରିବ।

୨୦୨୩-୨୪ବର୍ଷରେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୮୧୪ ମିଲିଅନ ଡଲାର ହୋଇଛି। ସେହିପରି ଏହି ଦେଶରେ ଭାରତର ନିବେଶ ପ୍ରାୟ ୮୦୦ ମିଲିଅନ ଡଲାର ହେବ। ଓ୍ୱିଣ୍ଡୋଏକଠାରେ ଭାରତ ପକ୍ଷରୁ ନିର୍ମିତ ଏକ ଟେକ୍ନୋପାର୍କ ଗତବର୍ଷ ଭାରତର ବିଦେଶମନ୍ତ୍ରୀ ଜୟଶଙ୍କରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସେତେବେଳେ ଦୁଇଦେଶ ମଧ୍ୟରେ ପ୍ରଥମ ମିଳିତ କମିଶନ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାଛଡା ନାମ୍ବିଆରେ ପ୍ରାୟ ୮୦ବିଲିଅନ କାରାଟର ସାମୁଦ୍ରିକ ହୀରା ଗଚ୍ଛିତ ରହିଥିବାର ଆକଳନ ହୋଇଛି। ଭାରତର ଅନେକ ହୀରାକମ୍ପାନୀ ଓ୍ୱିଣ୍ଡୋଏକରେ କାର୍ଯ୍ୟ କରୁଛନ୍ତି। ସୁରକ୍ଷା, ପ୍ରତିରକ୍ଷା, କୃଷି ଆଦି କ୍ଷେତ୍ରରେ ଭାରତ ନାମ୍ବିଆ ସହ କାର୍ଯ୍ୟ କରିବ। ନାମ୍ବିଆ ରାଷ୍ଟ୍ରପତି ନରେନ୍ଦ୍ର ମୋଦିଙ୍କୁ ରାଷ୍ଟ୍ରର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ଗସ୍ତ ଯୋଗୁ ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ ସଂପର୍କ ସୁଦୃଢ ହେବା ଆଶା କରାଯାଏ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ହେପାଟାଇଟିସ ଓ ଲିଭରର ଯତ୍ନ

## ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

**ମୁଖ୍ୟତଃ ଆଲ୍‌କୋହଲ, ସଂକ୍ରମିତ ଛୁଞ୍ଚି, ରକ୍ତ, ସର୍ଜରୀ ଉପକରଣ ତଥା ଅସୁରକ୍ଷିତ ଶାରୀରିକ ସମ୍ପର୍କ ଯୋଗୁଁ ଏବଂ ସଂକ୍ରମିତ ମା'ଠାରୁ ଶିଶୁକୁ ଏହି ରୋଗ ହୋଇଥାଏ। ଏହା ବ୍ୟତୀତ ଟିବି, ଅପସ୍ମାର ଔଷଧ, ଆୟୁର୍ବେଦିକ ତଥା ହର୍ବାଲ ଔଷଧରୁ ବି ଏହି ରୋଗ ହୋଇପାରେ। ଅତ୍ୟଧିକ ମଦ୍ୟପାନ ଦ୍ୱାରା ଲିଭର କ୍ଷତିଗ୍ରସ୍ତ ହୋଇଥାଏ। ଏଥିରେ ଫାଇବ୍ରୋସିସ୍ ଦେଖାଯାଏ ଏବଂ ଲିଭର ସଙ୍କୁଚିତ ହେବାକୁ ଲାଗେ, ଯେଉଁଥିରେ ଛୋଟ-ବଡ଼ ଗଣ୍ଠି ମଧ୍ୟ ପଡ଼ିଯାଏ। ଏହା ହିଁ ହେଉଛି ଲିଭର ସିରୋସିସ୍। ପ୍ରତିଦିନ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କର ଯକୃତ କୋଷ କ୍ଷତିଗ୍ରସ୍ତ ହୋଇଥାଏ। ଏହାର ଚିକିତ୍ସା ସମ୍ଭବ ଥିଲେ ବି ପରେ ମଦ ଅଭ୍ୟାସ ନ ଛାଡ଼ିଲେ ଚିକିତ୍ସା ଆଉ ସମ୍ଭବ ହୁଏନାହିଁ। ଅଧିକ ତୈଳୀୟ ଖାଦ୍ୟ ଖାଉଥିବା ତଥା ପରିଶ୍ରମ କରୁନଥିବା ବ୍ୟକ୍ତିଙ୍କର ଫ୍ୟାଟି ଲିଭର ଆଶଙ୍କା ଅଧିକ। ଏହି ଘଟଣା ପାଇଁ ମେଦବହୁଳତା ୭୦ ପ୍ରତିଶତ ଦାୟୀ।**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରିଆସୁଛି। ବିଶ୍ୱବ୍ୟାପୀ ଏହି ଦିବସ ପାଳିତ ହୋଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ହେପାଟାଇଟିସ୍ : ଚାଲ ଏହାକୁ ଭାଙ୍ଗିବା'। ମିଳିତ ଭାବେ ଏକପ୍ରକାର ସଂକ୍ରାମକ ରୋଗକୁ ହେପାଟାଇଟିସ କୁହାଯାଏ। ସାଧାରଣ ଅର୍ଥରେ ବୁଝିବାକୁ ଗଲେ ଏହା ଲିଭର ସମ୍ବନ୍ଧୀୟ ଏକ ରୋଗ। ହେପାଟାଇଟିସ୍‌କୁ ପାଞ୍ଚଟି ଶ୍ରେଣୀଭୁକ୍ତ କରାଯାଇଛି। ସେଗୁଡ଼ିକ ହେଲା ଏ, ବି, ସି, ଡି ଏବଂ ଇ। ଏହି ଦିବସର ଆଭିମୁଖ୍ୟ ହେଉଛି ରୋଗର ପ୍ରତିକାର ଓ ଚିକିତ୍ସା। ସମଗ୍ର ବିଶ୍ୱରେ କୋଟି କୋଟି ବ୍ୟକ୍ତି ହେପାଟାଇଟିସ୍ ଦ୍ୱାରା ଆକ୍ରାନ୍ତ। ଏହାର ଭୟାବହତା ଓ ଦୁର୍ବଳ ଚିକିତ୍ସା ସେବା ହେତୁ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୫୦ କୋଟି ଲୋକ ହେପାଟାଇଟିସ-ବି, ଅଥବା ହେପାଟାଇଟିସ୍-ସି ରୋଗରେ ପୀଡ଼ିତ। ଚିକିତ୍ସକଙ୍କ ମତରେ, ଯଦି ହେପାଟାଇଟିସ୍-ବି କିମ୍ବା ସି ରୋଗର ଉପଯୁକ୍ତ ଚିକିତ୍ସା କରାନଯାଏ ତେବେ ଏହା ଲିଭର ସିରୋସିସ, ଲିଭର କ୍ୟାନସର ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ। ଅନେକଙ୍କର ଧାରଣା ରହିଛି ଯେ, ହେପାଟାଇଟିସ୍ ଠାରୁ ଏଡ୍‌ସ ଅତ୍ୟନ୍ତ ଭୟାବହ ରୋଗ। କିନ୍ତୁ ସତକଥା ହେଉଛି, ପ୍ରତିବର୍ଷ ଏଡ୍‌ସ ରୋଗରେ ଯେତିକି ଲୋକ ମରୁନାହାନ୍ତି ତା'ଠାରୁ ଅଧିକ ମରୁଛନ୍ତି ହେପାଟାଇଟିସ୍-ବି ଅଥବା ସି ରୋଗରେ। ହେପାଟାଇଟିସ୍ ସଂସ୍ଥା ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଦେଇଥାନ୍ତି। ୨୦୦୪ ମସିହାରେ ୟୁରୋପୀୟ ରାଷ୍ଟ୍ର ଏବଂ ମଧ୍ୟ ପୂର୍ବ ରାଷ୍ଟ୍ରର କେତେକ ଲିଭର ସଂସ୍ଥା ଓ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରଥମେ ଏହାକୁ ନେଇ ଏକ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ୨୦୦୮ରେ ବିଶ୍ୱ ହେପାଟାଇଟିସ୍ ଚୁକ୍ତିନାମା ବୈଠକରେ ୧୯ମେ' ବିଶ୍ୱ ହେପାଟାଇଟିସ୍ ଦିବସ ଭାବେ ଘୋଷଣା କରାଯାଇଥିଲା। କିନ୍ତୁ ୨୦୧୦ରେ ହେପାଟାଇଟିସ୍-ବି ଭୂତାଣୁ ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବାରୁଚ୍ ସାମୁଏଲ ବ୍ଲୁମ୍ବର୍ଗଙ୍କ ଜନ୍ମଦିନ ଅବସରରେ ଜୁଲାଇ ୨୮କୁ ବିଶ୍ୱ ହେପାଟାଇଟିସ୍ ଦିବସ ଘୋଷଣା କରାଯାଇଥିଲା। ବର୍ତ୍ତମାନ ବିଶ୍ୱର ପ୍ରାୟ ଶହେଟି ରାଷ୍ଟ୍ର ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ହେପାଟାଇଟିସ୍ ରୋକିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି।

ଲିଭର ବା ଯକୃତ ଶରୀରର ସବୁଠାରୁ ବଡ଼ ଗ୍ରନ୍ଥି। ଏହା ପାଚନରେ ସହାୟକ ଏକାଧିକ ପ୍ରକାରର ରସ ସୃଷ୍ଟିକରେ ଏବଂ ଶରୀରକୁ ବିଷମୁକ୍ତ ବା ଡିଟକ୍ସିଫିକେସନ୍ କରିଥାଏ। ଏବେ ଯକୃତ ସହିତ ସମ୍ପୃକ୍ତ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅତ୍ୟଧିକ ମଦ୍ୟପାନ ଏବଂ ବିଶୃଙ୍ଖଳିତ ଜୀବନଶୈଳୀ ଏହାର କାରଣ। ଯକୃତ ଖରାପ ହୋଇଗଲେ ଟ୍ରାନ୍ସପ୍ଲାଣ୍ଟ ବ୍ୟତୀତ ଅନ୍ୟ ଉପାୟ ନାହିଁ। ତେବେ ଯକୃତ ଅସୁସ୍ଥ ହେବାର ବହୁ କାରଣ ରହିଛି। ଭାଇରାଲ ହେପାଟାଇଟିସ୍ : ଏହା ଏ, ବି, ସି, ଡି ଏବଂ ଇ - ପାଞ୍ଚ ପ୍ରକାରର। ଏ ଏବଂ ଇ ଦୂଷିତ ପାଣି ତଥା ଖାଦ୍ୟ ଯୋଗୁ ହେଉଥିବା ବେଳେ ଏହାକୁ ସାଧାରଣ ଭାଷାରେ ଜଣ୍ଡିସ୍ ବା ହଳଦିଆ କାମଳ ବୋଲି କୁହାଯାଏ। ଏହାର ଲକ୍ଷଣ ପ୍ରାୟ ଚାରିସପ୍ତାହ ଜାରି ରହେ। ରୋଗୀକୁ ବାନ୍ତି ଏବଂ ଜ୍ୱର ହୁଏ। ତେବେ ସ୍ପଷ୍ଟ ଲକ୍ଷଣ ଜଣାପଡ଼ିବା ପରେ ରୋଗୀ ତୁରନ୍ତ ଚିକିତ୍ସା ପାଇଁ ପହଞ୍ଚିଥାନ୍ତି। ଯକୃତ ଖରାପ ହେବାର ଦଶଦିନ ପୂର୍ବରୁ ରୋଗୀର ମାନସିକ ସ୍ଥିତି ମଧ୍ୟ ବିଗିଡ଼ିବାରେ ଲାଗେ। ହେପାଟାଇଟିସ୍ ବି ଏବଂ ସି ସଂକ୍ରମଣର ପ୍ରାୟ ଦେଢ଼ରୁ ଦୁଇମାସ ପରେ ଏହାର ଲକ୍ଷଣ ପ୍ରକାଶ ପାଏ। ଯେଉଁ କେସ୍‌ରେ ଏକାମାସ ମଧ୍ୟରେ ଲକ୍ଷର ପ୍ରକାଶ ପାଏ ତାକୁ ଆକ୍ୟୁଟ୍ ବୋଲି କହିଥାନ୍ତି ଏବଂ ଏଥିରେ ଯକୃତକୁ ରକ୍ଷା କରାଯାଇପାରେ। ତେବେ ଲକ୍ଷଣ ପ୍ରକାଶ ପାଇବା ଛ'ମାସରୁ ଅଧିକ ହୋଇଗଲେ ଏହା କ୍ରୋନିକ୍ ହୋଇଯାଏ ଏବଂ ରୋଗୀ ପୂରା ସୁସ୍ଥ ହେବାର ଆଶା କ୍ଷୀଣ ରହେ। ଯେଉଁମାନଙ୍କୁ ପିଲାଦିନରୁ ଏହି ଇନ୍‌ଫେକ୍‌ସନ ହୋଇଥାଏ ସେମାନେ ବଡ଼ ହେବା ପରେ ସାଧାରଣତଃ କ୍ରୋନିକ୍ ହେପାଟାଇଟିସ୍‌ରେ ପୀଡ଼ିତ ହୁଅନ୍ତି। ଉଭୟ ଭାଇରସ୍ ଯକୃତ ଉପରେ କୁପ୍ରଭାବ ପକାଇଥାଏ। ଏହାର ଯେଉଁ ଲକ୍ଷଣ ପ୍ରକାଶ ପାଏ, ସେଗୁଡ଼ିକ ମୁଖ୍ୟତଃ ହେଲା ଭୋକ ନହେବା, ଓଜନ କମିବା, ଜଣ୍ଡିସ୍, ଜ୍ୱର, ଦୁର୍ବଳ ଲାଗିବା, ବାନ୍ତି, ପେଟରେ ପାଣି ଜମିଯିବା, ରକ୍ତବାନ୍ତି ହେବା, ଦେହର ରଙ୍ଗ ହଳଦିଆ ପଡ଼ିଯିବା, ପରିସ୍ରା ଗାଢ଼ ରଙ୍ଗର ହେବା ଇତ୍ୟାଦି। ଏହା ଯକୃତକୁ ସଂକୁଚିତ କରିଦିଏ। ଠିକ୍ ସମୟରେ ଚିକିତ୍ସା ନ ପାଇଲେ ଧୀରେ ଧୀରେ ଲିଭର ସିରୋସିସ୍ ଓ ଲିଭର କ୍ୟାନସର ହେବାର ମଧ୍ୟ ଆଶଙ୍କା ରହିଛି।

ମୁଖ୍ୟତଃ ଆଲ୍‌କୋହଲ, ସଂକ୍ରମିତ ଛୁଞ୍ଚି, ରକ୍ତ, ସର୍ଜରୀ ଉପକରଣ ତଥା ଅସୁରକ୍ଷିତ ଶାରୀରିକ ସମ୍ପର୍କ ଯୋଗୁଁ ଏବଂ ସଂକ୍ରମିତ ମା'ଠାରୁ ଶିଶୁକୁ ଏହି ରୋଗ ହୋଇଥାଏ। ଏହା ବ୍ୟତୀତ ଟିବି, ଅପସ୍ମାର ଔଷଧ, ଆୟୁର୍ବେଦିକ ତଥା ହର୍ବାଲ ଔଷଧରୁ ବି ଏହି ରୋଗ ହୋଇପାରେ। ଅତ୍ୟଧିକ ମଦ୍ୟପାନ ଦ୍ୱାରା ଲିଭର କ୍ଷତିଗ୍ରସ୍ତ ହୋଇଥାଏ। ଏଥିରେ ଫାଇବ୍ରୋସିସ୍ ଦେଖାଯାଏ ଏବଂ ଲିଭର ସଙ୍କୁଚିତ ହେବାକୁ ଲାଗେ, ଯେଉଁଥିରେ ଛୋଟ-ବଡ଼ ଗଣ୍ଠି ମଧ୍ୟ ପଡ଼ିଯାଏ। ଏହା ହିଁ ହେଉଛି ଲିଭର ସିରୋସିସ୍। ପ୍ରତିଦିନ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କର ଯକୃତ କୋଷ କ୍ଷତିଗ୍ରସ୍ତ ହୋଇଥାଏ। ଏହାର ଚିକିତ୍ସା ସମ୍ଭବ ଥିଲେ ବି ପରେ ମଦ ଅଭ୍ୟାସ ନ ଛାଡ଼ିଲେ ଚିକିତ୍ସା ଆଉ ସମ୍ଭବ ହୁଏନାହିଁ। ଅଧିକ ତୈଳୀୟ ଖାଦ୍ୟ ଖାଉଥିବା ତଥା ପରିଶ୍ରମ କରୁନଥିବା ବ୍ୟକ୍ତିଙ୍କର ଫ୍ୟାଟି ଲିଭର ଆଶଙ୍କା ଅଧିକ। ଏହି ଘଟଣା ପାଇଁ ମେଦବହୁଳତା ୭୦ ପ୍ରତିଶତ ଦାୟୀ। ତେବେ ଏହାର ଆଉ କେତେକ କାରଣ ବି ଦେଖାଗଲାଣି। ଅନ୍ତନଳୀର ବ୍ୟାକ୍ଟେରିଆ ମଧ୍ୟ ଫ୍ୟାଟି ଲିଭରର କାରଣ ହୋଇଥାନ୍ତି। ଏହା ପତଳା ଲୋକଙ୍କ ଠାରେ ମଧ୍ୟ ହୋଇପାରେ। ଅଧିକ ଚର୍ବି ଯୋଗୁଁ ଯକୃତ ସଙ୍କୁଚିତ ହୋଇଚାଲେ ଏବଂ ଠିକ୍ ସମୟରେ ଚିକିତ୍ସା ନ ମିଳିଲେ ସିରୋସିସ୍‌ର ଆଶଙ୍କା ଦେଖାଯାଏ। ଯକୃତର ଆଉ ଏକ ସମସ୍ୟା ପ୍ରାୟତଃ ମହିଳାଙ୍କ ଠାରେ ଦେଖାଯାଏ। ଶରୀରର କୋଷଗୁଡ଼ିକ ଯକୃତ ବିରୋଧରେ କାମ କଲେ ଯକୃତ ଖରାପ ହୋଇଚାଲେ। ଏହାର ଖୁବ୍ କମ୍ କ୍ଷେତ୍ରରେ ଦେଖାଯାଏ। ଯକୃତ ଖରାପ ହେବାର ଲକ୍ଷଣ ଡେରିରେ ଜଣାପଡ଼େ। ୩୦-୪୦ ପ୍ରତିଶତ ଯକୃତର କୋଷ କ୍ଷତିଗ୍ରସ୍ତ ହେବା ପରେ ହିଁ ଲକ୍ଷଣ ପ୍ରକାଶ ପାଇଥାଏ।

ତେଣୁ ଯକୃତ ପରୀକ୍ଷଣ କରାଇ ନେବା ଜରୁରୀ। ଏହାକୁ ଅଟୋଇମ୍ୟୁନ୍ ହେପାଟାଇଟିସ୍ କୁହାଯାଏ। ଫ୍ୟାଟି ଲିଭର ପାଇଁ ଅଲଟ୍ରାସାଉଣ୍ଡ ଓ ଫାଇବ୍ରୋସ୍କାନ ପରୀକ୍ଷା କରିପାରିବେ। ରକ୍ତ ପରୀକ୍ଷାରୁ ଯକୃତ ବାବଦରେ ଜଣାନପଡ଼ିଲେ ବିଶେଷଜ୍ଞମାନେ ବାୟୋପ୍‌ସିର ପରାମର୍ଶ ଦେଇଥାନ୍ତି। ଏଥିରେ ଯକୃତର କିଛି ଅଂଶ ଲାବୋରେଟୋରୀ ପଠାଯାଇ ପରୀକ୍ଷା କରାଯାଏ। ତେବେ ଯକୃତକୁ ସୁସ୍ଥ ରଖିବା ଲାଗି ସ୍ୱଚ୍ଛ ପାଣି ପିଅନ୍ତୁ, ଦୂଷିତ ଖାଦ୍ୟରୁ ଦୂରେଇ ରହନ୍ତୁ, ବ୍ୟାୟାମ କରନ୍ତୁ, ସୁରକ୍ଷିତ ଶାରୀରିକ ସମ୍ପର୍କ ରଖନ୍ତୁ ଏବଂ ନିୟମିତ ବ୍ୟବଧାନରେ ୪୦ ବର୍ଷ ପରେ ଯକୃତ ପରୀକ୍ଷା କରାଇ ନିଅନ୍ତୁ। ସବୁଠାରୁ ବଡ଼ କଥା ମଦ୍ୟପାନରୁ ବିରତ ରୁହନ୍ତୁ।

ଅବସରପ୍ରାପ୍ତ ପ୍ରଫେସର, ଲିଭର ବିଶେଷଜ୍ଞ, କଟକ, ମୋ: ୯୪୩୭୦୫୧୯୫୭

CMYK
28.07.2025.pmd 1 7/27/2025, 5:01 PM

# କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

କୁଚିଣ୍ଡା, ୨୭।୭ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଣବ କୁମାର ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ଏହି ଜ୍ଞାନବିଜ୍ଞାନ ମେଳାର ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପ୍ରମୋଦ କୁମାର ପଟେଲ , କୁଚିଣ୍ଡା ମହାବିଦ୍ୟାଳୟର ଅଧ୍ୟାପକ ଟିକେଶ୍ୱର ଘୁଘର,ଦେବଦତ୍ତ ଭୋଇ,ପରମଜିତ ନାଏକ ପ୍ରମୁଖ ବିଚାରକ ମଣ୍ଡଳୀ ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ହୋଇଥିବା ଜ୍ଞାନ ବିଜ୍ଞାନ ମେଳାରେ ସଂସ୍କୃତି ଜ୍ଞାନ ବିଭାଗରେ ୨୮ ଜଣ, ବିଜ୍ଞାନ ବିଭାଗରେ ୧୧୮ଜଣ, ବୈଦିକ ଗଣିତ ବିଭାଗରେ ୪୯ ଜଣ ଏହିପରି ସମୁଦାୟ ୧୯୫ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ସେମାନଙ୍କର ଚୟନ ପାଇଁ ୧୪ ଜଣ ବିଚାରକ ସହଯୋଗ କରିଥିଲେ । ସେହିପରି କାର୍ଯ୍ୟକ୍ରମର ସମାପନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଶିକ୍ଷା ସଙ୍କୁଳ ମୁଖ୍ୟ ପ୍ରଫୁଲ୍ଲ କୁମାର ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପ-ସଭାପତି କୃଷ୍ଣଚନ୍ଦ୍ର ପୂଜାରୀ, କୋଷାଧ୍ୟକ୍ଷ ରଞ୍ଜନ ଭାଇଁସା, ସଦସ୍ୟା ନମିତା ବାରିକ ଓ ମଧୁସ୍ମିତା ମିର୍ଦ୍ଧା ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷୟିତ୍ରୀ ସୁଜାତା ସାହୁ ପରିଚାଳନା କରିଥିବା ବେଳେ,ଗଣିତ ବିଭାଗର ଶିକ୍ଷକ ଚନ୍ଦ୍ରକାନ୍ତ ଦେଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାରେ ଶିକ୍ଷକ ଲକ୍ଷ୍ମଣ ବେହେରା,ପୌଲସ୍ତି ପ୍ରଧାନ,ପ୍ରଭାତ ପୃଷ୍ଟି ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବାବେଳେ ଶେଷରେ ଉପ-ସଭାପତି କୃଷ୍ଣଚନ୍ଦ୍ର ପୂଜାରୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# 'ଶାନ୍ତିର ବିକଳ୍ପ ଯୁଦ୍ଧ ନୁହେଁ'

ଭଦ୍ରକ, ୨୭।୭ (ନିପ୍ର): ସମ୍ପ୍ରତି ବିଶ୍ୱ ଯେଉଁ ପରିସ୍ଥିତି ମଧ୍ୟରେ ଗତି କରୁଛି ତା' ଭିତରେ ସାଧାରଣ ମଣିଷ ସବୁ ସମୟରେ ଏକ ଆକସ୍ମିକତାରେ ଜୀବନ ଜୀଉଁଛି। ପ୍ରତିଦିନ କୋଉଁ ଦେଶ ସହିତ କେଉଁ ଦେଶର ଯୁଦ୍ଧ ହେଉଛି। ନିଜର ପତିଆର ଦେଖାଇବା ପାଇଁ ହେଉ କି ଲୁଣ୍ଠନ କରିବାକୁ ହେଉ, ଦୁର୍ବଳ ଉପରେ ସବୁ ବେଳେ ସବଳର ଅତ୍ୟାଚାର ଜାରି ରହି ଆସିଛି। ଯୁଦ୍ଧ ଯେ କେବଳ ଆଜି ହେଉଛି ତା'ନୁହେଁ, ଏହା ସତ୍ୟ, ତ୍ରେତୟା, ଦ୍ୱାପର ଯୁଗରେ ମଧ୍ୟ ହେଉଥିଲା। ତେବେ ଯେଉଁ କଥା କୁହାଯାଏ ଯେ ଯୁଦ୍ଧ ପରେ ଦେଶରେ ଶାନ୍ତି ଫେରିଛି, ମାତ୍ର ଯୁଦ୍ଧ ଶାନ୍ତିର ବିକଳ୍ପ ନୁହେଁ ବୋଲି ପ୍ରଜ୍ଞାପୀଠ ଠାରେ ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ' ପକ୍ଷରୁ ଆୟୋଜିତ ଅମାବାସ୍ୟା ଆସରରେ ଆଲୋଚ୍ୟ ବିଷୟ 'ଯୁଦ୍ଧ ଓ ଶାନ୍ତି' ପରିପ୍ରେକ୍ଷୀରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଭଦ୍ରକ କଲେଜ କ୍ୟାମ୍ପସ୍ କେଶବ ନଗର ସ୍ଥିତ ପ୍ରଜ୍ଞାପୀଠରେ ଚିତାଲାଗି ଅମାବାସ୍ୟା ଅବସରରେ ଅନୁଷ୍ଠିତ ମାସିକ ଅମାବାସ୍ୟା ଆସରରେ ଉପସଭାପତି ଆଇନଜୀବୀ ଅଗଣି ଚରଣ ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଆଲୋଚକ ଭାବେ ପ୍ରାଧ୍ୟାପକ ଶିବଚରଣ ଖାମ୍ବୁରାଇ ଯୋଗ ଦେଇ ଆଲୋଚନା କରିଥିବା ବେଳେ ଆଲୋଚିକା ଭାବେ ପ୍ରାଧ୍ୟାପିକା ଭାନୁମତୀ ମାଟିଆ ଯୋଗ ଦେଇ ନିଜର ମତ ପ୍ରକଟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଉଷାରାଣୀ ଜେନା, ସାହିତ୍ୟାନୁରାଗୀ ମଦନ ମୋହନ ମହାକୁଡ଼, ଏସୟୁଜେ ଜିଲ୍ଲା ସମ୍ପାଦକ ସାମ୍ବାଦିକ ତପନ କୁମାର ମିଶ୍ର, ଯୁବନେତା ଅମ୍ବିକା ପ୍ରସନ୍ନ ଦାସ, ବିଏମ୍‌ଏସ୍ ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ଅଖିଳ ଭାରତ ଆଶାକର୍ମୀ ସଂଘ କେନ୍ଦ୍ର ଉପସଭାପତି ମୁକ୍ତିକାନ୍ତ ସାହୁ, ଶିଳ୍ପୀ ରତିକାନ୍ତ ଦାସ, ଦିଲୀପ କୁମାର ନାୟକ, କୈଳାସ ଜେନା, ରଜତ ସାହୁ, ଯୁବ କବି ଅଂଶୁମାନ ସ୍ୱାଇଁ ଆଲୋଚନାରେ ନିଜନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। 'ଆମେ'ର ପ୍ରତିଷ୍ଠାତା ପ୍ରଫେସର ଅଟଳ ବିହାରୀ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ ସହିତ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। କବି ରମେଶ ଚନ୍ଦ୍ର ସ୍ୱାଇଁ 'ଯୁଦ୍ଧ ଓ ଶାନ୍ତି' ପର୍ଯ୍ୟବେଶିତ କବିତା ଆବୃତ୍ତି କରିଥିଲେ।

# ସହରରେ ବେଆଇନ ହୋର୍ଡିଂ ହଟିଲା ସକ୍ରିୟ ରାୟଗଡ ପୌର ପରିଷଦ

ରାୟଗଡା, ୨୭।୭ (ନିପ୍ର); ସହରରେ ମଧ୍ୟରେ ବେଆଇନ ହୋର୍ଡିଂକୁ ନେଇ ଏକ୍ସନ ମୁଡ଼ରେ ରାୟଗଡା ପୌର ପରିଷଦ। ରାୟଗଡା ପୌରପରିଷଦ ଅନ୍ତର୍ଗତ ବସ୍‌ଷ୍ଟାଣ୍ଡ ଛକ, କପିଳାସ




ଛକ, ମାଉସୀ ମା ମନ୍ଦିର ଛକ ଓ ମାଆ ମଝିଘରିଆଣି ମନ୍ଦିର ନିକଟସ୍ଥ ମୁଖ୍ୟ ରାସ୍ତାରେ ପାର୍ଶ୍ୱ ପରିସରର ବେଆଇନ ଭାବରେ ଲଗାଯାଇଥିବା ହୋର୍ଡିଂ, ପୋଷ୍ଟର ଉଛେଦ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଥିବା ଦେଖିବାକୁ ମିଳିଛି । କିଛି ବେଆଇନ ସଂସ୍ଥା ତଥା ଅସାଧୁ ବ୍ୟବସାୟୀ ନିଜର ସ୍ୱାର୍ଥ ସାଧନ ପାଇଁ ବିନା ଅନୁମତିରେ ସରକାରଙ୍କ ନିୟମକୁ ଉଲଂଘନ କରି ବିଭିନ୍ନ ସ୍ଥାନରେ ହୋର୍ଡିଂ, ବ୍ୟାନର ତଥା ପୋଷ୍ଟର ମାରୁଛନ୍ତି ଯାହାଦ୍ୱାରା ପରିଷଦର ଟିକସ ହାନି ହେବା ସହିତ ସହରର ପରିଚ୍ଛନ୍ନତା ତଥା ସୌନ୍ଦର୍ଯ୍ୟ ନଷ୍ଟ ହେଉଅଛି । ଯଦି ପରିଷଦର ବିନା ଅନୁମତିରେ ସହରର କୌଣସି ସ୍ଥାନରେ ବେଆଇନ ଭାବରେ ହୋର୍ଡିଙ୍ଗ, ବ୍ୟାନର କିମ୍ବା ପୋଷ୍ଟର ମରାଗଲେ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଉଚିତ ଜରିମାନା ଆଦାୟ କରାଯିବ ବୋଲି ପରିଷଦର ଅଧକ୍ଷ ପି ମହେଶ ପଟ୍ଟନାୟକ ଦୃଢ଼ ଭାବେ ପ୍ରକାଶ କରିଛନ୍ତି । ସାଧାରଣ ଜନନତାଙ୍କୁ ସଚେତନ ରହିବା ସହିତ ଦୋଷୀଙ୍କ ବିରୁଦ୍ଧରେ ପରିଷଦକୁ ଅବଗତ କରାଇବା ପାଇଁ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଲଦୀପ କୁମାର ସ୍ଥାନୀୟ ଜନସାଧାରଣଙ୍କୁ ଅପିଲ କରିଛନ୍ତି।

# ରାଜପୁତ କ୍ଷତ୍ରିୟ ସମାଜ ପକ୍ଷରୁ ବୃକ୍ଷରୋପଣ

ସୁନ୍ଦରଗଡ଼, ୨୭।୭ (ନିପ୍ର): ରାଜପୁତ କ୍ଷତ୍ରିୟ ସମାଜ ପକ୍ଷରୁ ରାଣୀ ବଗିଚା ବାଇପାସ ସ୍ଥିତ ସମାଜ ଗୃହ ପରିସରରେ ସଭାପତି ରାଜୁ ଠାକୁରଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନିଲ ସିଂ,ପ୍ରଣବ ସିଂ,ସ୍ୱାଧୀନ ରାୟ, ଦେବେନ୍ଦ୍ର ଭିତ୍ରିଆ ,ଦୀପକ ସିଂ, ସମରେନ୍ଦ୍ର ଠାକୁର,ଆନନ୍ଦ ଠାକୁର,ବିକ୍ରମ ସିଂ ,ମନୋଜ ଠାକୁର,ଦୁଷ୍ମନ୍ତ ଶେଖର ଦେଓ,ସମେତ ଅନ୍ୟ ବରିଷ୍ଠ ବ୍ୟକ୍ତିଙ୍କ ସହଯୋଗରେ ଏହି ବୃକ୍ଷରୋପଣ କରାଯାଇଛି।ଏହାସହ ଅଞ୍ଚଳବାସୀ ତଥା ପ୍ରକୃତି ପ୍ରେମୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ

କାଶୀନଗର, ୨୭।୭ (ନିପ୍ର); ସାରା ଓଡିଶାରେ ଅଲୋଡନ ସୃଷ୍ଟି କରିଥିବା ଏଫ.ଏମ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୋମ୍ୟାଶ୍ରୀ ବିଶିଙ୍କ ଆତ୍ମହୂତି ଜନିତ ମୃତ୍ୟୁ ଘଟଣା ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ମାର୍ଗଦର୍ଶିକା ଅନୁଯାୟୀ କାଶୀନଗର ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ଅଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ ହୋଇଛି। ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ପତ୍ର ସଂଖ୍ୟା ୩୭୦୩୨ କ୍ରମେ କଲେଜ ଅଧ୍ୟକ୍ଷା ସଂଯୁକ୍ତା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠିତ କମିଟି ରେ ସଂଯୋଜିକା ଭାବେ ଜୁଲୋଜି ଅଧ୍ୟାପିକା ଏସ.ପରିୱିନ ସଦସ୍ୟ ଭାବେ ଇତିହାସ ଅଧ୍ୟାପକ ସନ୍ତୋଷ ସାହୁ,ଅର୍ଥଶାସ୍ତ୍ର ଅଧ୍ୟାପିକା ଦୀପାଞ୍ଜଳି ସାହୁ,ରସାୟନ ବିଜ୍ଞାନ ଅଧ୍ୟାପକ ରଞ୍ଜନ କୁମାର ବାରିକ ତଥା ଛାତ୍ରୀ ହେମାନୀ ଗମାଙ୍ଗ ଓ ଛାତ୍ରୀ ଅବଲିଙ୍ଗି ଝାନ୍ସୀ ରହିଛନ୍ତି। ଛାତ୍ରଛାତ୍ରୀମାନେ ନିଜେ ନିଜକୁ ସୁରକ୍ଷିତ ରଖିବା ସହ ବିଶେଷତଃ ଛାତ୍ରୀମାନେ ନିର୍ଯାତନା ତଥା ଯୌନ ଉତ୍ପୀଡ଼ନର ଶିକାର ହେଲେ କିଭଳି ପଦକ୍ଷେପ ନେବେ ଏବଂ ଆଇନ ଦୃଷ୍ଟିରୁ ସେମାନଙ୍କ ପାଇଁ କି କି ସବୁ ନିୟମ ଅଛି ଯେଭଳି ୧୮୧ କୁ ଡାଇଲ କଲେ କି ପ୍ରକାର ଛାତ୍ରୀମାନେ ତୁରନ୍ତ ସୁବିଧା ପାଇ ପାରିବେ । ଅଭ୍ୟନ୍ତରୀଣ ଅଭିଯୋଗ କମିଟି ଛାତ୍ରୀମାନଙ୍କୁ କି ପ୍ରକାର ସାହାଯ୍ୟ ଓ ସହଯୋଗ କରିପାରିବ ସେ ବିଷୟରେ ଏକ ବୈଠକ କରି ସଚେତନ ମଧ୍ୟ କରାଯାଇ ଥିଲା।

# ରାଉରକେଲାରେ ସାଇବର ଠକ ସକ୍ରିୟ, ପାଞ୍ଚ ବର୍ଷରେ ଜିଲ୍ଲାରେ ୧୦୫ ମାମଲା

ରାଉରକେଲା, ୨୭।୭ (ନିପ୍ର); ସୁନ୍ଦରଗଡ଼, ରାଉରକେଲା ଜିଲ୍ଲାରେ ଝାଡ଼ଖଣ୍ଡୀ ସାଇବର ଅପରାଧୀ ସକ୍ରିୟ । ଇତି ମଧ୍ୟରେ ବନ୍ଧା ହେଲେଣି ୭୦ ଅଭିଯୁକ୍ତ, ୭୭ ମାମଲା ବିଚାରାଧୀନ ଅଛି। ସୁନ୍ଦରଗଡ଼ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମାୟାଜାଲ ବୁଣିଛନ୍ତି ସାଇବର ଠକ । ବନବାସୀଙ୍କ ସରଳତାର ସୁଯୋଗ ନେଉଛନ୍ତି।

କେତେ ବେଳେ ସରକାରୀ ଯୋଜନାର ଲାଭ ତ ଆଉ କେତେବେଳେ ବିଭିନ୍ନ ପ୍ରକାରର ସୁବିଧା ଲୋଭ ଦେଖାଇ ଫସାଉଛନ୍ତି। କ୍ଷଣିକ ଭିତରେ ସର୍ବସ୍ୱ ହରାଇ ସର୍ବସ୍ୱାନ୍ତ ହେଉଛନ୍ତି ଲୋକେ । ରାଉରକେଲା ସାଇବର ଥାନାରେ ଗଲା ପାଞ୍ଚ ବର୍ଷରେ ମୋଟ ୧୦୫ଟି ଠକେଇ ମାମଲା ରୁଜୁ ହୋଇଛି। ତଦନ୍ତକାରୀ ଦଳ ୭୦ ସାଇବର ଠକଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଏହି ୫ ବର୍ଷରେ ୨୮ଟି ମାମଲାରେ ଚାର୍ଜସିଟ୍ ଦିଆସରିଛି। ୭୭ଟି ମାମଲା କୋର୍ଟରେ ବିଚାରାଧୀନ ରହିଛି। ନିତି ପ୍ରତିଦିନ ଏଭଳି ଘଟଣା ପୁଲିସ୍ ପ୍ରଶାସନର ଚିନ୍ତା ବଢ଼ାଉଛି। ଅଦୃଶ୍ୟ ଠକଙ୍କୁ ଠାବ କରିବା ଏବଂ ଲୁଟ୍ ଟଙ୍କା ମିଳିଥିବା ତଥ୍ୟ ଅନୁସାରେ, ୨୦୨୧ରେ ୧୩ଟି ସାଇବର ଠକେଇ ମାମଲା ରୁଜୁ ହୋଇଥିଲା। ଏସବୁ ମାମଲାରେ ୯ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନୁରୂପ ଭାବେ ୨୦୨୨ରେ ୧୬ଟି ମାମଲାରେ ୧୭ଜଣ ଠକ ବନ୍ଧା ହୋଇଥିଲେ। ୨୦୨୩ରେ ମାମଲା ସଂଖ୍ୟା ୨୯କୁ ବଢିଥିଲା ଓ ୧୦ଜଣଙ୍କୁ ଗିରଫ କରାଯାଇଥିଲା । ୨୦୨୪ରେ ମାମଲା ୩୫କୁ ବୃଦ୍ଧି ପାଇଥିଲା। ଏହି ବର୍ଷ ସର୍ବାଧିକ ୧୮ଜଣଙ୍କୁ ଗିରଫ କରିବାରେ ସଫଳତା ହାସଲ କରିଥିଲା ତଦନ୍ତକାରୀ ଟିମ୍। ୨୦୨୫ ଜୁନ୍ ୩ ସୁଦ୍ଧା ରାଉରକେଲା ସାଇବର ଥାନାରେ ୧୨ଟି ମାମଲା ରୁଜୁ ହୋଇଛି। ୧୬ଜଣଙ୍କୁ ଗିରଫ କରାଯାଇଛି। ଫେରସ୍ତ ଆଣିବା ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଅଧିକାଂଶ ମାମଲାରେ ସାଇବର ଠକମାନେ ଜାଲ୍ ଟ୍ରେଡିଂ, କ୍ରେଡିଟ୍ କାର୍ଡ ହିତାଧିକାରୀଙ୍କୁ ମୋହରା କରିଛନ୍ତି। ଅନ୍ୟ କେତେକ ମାମଲାରେ ମୋବାଇଲ୍‌କୁ ଆସୁଥିବା ବେନାମୀ ଲିଙ୍କ୍, ଟଙ୍କା ଦୁଇଗୁଣା କରିଦେବା ଏବଂ ପୁରସ୍କାର ଲୋଭଦେଖାଇ ଠକମାନେ ଲୋକଙ୍କୁ ଫସାଉଥିବା ଜଣାପଡ଼ିଛି।

ସାଇବର ଟିମ୍ ତଦନ୍ତରୁ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିଛି। ପଡ଼ୋଶୀ ଝାଡ଼ଖଣ୍ଡ ସାଇବର ଠକଙ୍କ ଅମରାବତୀ ପାଲଟିଛି। ଏକ୍ସପାର୍ଟ ସାଇବର ଠକମାନେ ସେଠାରେ ବସି ସୁନ୍ଦରଗଡ଼ ଜିଲ୍ଲାରେ ଠକେଇ ଯୋଜନା ପ୍ରସ୍ତୁତ କରୁଛନ୍ତି । ସେମାନଙ୍କ ଥୋପରେ ଅନେକ ଫସୁଛନ୍ତି। ହିତାଧିକାରୀ ଠକେଇର ଶିକାର ହୋଇଥିବା ଜାଣିବା ବେଳକୁ ବହୁ ବିଳମ୍ବ ହୋଇଯାଇଛି। ଗାଏବ ହୋଇଯାଇଥିବା ଅର୍ଥରାଶି ଫେରିପାଇବା କଷ୍ଟକର ହୋଇପଡୁଛି। ୨୦୧୮ ମସିହାରୁ ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରରେ ତିନିଟି ସାଇବର ଅପରାଧ ଥାନା ପ୍ରତିଷ୍ଠା କରାଯାଇଥିଲା। ୨୦୨୧ରେ ୧୪ଟି ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ ( ସାଇବର କ୍ରାଇମ୍ ଆଣ୍ଡ ଇକୋନୋମିକ୍ ଅଫେନ୍ସ) ଥାନା ପ୍ରତିଷ୍ଠା କରାଯାଇଛି। ଏହାଛଡ଼ା ସବୁ ଜିଲ୍ଲା ଅଫିସ୍‌ରେ ସାଇବର କ୍ରାଇମ୍ ସେଲ୍ ରହିଛି।

ରାଉରକେଲାରେ ସାଇବର ଥାନା ପ୍ରତିଷ୍ଠା ଇତିହାସର ୭ ବର୍ଷରେ ମାମଲା ସଂଖ୍ୟା କ୍ରମାଗତ ଭାବେ ବଢ଼ିଚାଲିଛି। ଯାହା ଚିନ୍ତାର କାରଣ ପାଲଟିଛି।

# କାର୍ଗିଲ ବିଜୟ ଦିବସ ପାଳିତ


ଭବାନୀପାଟଣା, ୨୭।୭ (ନିପ୍ର): ଇଣ୍ଡିଆନ୍ କ୍ରିଏଟିଭ ଆର୍ଟିଷ୍ଟ ନେଟୱର୍କ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ବିକାଶ କଲେଜର ଓ୍ୱିସଡମ ପାର୍କର ସମ୍ମିଳନୀ କକ୍ଷରେ ୨୬ ତମ କାର୍ଗିଲ୍ ବିଜୟ ଦିବସ ପାଳିତ ହୋଇଛି। ଏଥିରେ ରାଜ୍ୟସଭା ସଦସ୍ୟ ସୁଜିତ୍ କୁମାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ନାଟ୍ୟକାର ତଥା ଶିକ୍ଷାବିତ୍ ଡ଼ ଉମେଶ ଚନ୍ଦ୍ର ଶତପଥୀ, ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ନିର୍ଦ୍ଦେଶକ ଡି ରାମ କୁମାର, ବରିଷ୍ଠ ଆଇନଜୀବୀ ଭବେନ୍ଦ୍ର ପଣ୍ଡା ଓ ବରିଷ୍ଠ ସାମ୍ବାଦିକ ହରଜିନ୍ଦର୍ ସିଂ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଉଦ୍ଘାଟନ କରିଥିଲେ। ଏଥିରେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପରେ ୨୦ ଟି ପେଣ୍ଟିଂ ସହ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ପରେ ଆୟୋଜିତ ସଭାରେ ଇଣ୍ଡିଆନ୍ କ୍ରିଏଟିଭ ଆର୍ଟିଷ୍ଟ ନେଟୱର୍କ ଟ୍ରଷ୍ଟର ଅଧ୍ୟକ୍ଷ ଡ଼ ଅଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ କାର୍ଗିଲ୍ ଯୁଦ୍ଧରେ ଲଢେଇ କରିଥିବା ୯ ଜଣ ସମେତ ୧୧ ଜଣ ସେନା ଅଧିକାରୀ ଓ ସେବା ନିବୃତ ସୈନିକଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି କାର୍ଗିଲ୍ ବିଜୟ ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଏହି ଅବସରରେ ସାଂସ୍କୃତିକ କୂଟନୀତି ଉଦ୍ଦେଶ୍ୟରେ ବିଦେଶରେ ଆୟୋଜିତ ଭାରତ ଉତ୍ସବରେ କଳାହାଣ୍ଡିର ଲୋକକଳା ପ୍ରଦର୍ଶନ କରି କଳାହାଣ୍ଡି ପାଇଁ ଗୌରବ ଆଣିଥିବା କଳାକାରମାନଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୪ ମସିହାରେ ଜାପାନ ଠାରେ ଆୟୋଜତ ଭାରତ ଉତ୍ସବରେ ଅଂଶ ଗ୍ରହଣ କରିଥିବା ମହାବୀର ସାଂସ୍କୃତିକ ଅନୁଷ୍ଠାନର ୧୩ ଜଣ କଳାକାର ଓ ଗତ ମାସରେ ଋଷିଆର ମସ୍କୋ ଠାରେ ଆୟୋଜିତ ଭାରତ ଉତ୍ସବରେ ଅଂଶ ଗ୍ରହଣ କରିଥିବା ପ୍ରତିଭା ଅନୁଷ୍ଠାନର ୧୨ ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଆଶୁତୋଷ ପାତ୍ର ମଞ୍ଚ ସଂଯୋଜନା କରିଥିଲେ। ଇଣ୍ଡିଆନ୍ କ୍ରିଏଟିଭ ଆର୍ଟିଷ୍ଟ ନେଟୱର୍କ ଟ୍ରଷ୍ଟର ଉପ ସଭାପତି ଶିଳ୍ପୀ ତରୁଣ ମହାପାତ୍ର, ସମ୍ପାଦକ ଅଭିଜିତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପରିବେଶ ସଚେତନତା ରାଲି : ଗଛ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ

ରାଉରକେଲା ୨୭/୭, (ନିପ୍ର): ଆଜି ବିଶ୍ୱ ପର୍ଯ୍ୟାବରଣ ଦିବସ। ପର୍ଯ୍ୟାବରଣ ଦିବସ ପାଳନ ଅବସରରେ ଲାଏନ୍ସ କ୍ଲବ ଅଫ୍ ବେଦବ୍ୟାସ ପକ୍ଷରୁ ସମସ୍ତଙ୍କ ପାଇଁ ଗୋଟିଏ ସ୍ଲୋଗାନ, ଗଛ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ, ମାଆଙ୍କ ନାମରେ ଗଛ ଲଗାନ୍ତୁ। ଯୁବ, ଛାତ୍ରଛାତ୍ରୀ, ମହିଳାଙ୍କ ପାଇଁ ଗୋଟିଏ ସ୍ଲୋଗାନ, ଗଛ ଲଗାନ୍ତୁ ପରିବେଶ ବଞ୍ଚାନ୍ତୁ। ଏହି ଲକ୍ଷ୍ୟକୁ ନେଇ ଏକ ବିଶାଳ ଶୋଭାଯାତ୍ରା ରାଉରକେଲା ରେଳଷ୍ଟେସନ୍ ନିକଟସ୍ଥ ମଧୁସୂଦନ ଛକରୁ ବାହାରି ଉଦିତନଗର ମାହେଶ୍ୱରୀ ଭବନ ଅଭିମୁଖେ ଯାତ୍ରା କରିଥିଲା। ଶୋଭାଯାତ୍ରା ସହରର ମୁଖ୍ୟ ରାସ୍ତା, ପ୍ଲାଣ୍ଟ ସାଇଟ୍ ଛକ, ପାୱାର ହାଉସ୍ ଛକ, ଆମ୍ବେଦକର ଛକ ଦେଇ ଉଦିତନଗର ମାହେଶ୍ୱରୀ ଭବନରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରା ଲାଏନ୍ସ କ୍ଲବର ବରିଷ୍ଠ ଅଧିକାରୀ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ପୋଲିସ ପ୍ରଶାସନ ସହିତ ଟ୍ରାଫିକ୍ ପୋଲିସ ଅଧିକାରୀଙ୍କ ଦ୍ୱାରା ଛକ ଛକରେ ଟ୍ରାଫିକ୍ ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଏହି ବ୍ୟବସ୍ଥାକୁ କ୍ଲବ ସଦସ୍ୟମାନେ ପ୍ରଶଂସା କରିଥିଲେ। ଲାଏନ୍ସ କ୍ଲବ ଇଣ୍ଟରନ୍ୟାସନାଲ ପକ୍ଷରୁ ଆୟୋଜିତ ପର୍ଯ୍ୟାବରଣ ଶୋଭାଯାତ୍ରାକୁ ନେଇ ଲାଏନ୍ସ କ୍ଲବ ବେଦବ୍ୟାସର ଉପସଭାପତି ସନ୍ତୋଷ କୁମାର ପାରିକ୍ କହିଥିଲେ ଯେ, ପ୍ରତ୍ୟେକ ଗଛ ଲଗାଇବା ଉଚିତ୍। ପ୍ରତ୍ୟେକ ମାଆଙ୍କ ନାମରେ ଗୋଟିଏ ଗଛ ଲଗାଇବା। ଏହା ଦ୍ୱାରା ପରିବେଶ ସବୁଜ ଓ ସୁନ୍ଦର ରହିବା ସହିତ ମାନବ ସମାଜ ସୁସ୍ଥ ଅମ୍ଳଜାନ ପାଇପାରିବେ ଏବଂ ପରିବେଶ ସୁସ୍ଥ ରହିବ। ଯୁବ ବର୍ଗଙ୍କ ସମେତ ଛାତ୍ରଛାତ୍ରୀ, ମହିଳା ଓ ବରିଷ୍ଠ ନାଗରିକ ମଧ୍ୟ ଗଛ ଲଗାଇବା ଆବଶ୍ୟକ। ପ୍ରତ୍ୟେକ ମାଆଙ୍କ ନାମରେ ଗଛ ଲଗାଇବା ଉଚିତ୍।

# ନଦୀରେ ଖସିଲା ସଦର ବିଡିଓଙ୍କ ଗାଡ଼ି, ସପତ୍ନୀକ ଗୁରୁତର

କୋଣାର୍କ, ୨୭।୭ (ନିପ୍ର):କୋଣାର୍କ-ପୁରୀ ଜାତୀୟ ରାଜପଥ ରାସ୍ତାର ଲୋଟସ ରିସୋର୍ଟ ନିକଟରେ କାର ପାର୍କିଂ କରୁଥିବା ବେଳେ ଶନିବାର ଅପରାହ୍ନରେ ରାମଚଣ୍ଡୀ ନଦୀରେ କାର ଖସି ପଡି କଟକ ଜିଲ୍ଲା ସଦର ବ୍ଲକ ବିଡିଓ ଓ ତାଙ୍କ ପତ୍ନୀ ଆହତ ହୋଇଥିବା ଜଣାପଡିଛି। ମହାନଦୀର ଉପର ମୁଣ୍ଡରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜଳ ସ୍ତର ବୃଦ୍ଧି ଯୋଗୁଁ ମହାନଦୀର ୨୦ଗୋଟି ଗେଟ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଏହି ସମସ୍ୟା ଯୋଗୁଁ ମହାନଦୀର ତଳିଆ ଅଂଚଳରେ ସମ୍ଭାବ୍ୟ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ସମ୍ବେଦନଶୀଳ ସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ କ୍ରମେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀ ମାନଙ୍କ ଶନିବାର ଛୁଟି ବାତିଲ କରାଯାଇଛି। ମାତ୍ର ସରକାରୀ ନିର୍ଦ୍ଦେଶନାମାର ଖୋଲା ଉଲଂଘନ କରି କଟକ ସଦର ବ୍ଲକ ବିଡିଓ ଓ ତାଙ୍କ ପତ୍ନୀ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲିବାକୁ ଯାଇଥିଲେ ବୋଲି କୁହାଯାଉଛି। ସାରି ଗାଡି ନଂ - ଓଡି୦୫ସିବି ଯୋଗେ ଲୋଟସ ରିସୋର୍ଟକୁ ଯାଇଥିଲେ। ସେଠାରେ ଗାଡି ପାର୍କିଂ କରୁଥିବା ବେଳେ ବିଡିଓଙ୍କ ଗାଡି ରାମଚଣ୍ଡୀ ନଦୀରେ ଖସିପଡିଥିଲା । ଏଥିରେ ବିଡିଓ ଓ ତାଙ୍କର ପତ୍ନୀ ଗୁରୁତର ଭାବେ ଆହତ ହୋଇଛନ୍ତି। ଖବର ପାଇ ଚନ୍ଦ୍ରଭାଗା ମେରାଇନ ଥାନା ପୋଲିସ ଓ ରାମଚଣ୍ଡୀ ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ର ଅଧିକାରୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପାଇଁ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ପରେ ପରେ ସେମାନଙ୍କୁ



ପୁରୀ ସଦର ମହକୁମା ମୁଖ୍ୟ ହସ୍ପିଟାଲକୁ ପଠାଯାଇଛି। ଅମାବାସ୍ୟା ଜୁଆର ଯୋଗୁଁ ନଦୀ ଭିତରକୁ ବିଡିଓଙ୍କ କାରଟି ଓଲଟି ଭାସିଯାଇଥିଲା । ଅମାବାସ୍ୟା ଜୁଆର ଯୋଗୁଁ ନଦୀର ପାଣି ଫୁଲି ରହିଛି। ରାମଚଣ୍ଡୀ ଅଗ୍ନିଶମ ସେବା କେନ୍ଦ୍ର ଓ ଭୋଟ ଆସୋସିଏସନ କର୍ମକର୍ତ୍ତା ମାନେ ବିଡିଓଙ୍କ କାରକୁ ନଦୀରୁ ଉଦ୍ଧାର କରିଛନ୍ତି। ମେରାଇନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ପ୍ରତିମା ସାହୁ ପ୍ରକାଶ କରିଛନ୍ତି।

# ଯୌନ ନିର୍ଯାତନା ନିରାକରଣ ସଚେତନତା

କୃଷ୍ଣପ୍ରସାଦ, ୨୭।୭ (ନିପ୍ର): କର୍ମସ୍ଥଳରେ ମହିଳା କର୍ମଚାରୀ ଓ ଛାତ୍ରୀଙ୍କ ପ୍ରତି ଯୌନ ନିର୍ଯାତନା ନିବାରଣ, ନିଷେଧ ଓ ପ୍ରତିକାର ସମ୍ପର୍କିତ ସଚେତନତା କର୍ମଶାଳା ପଞ୍ଚାୟତ ସ୍ନାତକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ସାତପଡ଼ାରେ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ନିର୍ଦ୍ଦେଶାବଳି ଓ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟ ସାତପଡ଼ା ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ପୁର୍ନଗଠନ ପରେ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ଶନିବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ପ୍ରକାଶ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସାତପଡ଼ା ଫାଣ୍ଡି ଅଧିକାରୀ, ଆଇଏସଇଆରଡ଼ିର ଅଧିକାରୀ କେଳୁ ଚରଣ ଦାଶ ଯୋଗଦେଇ କର୍ମ କ୍ଷେତ୍ରରେ ମହିଳା ମାନଙ୍କ ପ୍ରତି ଯୌନ ଉତ୍ପୀଡ଼ନର ନିବାରଣ ଓ ଏହାର ପ୍ରତିକାର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ଅଧ୍ୟକ୍ଷା ତଥା ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ରୋଜାଲିନି ଜେନା ଯୌନ ନିର୍ଯାତନା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।

# ରାୟଗଡାରେ କାର୍ଗିଲ ବିଜୟ ଦିବସ

ରାୟଗଡ଼ା, ୨୭।୭ (ନିପ୍ର): ୧୯୯୯ ମସିହା ଜୁଲାଇ ୨୬ ତାରିଖରେ ଭାରତୀୟ ସେନା କାର୍ଗିଲ ଉପରେ ବିଜୟ ଲାଭ କରିଥିଲା । ଏହି ଯୁଦ୍ଧରେ ସେନାର ଅନେକ ବୀର ଯବାନ ଦେଶ ପାଇଁ ବଳିଦାନ ଦେଇ ଶହୀଦ ହୋଇଥିଲେ । ଉକ୍ତ ଦିନର ବୀରତ୍ୱକୁ ମନେ ପକାଇବା ପାଇଁ ସାରା ଦେଶରେ କାର୍ଗିଲ ବିଜୟ ଦିବସ ପାଳନ କରାଯାଉଛି । ଏହି କ୍ରମରେ ରାୟଗଡ଼ା ଜିଲ୍ଲା ଭେଟେରାନ ସୋଲଜର ଆସୋସିଏସନ ତରଫରୁ ରାୟଗଡ଼ା ସହର ଗୌତମ ନଗର ୪ର୍ଥ ଲାଇନରେ କାର୍ଯ୍ୟାଳୟରେ ବିଜୟ ଦିବସ ପାଳନ କରାଯିବା ସହ ସନ୍ଧ୍ୟାରେ କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଆସୋସିଏସନ ସଭାପତି ଶିବଶଙ୍କର ରଥ ଓ ସମ୍ପାଦକ ସୁରଜିତ ହୋତାଙ୍କ ନେତୃତ୍ୱରେ ଅନୁଷ୍ଠିତ କଣ୍ଡେଲ ଶୋଭାଯାତ୍ରାରେ ୪ର୍ଥ ବାଟାଲିୟନ ସିଆରପିଏଫ ଅଧିକାରୀ ଓ ଯବାନ, ଦ୍ୱିତୀୟ ଓଡିଶା ବାଟାଲିୟନ ବାଳିକା ଏନସିସି ର ସୁବେଦାର ମେଜର, କ୍ୟାଡେଟ, ରାୟଗଡ଼ା ମହିଳା ମହାବିଦ୍ୟାଳୟ ଓ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନସିସି କ୍ୟାଡେଟ, ଏନସିସି ଅଫିସର, ତିନି ସେନାର ଅବସର ପ୍ରାପ୍ତ ଯବାନ ଓ ଅଧିକାରୀ ତଥା ଆସୋସିଏସନର ସମସ୍ତ ସଦସ୍ୟ ଏବଂ ସ୍ଥାନୀୟ ଜନ ସାଧାରଣ ଯୋଗ ଦେଇ କାର୍ଯ୍ୟାଳୟ ଠାରୁ ହାତରେ କେଣ୍ଡେଲ ଧରି ଜୟ ହିନ୍ଦ, ଭାରତ ମାତା କି ଜୟ ଭଳି ଦେଶ ଭକ୍ତିର ନାରା ଦେଇ ନଗର ପରିକ୍ରମା କରି ପୁଣି କାର୍ଯାଳୟ ନିକଟରେ ସମବେତ ହୋଇ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷରେ ଆସୋସିଏସନ ସମ୍ପାଦକ ଶ୍ରୀ ହୋତା ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଶହୀଦ ଯବାନଙ୍କୁ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

# ବୈତରଣୀ ଓ ବ୍ରାହ୍ମଣୀରେ ସମ୍ଭାବ୍ୟ ବନ୍ୟା: ଜିଲ୍ଲା ପ୍ରଶାସନର ତ୍ୱରିତ୍ ପଦକ୍ଷେପ

ଯାଜପୁର, ୨୭।୭ (ନିପ୍ର): ଯାଜପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୈତରଣୀ ଓ ବ୍ରାହ୍ମଣୀ ନଦୀରେ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଅଛି । ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ବୈତରଣୀ ନଦୀରେ ରାତି ସୁଦ୍ଧା ଅଧିକ ବନ୍ୟାଜଳ ପ୍ରବାହିତ ହେବାକୁ ଥିବାରୁ ସମସ୍ତ ବିଡିଓ, ତହସିଲଦାର ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁଠି ଘାଇ ହେବାର ସମ୍ଭାବନା ରହୁଛି ସେଠାକାର ଲୋକମାନଙ୍କୁ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ବିଦ୍ୟାଳୟ ମାନଙ୍କରେ ଥିବା ଅସ୍ଥାୟୀ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତରଣ କରାଯିବ। ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ଖାଇବା ପିଇବା ବନ୍ଦୋବସ୍ତ କରିବାକୁ ବି.ଡି.ଓ ଏବଂ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିଗ୍ରସ୍ତ ହେବାକୁ ଥିବା ବ୍ଲକ୍ ମାନଙ୍କରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରଖି ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ମାନଙ୍କର ନାମ ଓ ଫୋନ ନମ୍ବର ଜିଲ୍ଲା ଜରୁରୀ କାଳୀନ ବିଭାଗକୁ ପଠାଇବାକୁ କହିଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ଆବଶ୍ୟକୀୟ ଶୁଖିଲା ଖାଦ୍ୟ ଚୁଡ଼ା ଓ ଗୁଡ଼ ବ୍ଲକ୍ ଓ ଗ୍ରାମପଞ୍ଚାୟତ ପଏଣ୍ଟକୁ ଯୋଗାଇବାକୁ ବ୍ୟବସ୍ଥା କରିବେ। ମାର୍କେଟିଂ ଇନସ୍ପେକ୍ଟର ମାନେ ବ୍ଲକ୍



ପଏଣ୍ଟରେ ଉପସ୍ଥିତ ରହିବେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଆସନ୍ନ ପ୍ରସବ କରିବାକୁ ଥିବା ଗର୍ଭବତୀ ମହିଳାକୁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଇବେ। ଦୁଇଟି ଓଡ୍ରାଫ ୟୁନିଟ ବ୍ଲକ୍ ଏବଂ ଜିଲ୍ଲା ହେଡକ୍ୱାର୍ଟରରେ ମୁତୟନ କରାଯିବ। ଜିଲ୍ଲା ଶିକ୍ଷା ଅଧିକାରୀ, ବିଇଓ, ସିଆରସିସି ଓ ହେଡମାଷ୍ଟର ମାନଙ୍କୁ ପ୍ରଭାବିତ ହେବାକୁ ଥିବା ବ୍ଲକ୍ ର ବିଦ୍ୟାଳୟ ମାନଙ୍କରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉପସ୍ଥିତ ରହି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ସମସ୍ତ ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ରିଲିଫ ଓ ଉଦ୍ଧାର କାର୍ଯ୍ୟର ଫଟୋ ଗ୍ରୁପରେ ସେୟାର କରିବାକୁ ପରାମର୍ଶ ଦେଇଥିଲେ। ଶ୍ରାବଣ ମାସ ସୋମବାର ଥିବାରୁ ନଦୀର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ମାନେ ପାଣି ଉଠେଇବାକୁ ଥିବାରୁ ସେଠାରେ ଅଧିକ ସତର୍କ ରହିବାକୁ ପ୍ରଶାସନ, ପୋଲିସ ଓ ଅଗ୍ନିଶମ ବିଭାଗକୁ ପରାମର୍ଶ ଦେଇଥିଲେ। ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ଦେବିଗଡା ଓ ବଲ୍ଲଭୀ ଘାଟରୁ ଶ୍ରଦ୍ଧାଳୁ ମାନେ ପାଣି ଉଠେଇବାକୁ ଥିବାରୁ ନିର୍ବାହୀ ଅଧିକାରୀ ପୌର ପରିଷଦ ସତର୍କ ଓ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମସ୍ତ ଡାକ୍ତରଖାନାରେ ସାପ କାମୁଡ଼ା ଔଷଧ ଅତ୍ୟାବଶ୍ୟକ ଔଷଧ, ଓ.ଆର.ଏସ, ବ୍ଲିଚିଂ ପାଉଡର, କ୍ଲୋରିନ ଟାବଲେଟ ମହଜୁଦ ରଖିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ବନ୍ୟା ପରେ ଜଳ ବିଶୁଦ୍ଧିକରଣ ଓ ଆବଶ୍ୟକୀୟ ପାନୀୟ ଜଳ ଯୋଗାଇ ଦେବେ। ବିଡିଓମାନେ ଭି.ସି ମାଧ୍ୟମରେ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ, କର୍ମଚାରୀ, ପଞ୍ଚାୟତ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ସହିତ ବୈଠକ କରାଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ। ଜଳସେଚନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ବୈତରଣୀ ନଦୀର ଆଖୁଆପଦା ଠାରେ ବିପଦସଂକେତ ୩୮.୩୬୦ ମିଟର ଥିବା ବେଳେ ବର୍ତ୍ତମାନ ଜଳସ୍ତର ୩୯.୧୪୦ ମିଟର ରହିଛି। ସେହିପରି ଅପରାହ୍ନ ୩.୦୦ ଘଟିକା ସୁଦ୍ଧା ଜେନାପୁର ଠାରେ ୬୭ ଫୁଟ ବିପଦସଂକେତ ଥିବା ବେଳେ ବର୍ତ୍ତମାନ ୬୧.୫୦ ଫୁଟ ଜଳ ପ୍ରବାହିତ ହେଉଛି। ଏହି ବୈଠକରେ ବି.ଡି.ଓ, ତହସିଲଦାର, ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



## ମୋଦିଙ୍କ ୧୨୪ତମ ମନ୍ କୀ ବାତ୍

# ହିଂସାର ପଥ ଛାଡି ମାଛ ଚାଷ କଲେ ଓମ୍ ପ୍ରକାଶ

ନୂଆଦିଲ୍ଲୀ,୨୭।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର 'ମନ୍ କି ବାତ୍ ' କାର୍ଯ୍ୟକ୍ରମର ୧୨୪ତମରେ ସମ୍ବୋଧିତ କରିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ୧୯୦୫ ଅଗଷ୍ଟ ୭ ତାରିଖରେ ଏକ ନୂତନ ବିପ୍ଳବ ଆରମ୍ଭ ହୋଇଥିଲା। ସ୍ୱଦେଶୀ ଆନ୍ଦୋଳନ ସ୍ଥାନୀୟ ଉତ୍ପାଦ, ବିଶେଷକରି ହସ୍ତତନ୍ତରେ ନୂତନ ଶକ୍ତି ସଞ୍ଚାର କରିଥିଲା। ମହାରାଷ୍ଟ୍ରର ପାଇଥାନ ଗାଁର କବିତା ଧାଓ୍ୱାଲେ ପୂର୍ବରୁ ସ୍ଥାନ ଏବଂ ସୁବିଧା ନଥିବା ଏକ ଛୋଟ କୋଠରୀରେ କାମ କରୁଥିଲେ। ବୟନ ଶିଳ୍ପ ଆମର ସାଂସ୍କୃତିକ ଐତିହ୍ୟ। ଦେଶରେ ୩,୦୦୦ ରୁ ଅଧିକ ଷ୍ଟାର୍ଟଅପ୍ ଅଛନ୍ତି । ୨୦୪୭ ବିକଶିତ ଭାରତ ପାଇଁ ସ୍ୱପ୍ନ ଆତ୍ମନିର୍ଭରତା ସହିତ ଜଡ଼ିତ। ପ୍ରଧାନମନ୍ତ୍ରୀ କହିଛନ୍ତି, ଲକ୍ଷ୍ନୌର ଗୋମତୀ ନଦୀ ଦଳର କଥା ଉଲ୍ଲେଖ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଗତ ୧୦ ବର୍ଷ ଧରି ପ୍ରତି ରବିବାର, ଅକ୍ଳାନ୍ତ ଭାବରେ, ବିନା ଅଟକି, ଏହି ଦଳର ସଦସ୍ୟମାନେ ସଫାସୁତୁରା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଛତିଶଗଡ଼ର ବିଲହାର ଉଦାହରଣ ମଧ୍ୟ ମହାନ। ଏଠାରେ, ମହିଳାଙ୍କୁ ବର୍ଜ୍ୟବସ୍ତୁ ପରିଚାଳନାରେ ତାଲିମ ଦିଆଯାଇଥିଲା ଏବଂ ସେମାନେ ଏକାଠି ସହରର ରୂପ ବଦଳାଇ ଦେଇଥିଲେ। ଗୋଆର ପାଣାଜୀ ସହରର ଉଦାହରଣ ମଧ୍ୟ ପ୍ରେରଣାଦାୟକ। ସେଠାରେ, ଅଳିଆକୁ ୧୬ଟି ବର୍ଗରେ ବିଭକ୍ତ କରାଯାଇଛି ଏବଂ ତାହା ମଧ୍ୟ ମହିଳାମାନେ ପରିଚାଳନା କରୁଛନ୍ତି। ପାଣାଜୀକୁ ରାଷ୍ଟ୍ରପତି ପୁରସ୍କାର ମଧ୍ୟ ମିଳିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭୋପାଳରେ ଏକ ଦଳକୁ 'ପଜିଟିଭ୍ ଥିଙ୍କିଙ୍ଗ୍ ' ବୋଲି କୁହାଯାଏ। ଏଥିରେ ୨୦୦ ମହିଳା ଅଛନ୍ତି।ଏପରି ପ୍ରୟାସ ଯୋଗୁଁ, ଭୋପାଳ ଏବେ ସ୍ୱଚ୍ଛ ସର୍ଭେରେ ବହୁତ ଆଗକୁ ବଢ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, 'ତାମିଲନାଡୁର ତାଞ୍ଜାଭୁରର ମଣି ମାରଣ ଭାବନ୍ତି ଯେ ଯଦି ଆଜିର ପିଢ଼ି ତାମିଲ ପାଣ୍ଡୁଲିପି ପଢ଼ିବା ଶିଖିବେ ନାହିଁ, ତେବେ ଭବିଷ୍ୟତରେ ଏହି ଅମୂଲ୍ୟ ଐତିହ୍ୟ ହଜିଯାଇପାରେ। ତେଣୁ ସେ ସନ୍ଧ୍ୟାକାଳୀନ ଶ୍ରେଣୀ ଆରମ୍ଭ କଲେ ଯେଉଁଠାରେ ଛାତ୍ର, କାର୍ଯ୍ୟରତ ବୃତ୍ତିଗତ, ଗବେଷକ ସମସ୍ତେ ଶିଖିବାକୁ ଆସୁଥିଲେ...ଆଜି, ଅନେକ ଛାତ୍ର ଏହି କଳାରେ ଦକ୍ଷ ହୋଇସାରିଛନ୍ତି। ମୋଦି କହିଛନ୍ତି, ଭାରତ ସରକାର ଚଳିତ ବର୍ଷର ବଜେଟ୍‌ରେ ଏକ ଐତିହାସିକ ପଦକ୍ଷେପ 'ଜ୍ଞାନ ଭାରତମ୍ ମିଶନ୍' ଘୋଷଣା କରିଛନ୍ତି। ଏହି ମିଶନ ଅଧୀନରେ, ପ୍ରାଚୀନ ପାଣ୍ଡୁଲିପିଗୁଡ଼ିକୁ ଡିଜିଟାଇଜେସନ୍ କରାଯିବ। ମୋଦି ଝାଡ଼ଖଣ୍ଡର ଗୁମଲା ଜିଲ୍ଲା କଥା କହି କହିଛନ୍ତି ଗୋଟିଏ ସମୟ ଥିଲା ଯେତେବେଳେ ଏହି ଅଞ୍ଚଳ ମାଓ ହିଂସା ପାଇଁ ଜଣାଶୁଣା ଥିଲା। ବାସିଆ ବ୍ଲକର ଗାଁଗୁଡ଼ିକ ଜନଶୂନ୍ୟ ହୋଇଯାଉଥିଲା। ଲୋକମାନେ ଭୟର ଛାୟାରେ ରହୁଥିଲେ। ନିଯୁକ୍ତିର କୌଣସି ସମ୍ଭାବନା ନଥିଲା, ଜମି ଖାଲି ପଡ଼ିଥିଲା ଏବଂ ଯୁବକମାନେ ସ୍ଥାନାନ୍ତରିତ ହେଉଥିଲେ। କିନ୍ତୁ ତା'ପରେ, ଏକ ପରିବର୍ତ୍ତନ ନୀରବରେ ଏବଂ ବହୁତ ଧୈର୍ଯ୍ୟ ସହିତ ଆରମ୍ଭ ହୋଇଥିଲା। ଓମ ପ୍ରକାଶ ସାହୁ ଜୀ ନାମକ ଜଣେ ଯୁବକ ହିଂସାର ପଥ ଛାଡି ମାଛ ଚାଷ ଆରମ୍ଭ କରିଥିଲେ। ତା'ପରେ ସେ ନିଜ ପରି ଅନେକ ବନ୍ଧୁଙ୍କୁ ସମାନ କରିବାକୁ ପ୍ରେରଣା ଦେଇଥିଲେ।ପ୍ରଧାନମନ୍ତ୍ରୀ କହିଛନ୍ତି, ଉତ୍ତରାଖଣ୍ଡର କୀର୍ତ୍ତିନଗରର ଲୋକମାନେ ପାହାଡ଼ରେ ବର୍ଜ୍ୟବସ୍ତୁ ପରିଚାଳନାର ଏକ ନୂତନ ଉଦାହରଣ ସ୍ଥାପନ କରୁଛନ୍ତି।

## ବିହାରରେ ମୃତ ଲୋକ ପୂରଣ କରିଛନ୍ତି ଏସଆଇଆର ଫର୍ମ

# ନିର୍ବାଚନ କମିଶନଙ୍କ ଦାବି ଉପରେ ପ୍ରଶ୍ନ ଉଠାଇଲା ଏଡିଆର


ନୂଆଦିଲ୍ଲୀ,୨୨।୭: ବିହାରରେ ଜାରି ସ୍ପେଶାଲ ଇଣ୍ଟେନସିଭ ରିଭିଜନ୍ (ଏସ୍‌ଆଇଆର)କୁ ନେଇ ଆବେଦନକାରୀ ସୁପ୍ରିମକୋର୍ଟରେ ନିର୍ବାଚନ କମିଶନ୍‌ଙ୍କ ଉପରେ ଅଭିଯୋଗ କରିଛନ୍ତି। ଆସୋସିଏସନ୍ ଫର ଡେମୋକ୍ରାଟିକ୍ ରିଫର୍ମସ୍(ଏଡିଆର) ଓ ଆରଜେଡି ଅଭିଯୋଗ କରିଛି ଏସଆଇଆରରେ ଅନିୟମିତତା ଦେଖିବାକୁ ମିଳିଛି। ଆବେଦନକାରୀ କହିଛନ୍ତି, ବିଏଲ୍ଓ ନିଜେ ଗଣନା ଫର୍ମରେ ଦସ୍ତଖତ କରିଛନ୍ତି। ମୃତ ଲୋକଙ୍କୁ ଫର୍ମ ଭରିବାର ଦେଖିବାକୁ ମିଳିଛି ଓ ଯେଉଁ ଲୋକ ଫର୍ମ ଭରି ନାହାନ୍ତି, ତାଙ୍କୁ କୁହାଯାଇଥିଲା ସେମାନଙ୍କ ଫର୍ମ



ପୁରା ହୋଇଯାଇଛି। ନିର୍ବାଚନ କମିଶନ୍ ଏହି ଦାବିକୁ ବିରୋଧ କରିଛନ୍ତି। ସେ କହିଛନ୍ତି ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇନି। ଆବେଦନକାରୀ ସୁପ୍ରିମକୋର୍ଟଙ୍କୁ କହିଥିଲେ ନିର୍ବାଚନ କମିଶନଙ୍କ ସଂଖ୍ୟାର କୌଣସି ମୂଲ୍ୟ ନାହିଁ, କାରଣ ଅଧିକାଂଶ ବିନା ଦସ୍ତାବିଜରେ ଜମା କରାଯାଇଥିଲା। ଆରଜେଡି ଅଭିଯୋଗ କରିଥିଲା, ନିର୍ବାଚନ କମିଶନଙ୍କ ପକ୍ଷରୁ ଠିକ୍ ସମୟରେ ଲକ୍ଷ୍ୟ ପୂରା କରିବା ପାଇଁ ମତଦାତାଙ୍କ ସୂଚନା କିମ୍ବା ସହମତି ବିନା ବିଏଲଓ ପକ୍ଷରୁ ବହୁ ପରିମାଣରେ ଗଣନା ଫର୍ମ ଅପଲୋଡ୍ କରାଯାଉଛି। ବହୁ ମତଦାତା କହିଛନ୍ତି ଯେ, ତାଙ୍କର ଫର୍ମ ଅନଲାଇନ୍ ଜମା କରି ଦିଆଯାଇଛି, ସେଭଳି ସେ କେବେ କୌଣସି ବିଏଲଓଙ୍କୁ ସାକ୍ଷାତ କରିନାହାନ୍ତି କିମ୍ବା କୌଣସି ଦସ୍ତାବିଜ ଉପରେ ଦସ୍ତଖତ କରି ନାହାଁନ୍ତି। ଏଡିଆର ମଧ୍ୟ କହିଛନ୍ତି ଯେ, ମୃତ ବ୍ୟକ୍ତିଙ୍କ ଫର୍ମ ମଧ୍ୟ ଜମା କରାଯାଇଛି। ସୁପ୍ରିମକୋର୍ଟ ଏହି ମାମଲାରେ ସୋମବାର ଶୁଣାଣି କରିବେ।

# ଦୁନିଆରେ ଆତଙ୍କବାଦୀଙ୍କ ଲାଗି ସୁରକ୍ଷିତ ସ୍ଥାନ ନାହିଁ: ମୋଦି

ନୂଆଦିଲ୍ଲୀ,୨୭।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାମିଲନାଡୁର ଗଙ୍ଗେଇକୋଣ୍ଡା ଚୋଳପୁରମ ମନ୍ଦିରରେ ଆଦି ତିରୁବତୀରାଇ ଉତ୍ସବରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସେ କହିଥିଲେ ଯେ, ମୁଁ କାଶୀର ସାଂସଦ ଏବଂ ଯେତେବେଳେ ମୁଁ 'ଓମ୍ ନମଃ ଶିବାୟ' ଶୁଣେ, ମୋ ଦେହ ଶିହରି ଯାଏ । ଶିବ ଦର୍ଶନର ଆଶ୍ଚର୍ଯ୍ୟଜନକ ଶକ୍ତି, ଶ୍ରୀ ଇଲାୟେ ?ରାଜାଙ୍କ ସଙ୍ଗୀତ ଏବଂ ଜପ, ଏହି ଆଧାତ୍ମିକ ଅନୁଭୂତି ମନକୁ ଅଭିଭୂତ କରିଦିଏ । ସେ କହିଥିଲେ, ଅପରେସନ ସିନ୍ଦୂର ପ୍ରମାଣ କରିଛି ଯେ, ଆତଙ୍କବାଦୀଙ୍କ ପାଇଁ କୌଣସି ନିରାପଦ ଆଶ୍ରୟସ୍ଥଳ ନାହିଁ। ଯଦି ଭାରତର ସାର୍ବଭୌମତ୍ୱ ଉପରେ




ଆକ୍ରମଣ ହୁଏ, ତେବେ କିପରି ଆମ ଦେଶ ଜବାବ ଦିଏ ତାହା ବିଶ୍ୱ ଦେଖିଲା । ଏହା ସମଗ୍ର ଦେଶରେ ନୂତନ ଆତ୍ମବିଶ୍ୱାସ ସୃଷ୍ଟି କରିଛି।ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, ଆଜିର ଭାରତ ଏହାର ସୁରକ୍ଷାକୁ ସର୍ବୋପରି ମନେ କରେ। ଅପରେସନ ସିନ୍ଦୂର ସମୟରେ, ବିଶ୍ୱ ଦେଖିଲା ଯେ, ଯଦି କେହି ଭାରତର ସୁରକ୍ଷା ଏବଂ ସାର୍ବଭୌମତ୍ୱ ଉପରେ ଆକ୍ରମଣ କରେ, ତେବେ ଭାରତ ଜାଣିଛି ଯେ କିପରି ନିଜ ଭାଷାରେ ଜବାବ ଦେବାକୁ ହେବ।

# ଭାଇ ଉଦ୍ଧବଙ୍କୁ ଭେଟିଲେ ରାଜ ଠାକରେ



ମୁମ୍ବାଇ,୨୭।୭: ମହାରାଷ୍ଟ୍ର ରାଜନୀତିରେ ଦେଖିବାକୁ ମିଳିଛି ନୂଆ ଘଟଣା। ମହାରାଷ୍ଟ୍ର ନବ ନିର୍ମାଣ ସେନା (ଏମ୍‌ଏନଏସ୍) ମୁଖ୍ୟ ରାଜ ଠାକରେ ରବିବାର ହଠାତ ବାନ୍ଦ୍ରା ସ୍ଥିତ ମାତେଶ୍ରୀ ବାସଭବନରେ ପହଁଞ୍ଚିଛନ୍ତି ଓ ଉଦ୍ଧବ ଠାକରେଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ନିକଟରେ ପୁରୁଣା ରାଗ-ରୁଷ ଭୁଲି ରାଜ ଓ ଉଦ୍ଧବ ମୁମ୍ବାଇର ଓ୍ୱର୍ଲିରେ ମରାଠି ବିଜୟ ରାଲିରେ ଏକାଠି ହୋଇଥିଲେ। ଏହାପରେ ଲାଗିଥିଲା ଏନ୍‌ଏନ୍‌ସି ଓ ଠାକରେ ଗୋଷ୍ଠୀ ଭିତରେ ମେଣ୍ଟ ହୋଇପାରେ। ତେବେ ରାଜ ଠାକରେ ରବିବାର ପ୍ରାୟ ୬ ବର୍ଷ ପରେ ମାତେଶ୍ରୀ ଆସି ଉଦ୍ଧବ ଠାକରେଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ରାଜନୈତିକ ଦୁନିଆରେ ଏଭଳି କେହି ଭାବିନଥିଲେ ଯେ, ରାଜ ଠାକରେ ଆଜି ଉଦ୍ଧବ ଠାକରେଙ୍କୁ ଜନ୍ମଦିନର ଶୁଭକାମନା ଦେବାକୁ ମାତ୍ରେଶ୍ରୀ ପର୍ଯ୍ୟନ୍ତ ଚାଲି ଆସିବେ। ଠାକରେ ପରିବାରର ମଧ୍ୟ ବୋଧହୁଏ କାହାକୁ ଏହାର ଆଶା ନଥିଲା। ରବିବାର ସକାଳେ ରାଜ ଠାକରେ ହଠାତ ଉଦ୍ଧବ ଠାକରେଙ୍କୁ ଜନ୍ମଦିନର ଶୁଭକାମନା ଜଣାଇବା ପାଇଁ ମାତେଶ୍ରୀ ଯିବାର ନିଷ୍ପତ୍ତି ନେଇଥିଲେ। ଉଦ୍ଧବ ସାଧାରଣତଃ କାହାର ସ୍ୱାଗତ କରିବାକୁ ଗେଟ୍‌କୁ ଯାଆନ୍ତି ନାହିଁ। କିନ୍ତୁ ରାଜଙ୍କୁ ନିଜେ ସ୍ୱାଗତ କରିବାକୁ ମାତେଶ୍ରୀ ଗେଟ୍ ନିକଟରେ ଠିଆ ହୋଇଥିଲେ। ଯେତେବେଳେ ରାଜ ଠାକରେ ପହଁଞ୍ଚିଥିଲେ ତାଙ୍କୁ ଆଲିଙ୍ଗନ କରିଥିଲେ। ସେତେବେଳେ ରାଜ ଠାକରେ ଉଦ୍ଧବଙ୍କୁ ଫୁଲତୋଡା ଦେଇଥିଲେ। ଦୁହେଁ ଏଠାରେ ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ସାକ୍ଷାତ କରିଥିଲେ।

# ଧନଖଡ଼ କାହିଁକି ଇସ୍ତଫା ଦେଲେ ମୋଦି ଜାଣିଥିବେ: ଖଡ଼ଗେ

ନୂଆଦିଲ୍ଲୀ,୨୭।୭: ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ଦେଶରେ ରାଜନୀତି ଜୋର ଧରିଛି। ଏହି ସମୟରେ, କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ ଏହା ତାଙ୍କ (ଧନଖଡ଼) ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଏକ ମାମଲା। ସେ କହିଥିଲେ ଯେ ପୂର୍ବତନ ରାଷ୍ଟ୍ରପତି ସର୍ବଦା ସରକାରଙ୍କ ସପକ୍ଷରେ ଥିଲେ। କଂଗ୍ରେସ ସଭାପତି ଖଡ଼ଗେ ପଚାରିଥିଲେ ଯେ ଚାଷୀଙ୍କ ସପକ୍ଷରେ କହିଥିବାରୁ ଧନଖଡ଼ଙ୍କୁ ଇସ୍ତଫା ଦେବାକୁ ବାଧ କରାଯାଇଥିଲା କି ? ସେ ଅଭିଯୋଗ କରିଛନ୍ତି ଯେ ରାଜ୍ୟସଭା ଅଧକ୍ଷ ଥିବା ସମୟରେ, ଧନଖଡ଼ ନିରନ୍ତର ସରକାରଙ୍କ ପକ୍ଷ ନେଇଥିଲେ ଏବଂ ବିରୋଧୀଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବାର ସୁଯୋଗ ଦେଇ ନଥିଲେ। ଉପରାଷ୍ଟ୍ରପତି ପଦରୁ ଧନଖଡ଼ଙ୍କ ଇସ୍ତଫା ସମ୍ପର୍କରେ ସେ କହିଛନ୍ତି, 'ଆମ ପାଖରେ ଏ ବିଷୟରେ କୌଣସି ସୂଚନା ନାହିଁ। ଏହା ଧନଖଡ଼ ଏବଂ ମୋଦିଙ୍କ ମଧ୍ୟରେ ମାମଲା। ସେ କହିବା ଉଚିତ ଯେ କ'ଣ ଘଟିଛି ? ଯେତେବେଳେ ଆମେ ନୋଟିସ ଦେଇ ଗରିବ, ମହିଳା, ଦଳିତ ଏବଂ ବଞ୍ଚିତଙ୍କ ଉପରେ ଅତ୍ୟାଚାର ଏବଂ ହିନ୍ଦୁ-ମୁସଲିମ ସଂଘର୍ଷ ଭଳି ଘଟଣା ସହିତ ଜଡିତ ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଥିଲୁ, ସେ ଆମକୁ ସୁଯୋଗ ଦେଇ ନଥିଲେ।' ଉଲ୍ଲେଖ ଥାଉ କି ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଜଗଦୀପ ଧନଖଡ଼ ଜୁଲାଇ ୨୧ ତାରିଖ ସନ୍ଧ୍ୟାରେ ହଠାତ୍ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ, ଯାହା ରାଜନୈତିକ ମହଲରେ କଳ୍ପନାଜଳ୍ପନା ସୃଷ୍ଟି କରିଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପଠାଇଥିବା ଇସ୍ତଫା ପତ୍ରରେ ଧନଖଡ଼ କହିଥିଲେ ଯେ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେବା ପାଇଁ ସେ ତୁରନ୍ତ ପଦ ଛାଡି ଦେଉଛନ୍ତି। କଂଗ୍ରେସର କର୍ଣ୍ଣାଟକ ୟୁନିଟର ସଭାପତି ପରିବର୍ତ୍ତନ ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତରରେ ଖଡ଼ଗେ କହିଥିଲେ, 'ଏସବୁ କଥା ଏବେ କୁହାଯାଇପାରିବ ନାହିଁ... ପରେ କହିବି।

## ଅଷ୍ଟମ ଜାତୀୟ ସୁରକ୍ଷା ରଣନୀତି ସମ୍ମିଳନୀ

# ଯୁବ ଅଧିକାରୀଙ୍କୁ ରାସ୍ତା ଦେଖାଇବା ଗୁରୁତ୍ୱପୂର୍ଣ୍ଣ: ଶାହା

ନୂଆଦିଲ୍ଲୀ,୨୭।୭(ପିଆଇବି): ଅଷ୍ଟମ ଜାତୀୟ ସୁରକ୍ଷା ରଣନୀତି ସମ୍ମିଳନୀ/ ଏନ୍‌ଏସ୍‌ଏସସି ନୂଆଦିଲ୍ଲୀରେ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଅଭିଭାଷଣ ସହିତ ସମାପ୍ତ ହୋଇଛି। କାର୍ଗିଲ ବିଜୟ ଦିବସ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ଅପରେସନ-ସିନ୍ଦୁର ସମୟରେ ସଶସ୍ତ୍ର ବାହିନୀ ଏବଂ ବିଏସ୍‌ଏଫ୍ ର ପ୍ରୟାସକୁ ଅଭିବାଦନ ଜଣାଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ସଂକଳ୍ପ ଏବଂ ଦେଶବାସୀଙ୍କ ସମର୍ଥନ ସମଗ୍ର ବିଶ୍ୱରେ ଆତଙ୍କବାଦ ପ୍ରତି ଶୂନ୍ୟ



ସହନଶୀଳତାର ଏକ ଦୃଢ଼ ବାର୍ତ୍ତା ପଠାଇଛି। ଭାରତର ଅର୍ଥବ୍ୟବସ୍ଥା ବିଶ୍ୱସ୍ତରରେ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି ବୋଲି ଉଲ୍ଲେଖ କରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଥିଲେ ଯେ ନୂତନ ଏବଂ ଉଦୀୟମାନ ପ୍ରଯୁକ୍ତି, ଷ୍ଟାର୍ଟଅପ୍, ସବୁଜ ଶକ୍ତି ଏବଂ ନବସୃଜନ କ୍ଷେତ୍ରରେ ଭାରତ ଏବେ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର। ସେ ଗୁରୁତ୍ୱାରୋପ କରିଥିଲେ ଯେ ଭାରତର ବର୍ଦ୍ଧିତ ପ୍ରତିଷ୍ଠା ଆଗାମୀ ବର୍ଷଗୁଡ଼ିକରେ ଜାତୀୟ ସୁରକ୍ଷା ଆହ୍ୱାନକୁ ବୃଦ୍ଧି କରିବ। ଉନ୍ନତ ସମନ୍ୱୟ ମାଧ୍ୟମରେ ଏହି ଆହ୍ୱାନର ମୁକାବିଲା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ସେ ରଣନୀତି ପ୍ରସ୍ତୁତ କରିବା, କାର୍ଯ୍ୟକାରୀ କରିବା ଏବଂ ତଦାରଖ କରିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ଏଜେନ୍ସିଗୁଡ଼ିକର ସମଜାତୀୟ ଦଳ ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ଆହ୍ୱାନଗୁଡ଼ିକ ଉପରେ ବିଚାରବିମର୍ଶ କରିବା ଏବଂ ସେଗୁଡ଼ିକର ସମାଧାନ କରିବା ଲାଗି ପ୍ରତ୍ୟେକ ରାଜ୍ୟର ଯୁବ ପୁଲିସ ଅଧିକାରୀମାନଙ୍କୁ ସାମିଲ କରିବା ଲାଗି ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ବରିଷ୍ଠ ଅଧିକାରୀମାନେ ଯୁବ ଅଧିକାରୀଙ୍କୁ ମାର୍ଗଦର୍ଶନ କରିବା, ସେମାନଙ୍କୁ ଆହ୍ୱାନଗୁଡ଼ିକ ସହିତ ପରିଚିତ କରାଇବା ଏବଂ ସମାଧାନର ରାସ୍ତା ଦେଖାଇବା ଦିଗରେ ଏହି ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ।

# ଦେଢ଼ରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବଢିଲା ଘରୋଇ ମେଡିକାଲ କଲେଜ ଫି

ଲକ୍ଷ୍ନୌ ୨୭।୭: ଉତ୍ତରପ୍ରଦେଶ (ୟୁପି)ରେ ଘରୋଇ ମେଡିକାଲ କଲେଜମାନେ ଫି ବୃଦ୍ଧି କରିଛନ୍ତି। ଏହି ବୃଦ୍ଧି ଦେଢରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇଛି। ତେବେ ଏଥିରେ ଏପରି କିଛି କଲେଜ ମଧ୍ୟ ଅଛନ୍ତି ଯେଉଁମାନଙ୍କ ଫି ଗତ ବର୍ଷ ଭଳି ରହିଛି। ୟୁପିରେ ମୋଟ ୩୧ଟି ଘରୋଇ ମେଡିକାଲ କଲେଜ ଅଛନ୍ତି। ଚିକିତ୍ସା ଶିକ୍ଷା ବିଭାଗ ପକ୍ଷରୁ ନନ-ମିନୋରିଟି ମେଡିକାଲ କଲେଜ ଫି ନିର୍ଦ୍ଧାରିତ କରିଦିଆଯାଇଛି। ଶୁଳ୍କ ବୃଦ୍ଧି ପଛରେ କଲେଜମାନଙ୍କ ସଂଶାଧନ ବଢାଇବାର ତର୍କ ଦିଆଯାଇଛି। ଫଳରେ ଏବେ ଘରୋଇ ମେଡିକାଲ କଲେଜମାନଙ୍କର ପାଠ୍ୟକ୍ରମ ଫି ୧୨ରୁ ୧୯ ଲକ୍ଷ ଟଙ୍କାକୁ ପହଞ୍ଚିଛି। ଏହି ସବୁ କଲେଜମାନଙ୍କରେ ପୂର୍ବରୁ ନନ ଏସି ହଷ୍ଟେଲ ଫି ୧.୬୫ଲକ୍ଷ ଟଙ୍କା ଥିଲା। ଏବେ ଏହି ଫି ବଢାଇ ବାର୍ଷିକ ୧.୭୩ଲକ୍ଷ ଟଙ୍କା କରାଯାଇଛି। ସେହିପରି ଏସି ହଷ୍ଟେଲ ଫି ୧.୯୨ ଲକ୍ଷରୁ ବଢାଇ ୨.୦୨ଲକ୍ଷ ଟଙ୍କା କରାଯାଇଛି। ସିକ୍ୟୁରିଟି ରାଶି ପୂର୍ବ ଭଳି ୩ଲକ୍ଷ ଟଙ୍କା ସ୍ଥିର ଥିବା ବେଳେ ଲିଗାଲ ଫି ୯୪,୧୬୦ ଟଙ୍କା ରହିଛି। ତେବେ ଚିକିତ୍ସା ଶିକ୍ଷା ବିଭାଗ ପକ୍ଷରୁ ଶୈକ୍ଷଣିକ ଶୁଳ୍କ କୌଣସି ପରିସ୍ଥିତିରେ ମଧ୍ୟ ଏକକାଳୀନ ଗ୍ରହଣ କରାଯିବ ନାହିଁ ବୋଲି କଡ଼ାକଡ଼ି ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ମେଡିକାଲ କଲେଜରେ ଏହି ଶୁଳ୍କ ପ୍ରତ୍ୟେକ ବର୍ଷ ଛାତ୍ରଛାତ୍ରୀ ଜମା କରିବେ। ୟୁପିରେ ସରକାରୀ ମେଡିକାଲ କଲେଜମାନଙ୍କ ଫି ୧ ଲକ୍ଷ ଟଙ୍କାରୁ ମଧ୍ୟ କମ ରହିଛି। କେଜିଏମୟୁରେ ବାର୍ଷିକ ୫୪ ହଜାର ଫି ଧାର୍ଯ୍ୟ ହୋଇଥିବା ବେଳେ ଅନ୍ୟ ସରକାରୀ କଲେଜରେ ୩୦ରୁ ୫୦ ହଜାର ଟଙ୍କା ମଧ୍ୟରେ ରହିଛି।

# କଙ୍ଗୋ ଚର୍ଚ୍ଚରେ ଆତଙ୍କବାଦୀ ଆକ୍ରମଣ, ୨୧ ମୃତ

କିନସାସା,୨୭।୭ : ପୂର୍ବ କଙ୍ଗୋରେ ଆତଙ୍କବାଦୀମାନେ ପୁଣି ଥରେ ଆତଙ୍କ ସୃଷ୍ଟି କରିଛନ୍ତି। ପୂର୍ବ କଙ୍ଗୋରେ ଇସଲାମିକ୍ ଷ୍ଟେଟ୍ ସମର୍ଥିତ ବିଦ୍ରୋହୀଙ୍କ ଦ୍ୱାରା ଏକ ଚର୍ଚ୍ଚ ଉପରେ ଆକ୍ରମଣରେ ଅତି କମରେ ୨୧ ଜଣଙ୍କର ମୃତ୍ୟୁ ହୋଇଥିବା ସ୍ଥାନୀୟ ନେତାମାନେ କହିଛନ୍ତି। ସୂଚନା ଅନୁସାରେ ପୂର୍ବ କଙ୍ଗୋର କୋମାଣ୍ଡାରେ ଏକ କ୍ୟାଥୋଲିକ୍ ଚର୍ଚ୍ଚ କମ୍ପ୍ଲେକ୍ସ ଭିତରେ ଆଲାଇଡ୍ ଡେମୋକ୍ରାଟିକ୍ ଫୋର୍ସ (ଏଡିଏଫ)ର ସଦସ୍ୟମାନେ ରାତି ପ୍ରାୟ ୧ଟା ସମୟରେ ଏହି ଆକ୍ରମଣ କରିଥିଲେ। ଆକ୍ରମଣ ସମୟରେ ଅନେକ ଘର ଏବଂ ଦୋକାନ ମଧ୍ୟ ପୋଡ଼ି ଦିଆଯାଇଥିଲା। ଏଡିଏଫ ହେଉଛି ଏକ ଇସଲାମିକ୍ ଷ୍ଟେଟ୍ ସହିତ ଜଡିତ ବିଦ୍ରୋହୀ ଗୋଷ୍ଠୀ ଯାହା ଉଗାଣ୍ଡା ଏବଂ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋର ସୀମାବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଅଛି ଏବଂ ଏକ ଦଶନ୍ଧିରୁ ଅଧିକ ସମୟ ଧରି ସାଧାରଣ ଲୋକଙ୍କ ଉପରେ ବାରମ୍ବାର ଆକ୍ରମଣ କରିଆସୁଛି। କୋମାଣ୍ଡାର ଜଣେ ନାଗରିକ ସମାଜ ସଂଯୋଜକ ଡିୟୁଡୋନ୍ ଡୁରାଣ୍ଟବୋ ଗଣମାଧ୍ୟମକୁ କହିଛନ୍ତି, 'ଭିତରେ ଏବଂ ବାହାରେ ୨୧ ରୁ ଅଧିକ ଲୋକଙ୍କୁ ଗୁଳି କରାଯାଇଥିଲା ଏବଂ ଆମେ ଅତି କମରେ ତିନୋଟି ପୋଡ଼ି ଯାଇଥିବା ମୃତଦେହ ଏବଂ ଅନେକ ଘର ପୋଡ଼ି ଯାଇଥିବା ରିପୋର୍ଟ କରିଛୁ, ଯଦିଓ ଆହତ ଏବଂ ମୃତଦେହ ପାଇଁ ସନ୍ଧାନ ଜାରି ରହିଛି।' ଏଡିଏଫ ହେଉଛି ଏକ ଇସଲାମିକ୍ ଷ୍ଟେଟ୍ ସହିତ ଜଡିତ ବିଦ୍ରୋହୀ ଗୋଷ୍ଠୀ ଯାହା ଉଗାଣ୍ଡା ଏବଂ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋର ସୀମାବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଅଛି ଏବଂ ଏକ ଦଶନ୍ଧିରୁ ଅଧିକ ସମୟ ଧରି ସାଧାରଣ ଲୋକଙ୍କ ଉପରେ ବାରମ୍ବାର ଆକ୍ରମଣ କରିଆସୁଛି।

# ଥାଇଲ୍ୟାଣ୍ଡ-କାମ୍ବୋଡିଆ ଯୁଦ୍ଧ: ମଧ୍ୟସ୍ଥତା କରିବ ମାଲେସିଆ

ନୂଆଦିଲ୍ଲୀ,୨୭।୭: ଥାଇଲ୍ୟାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ଯୁଦ୍ଧ ନେଇ ଅପଡେଟ୍ ଖବର ସାମ୍ନାକୁ ଆସିଛି। ଉଭୟ ଦେଶର ସୀମା ବିବାଦର ସମାଧାନ ପାଇଁ ମାଲେସିଆର ମଧ୍ୟସ୍ଥତାକୁ ସ୍ୱୀକାର କରିଛନ୍ତି। ମାଲେସିଆର ବୈଦେଶିକ ମନ୍ତ୍ରୀ ରବିବାର ଏନେଇ ସୂଚନା ଦେଇଛନ୍ତି। ଅନ୍ୟପଟେ ଉଭୟ ଦେଶ ପରସ୍ପର ବିବାଦୀୟ ଅଞ୍ଚଳଗୁଡ଼ିକରେ ଆହୁରି ତୋପ ଆକ୍ରମଣ କରିଛନ୍ତି ବୋଲି ଉଭୟ ଅଭିଯୋଗ ଆଣିଛନ୍ତି। ବିବାଦର ସମାଧାନ ପାଇଁ ସୋମବାର ସନ୍ଧ୍ୟାରେ କାମ୍ବୋଡିଆର ପ୍ରଧାନମନ୍ତ୍ରୀ ହୁନ୍ ମାନେଟ୍ ଏବଂ ଥାଇଲାଣ୍ଡର କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ଫୁମଥାମ୍ ଓ୍ୱେଚାୟାଚାଇ ମାଲେସିଆରେ ପହଞ୍ଚିବାର ସମ୍ଭାବନା ରହିଛି। ଏନେଇ ମାଲେସିଆ



ବୈଦେଶିକ ମନ୍ତ୍ରୀ ମହମ୍ମଦ ହାସନ ସରକାରୀ ସମାଚାର ଏଜେନ୍ସି ବର୍ନାମାକୁ କହିଛନ୍ତି। ସେ କହିଛନ୍ତି "ସେମାନଙ୍କର ମାଲେସିଆ ଉପରେ ପୂର୍ଣ୍ଣ ଭରସା ଅଛି ଏବଂ ସେମାନେ ମୋତେ ମଧ୍ୟସ୍ଥି ହେବାକୁ କହିଥିଲେ।" ମହମ୍ମଦ ହାସନ ପ୍ରଥମେ କାମ୍ବୋଡିଆନ ଓ ଥାଇ ପ୍ରତିପକ୍ଷ ସହ କଥା ହୋଇଥିଲେ। ଏହି ମାମଲାରେ ଅନ୍ୟ କୌଣସି ଦେଶ ହସ୍ତକ୍ଷେପ କରିବେ ନାହିଁ ବୋଲି ସେମାନେ ରାଜି ହୋଇଥିବା ମହମ୍ମଦ ହସନ କହିଛନ୍ତି। ଏହା ପୂର୍ବରୁ ଦୁଇ ଦେଶର ଯୁଦ୍ଧ ରୋକିବାକୁ ଆମେରିକା ଓ ମାଲେସିଆର ନେତୃତ୍ୱ ଉଦ୍ୟମ କରିଥିଲେ। ଆଞ୍ଚଳିକ ଏଏସଇଏଏନ ଫୋରମର ଅଧ୍ୟକ୍ଷ ମାଲେସିଆ ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମ ଶୁକ୍ରବାର ଦିନ ଯୁଦ୍ଧବିରତି ପ୍ରସ୍ତାବ ଦେଇଥିଲେ। ପରେ ଶନିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ଦୁଇ ଦେଶ ଯୁଦ୍ଧବିରତି ଉପରେ କାମ କରିବାକୁ ରାଜି ହୋଇଛନ୍ତି। ମାଲେସିଆରେ ଏହି ଆଲୋଚନା ହୋଇଛି ବୋଲି ଟ୍ରମ୍ପ ସୂଚନା ଦେଇଥିଲେ।ଦକ୍ଷିଣ-ପୂର୍ବ ଏସିୟାର ଏହି ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ସବୁଠାରୁ ଖରାପ ଯୁଦ୍ଧ ଆରମ୍ଭ ହୋଇଛି। ଯୁଦ୍ଧ ଆରମ୍ଭ ହେବାର ୪ ଦିନ ପରେ, ମୃତ୍ୟୁ ସଂଖ୍ୟା ୩୦ ରୁ ଅଧିକ ହୋଇଛି। ଯେଉଁଥିରେ ଥାଇଲ୍ୟାଣ୍ଡର ୧୩ ଏବଂ କାମ୍ବୋଡିଆର ୮ ଜଣ ସାଧାରଣ ନାଗରିକଙ୍କର ଜୀବନ ଯାଇଛି। କର୍ତ୍ତୃପକ୍ଷ କହିଛନ୍ତି ଯେ ଦୁଇ ଦେଶର ସୀମାବର୍ତ୍ତୀ ଅଞ୍ଚଳରୁ ୨୦୦,୦୦୦ରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି।

# ୧୨୦୦୦ କର୍ମଚାରୀଙ୍କୁ ବିଦା କରିବ ଟିସିଏସ୍

ନୂଆଦିଲ୍ଲୀ,୨୭।୭: ଦେଶର ସର୍ବବୃହତ ଆଇଟି ସେବା କମ୍ପାନୀ ଟିସିଏସ୍ (ଟାଟା କନସଲଟାନ୍ସି ସର୍ଭିସେସ୍)ର କର୍ମଚାରୀମାନଙ୍କ ପାଇଁ ଏକ ଚିନ୍ତାଜନକ ଖବର । କମ୍ପାନୀ ଚଳିତ ଆର୍ଥିକ ବର୍ଷରେ ଅର୍ଥାତ୍ ଏପ୍ରିଲ ୨୦୨୫ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ପ୍ରାୟ ୨ ପ୍ରତିଶତ କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି। ଏହି ସଂଖ୍ୟା ୧୨,୦୦୦ ରୁ ଅଧିକ। ଟିସିଏସ୍ ସିଇଓ କେ. କୃତିବାସନଙ୍କ ଅନୁଯାୟୀ, କମ୍ପାନୀ ଦ୍ରୁତ ଗତିରେ ବଦଳୁଥିବା ପ୍ରଯୁକ୍ତିବିଦ୍ୟା ଜଗତ ପାଇଁ ନିଜକୁ ପ୍ରସ୍ତୁତ କରୁଛି। ବିଶେଷକରି ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ଏବଂ ନୂତନ କାର୍ଯ୍ୟ ମଡେଲ ଯୋଗୁଁ, କାମ କରିବାର ଶୈଳୀ ଏବେ ପରିବର୍ତ୍ତନ ହେଉଛି। କମ୍ପାନୀ ବିଶ୍ୱାସ କରୁଛି ଯେ ବର୍ତ୍ତମାନ ପ୍ରଚଳିତ କେତେକ ପଦବୀ ଭବିଷ୍ୟତରେ ଆଉ ଆବଶ୍ୟକ ହେବ ନାହିଁ । ଏହି ଛଟେଇ ମଧ୍ୟମ ସ୍ତରର ଏବଂ ବରିଷ୍ଠ ସ୍ତରର କର୍ମଚାରୀମାନଙ୍କୁ ଅଧିକ ପ୍ରଭାବିତ କରିବ।

# ଆମ୍ବୁଲାନ୍ସ ଗାଡି ଆଗ କାଚ ଭଙ୍ଗାରୁଜା ନେଇ ଥାନାରେ ଅଭିଯୋଗ



ଆସିକା(ନିପ୍ର): ଆସିକା ଥାନା ଅନ୍ତର୍ଗତ ବାଣୀବିହାର ଉପଖଣ୍ଡ ଚିକିତ୍ସାଳୟ ପ୍ରାଙ୍ଗଣରେ ଥିବା ଆମ୍ବୁଲାନ୍ସ ଗାଡିର ଆଗକାଚ ଭଙ୍ଗାରୁଜା ନେଇ ଥାନାରେ ଅଭିଯୋଗ ହୋଇଛି । ପ୍ରକାଶ ଥାଉକି ବାଣୀବିହାର ମେଡିକାଲ କଲୋନୀରେ ରହୁଥିବା ରବୀନ୍ଦ୍ର ନାୟକ (୩୭)ଙ୍କ ଏକ ଓଡି୦୫ବିଜେଡ-୮୫୧୦ ନୂତନ ସୁଜୁକି ଇକୋ ଆମ୍ବୁଲାନ୍ସ ଗାଡି ସବୁଦିନ ଭଳି ମେଡିକାଲ ସାମ୍ନାରେ ରଖିଥିଲେ । ଆମ୍ବୁଲାନ୍ସ ଗାଡିକୁ ସକାଳେ ଦେଖିଲା ବେଳକୁ କେହି ଦୁର୍ବୃତ୍ତ ଆଗ କାଚକୁ ସିମେଣ୍ଟ କଂକ୍ରିଟ ଦ୍ୱାରା ଉଦେଶ୍ୟମୂଳକ ଭାବେ ଭାଙ୍ଗି ଦେଇଛି । ଫଳରେ ସେ ଆସିକା ଥାନାରେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ ଆଖପାଖର ସିସି ଟିଭି ଯାଞ୍ଚ କଲେ ଧରାପଡିବ ବୋଲି ପୋଲିସକୁ ଅନୁରୋଧ କରିଛନ୍ତି । ପୋଲିସ ଖବର ପାଇ ତଦନ୍ତ କରୁଛି ।

# ସିଏମ୍‌ଏସ୍ ଟଙ୍କା ଯୋଗାଣ ଗାଡି ଦୁର୍ଘଟଣାରେ କ୍ଷତିଗ୍ରସ୍ତ



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ କଲେଜ ଛକ ନିକଟରେ ଶନିବାର ରାତିରେ ସିଏମଏସ ଟଙ୍କା ଯୋଗାଣ ଗାଡି ଏକ ହାଇୱାକୁ ପଛପଟୁ ଧକ୍କାଦେଇ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ସୂଚନାଯୋଗ୍ୟ କି ପ୍ରତିଦିନ ନିରାକାରପୁର ଅଞ୍ଚଳକୁ ବିଭିନ୍ନ ଏଟିଏମକୁ ଟଙ୍କା ଯୋଗାଣ କରିବାକୁ ଆସୁଥିବା ସିଏମଏସ କମ୍ପାନୀର ଗାଡି ନଂ ଓଡ଼ି୦୨ବିଭି-୯୫୧୩ ରାତିରେ ଟଙ୍କା ଜମାକରି ଫେରୁଥିବାବେଳେ କଲେଜ ଛକରେ ଛିଡା ହୋଇଥିବା ଏକ ହାଇୱାକୁ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା । ଫଳରେ ମାଡ଼ହୋଇ ଗାଡି କାଚ ଭାଙ୍ଗିବା ସହିତ ଯାନ୍ତ୍ରିକ ତ୍ରୁଟି ହୋଇଛି ।

# ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଏନଏସି ୱାର୍ଡ ନ.୫ରେ ଥିବା ଶିଶୁଉଦ୍ୟାନ ପୋଖରୀରୁ ରବିବାର କୁଚିଣ୍ଡା ପୋଲିସ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି । ମୃତ ଯୁବକ ହେଲେ ଦେବଗଡ଼ ଜିଲ୍ଲା ଲଇମୁରା ଥାନା ଡିମିରିକୁଦା ଗ୍ରାମର ସମୀର ବାଘ(୧୮) । ଏନେଇ ପୋଲିସ କୁଚିଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୩/୨୫)ରୁଜୁ କରି ତଦନ୍ତ କରୁଛି । ରବିବାର ସକାଳେ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ କୁଚିଣ୍ଡା ପୋଲିସ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ପୋଖରୀରେ ଭାସୁଥିବା ଗଳିତ ମୃତଦେହ ଉଦ୍ଧାର କରିଥିଲେ । ଯୁବକ ଜଣକ ୩/୪ ଦିନ ପୂର୍ବରୁ ଘରୁ ବାହାରି କୁଚିଣ୍ଡା ଥାନା ଲସା ସମ୍ପର୍କୀୟ ଘରକୁ ଆସିଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ହେଲେ କାହିଁକି ଓ କେଉଁ ପରିସ୍ଥିତିରେ ଯୁବକ ଜଣକଙ୍କ ପୋଖରୀରେ ମୃତ୍ୟୁ ହେଲା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି । ପୋଲିସ କୁଚିଣ୍ଡା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି ।

# ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ଦାବି

ହିଞ୍ଜିଳିକାଟୁ(ନିପ୍ର): ଗତ ଏକ ବର୍ଷ ମଧ୍ୟରେ ଗଞ୍ଜାମ ଜିଲ୍ଲାରେ ଗଣଦୁଷ୍କର୍ମ, ଶିଶୁକନ୍ୟାକୁ ଦୁଷ୍କର୍ମ ଓ ନାବାଳିକାକୁ ଦୁଷ୍କର୍ମ ଘଟଣା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ସୂଚିତ କରିଛି । ଅନୁରୂପ ଭାବେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀରେ ବେଆଇନ ମଦ କାରବାର, ବାଲି ଉତ୍ତୋଳନ, ବିସ୍ଫୋରକ ଦ୍ରବ୍ୟର ଅବାଧ ବ୍ୟବସାୟ, ଦୁର୍ବୃତ୍ତଙ୍କ ଗୁଳି ଓ ବୋମାମାଡ଼ କରି ହତ୍ୟା ଉଦ୍ୟମ ଭଳି ସମ୍ବେଦନଶୀଳ ଘଟଣା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଏଭଳି ପ୍ରସଙ୍ଗକୁ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ହିଞ୍ଜିଳି ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ପାଢ଼ୀ ଉଦବେଗ ପ୍ରକାଶ କରି ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି । ଏଥିସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ହିଞ୍ଜିଳିକାଟୁ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ପାଢ଼ୀ ଖଲିଙ୍ଗିରେ ୫ବର୍ଷର ଝିଅକୁ ବଳତ୍କାର ଓ ହତ୍ୟା, ଗୋପାଳପୁର ବେଳାଭୂମିରେ ଗଣ ଦୁଷ୍କର୍ମ, ମାର୍କଣ୍ଡିରେ ୨ନାବାଳିକାଙ୍କୁ ଦୁଷ୍କର୍ମ, କରାପଲ୍ଲିରେ ଛାତ୍ରୀଙ୍କୁ ହତ୍ୟା ଏବଂ ଜିଲ୍ଲାରେ ବେଆଇନ ମାଉଜର କାରବାର, ହିଞ୍ଜିଳି ନିର୍ବାଚନ ମଣ୍ଡଳୀରେ ବେଆଇନ ମଦ କାରବାର, ବେଆଇନ ବାଲି ଉତ୍ତୋଳନ ଓ ଜିଲ୍ଲାରେ ୨ ଜଣ ବ୍ୟକ୍ତିଙ୍କୁ ନାଇଟ୍ରେଟ ମିଶ୍ରଣ ଦ୍ରବ୍ୟ ବିକ୍ରି ପାଇଁ ଅନୁମତି ମିଳିବା, ଲିଜଧାରିଙ୍କୁ ବିସ୍ଫୋରକ ଦ୍ରବ୍ୟ ବିକ୍ରି ହେଉଥିବା ଅଭିଯୋଗ କରିଛନ୍ତି । ଏଭଳି ବେଆଇନ କାରବାର ନେଇ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ବିଧାୟକ ପ୍ରାର୍ଥୀ ପାଢ଼ୀ ଅଭିଯୋଗ କରିଛନ୍ତି ।

# ନାରୀ ନିର୍ଯାତନା ଅଭିଯୋଗରେ ଅମରେଶ ଗିରଫ



ଭୁବନେଶ୍ୱର(ନିପ୍ର): ବିଜେଡି କର୍ପୋରେଟର ଅମରେଶ ଜେନା ଓରଫ ବାଇଁଆକୁ ପୋଲିସ ଗିରଫ କରିଛି । ଜଣେ ନାବାଳିକାକୁ ଦୁଷ୍କର୍ମ ଓ ପ୍ରତାରଣ କରିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରିଛି । ଗିରଫ ହେବା ପରେ ବିଜେଡିରୁ ତାଙ୍କୁ ନିଲମ୍ବନ କରାଯାଇଛି । ତେବେ ଅର୍ଚ୍ଚନା ନାଗ ତାଙ୍କୁ ଫସାଇ ଦେଇଥିବା ବାଇଁଆ କହିଛନ୍ତି । ଯୁବତୀଙ୍କ ଅଭିଯୋଗ ଅନୁସାରେ, ୨୦୨୩ ମସିହାରେ ଏକ ରଜ ଉତ୍ସବ କାର୍ଯ୍ୟକ୍ରମରେ ତାଙ୍କର କର୍ପୋରେଟର ଅମରେଶ ଜେନାଙ୍କ ସହ ସାକ୍ଷାତ ହୋଇଥିଲା । ସେତେବେଳେ ସେ ନାବାଳିକା ଥିଲେ । ସେହିଠାରୁ ଉଭୟଙ୍କ ମଧ୍ୟରେ ସଂପର୍କ ବଢିଥିଲା । ଏହା ପରେ ଉଭୟ ନିକଟତର ହୋଇଥିଲେ । କିନ୍ତୁ ଗତ ଏପ୍ରିଲ୍ ମାସରେ ଅମରେଶ ଯୁବତୀଙ୍କୁ ଦୂରେଇ ଯିବାକୁ କହିଥିଲେ । ଉଭୟଙ୍କ ଭିତରେ ଥିବା ସଂପର୍କ ବିଷୟରେ କାହାରିକୁ କହିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ । ଯାହାକୁ ନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଛନ୍ତି । ଏଥିସହ କାର୍ଯ୍ୟାନୁଷ୍ଠାନ ନ ହେଲେ ଆତ୍ମାହୁତି ଦେବି ବୋଲି ପୀଡିତା ଏତଲାରେ ଲେଖିଛନ୍ତି । ଏହାପର ପୋଲିସ ଘଟଣାର ଖୋଳତାଡ ଆରମ୍ଭ କରିଥିଲା । ଗିରଫଦାରୀ ଭୟରେ ବାଇଁଆ ଫେରାର ହୋଇଯାଇଥିଲେ । ପୋଲିସ ବାଇଁଆକୁ ଖୋଜୁଥିବା ବେଳେ ଗତକାଲି ତାଙ୍କର ୫ ସହଯୋଗୀଙ୍କୁ ଗିରଫ କରିଥିଲା । ସେମାନେ ବାଇଁଆକୁ ଫେରାର କରିବାରେ ସହଯୋଗ କରିଥିଲେ । ପରେ ତାଙ୍କ ଠାରୁ ତଥ୍ୟ ସଂଗ୍ରହ କରି ଆଜି ବାଲେଶ୍ୱର ନୀଳଗିରିରୁ ଗିରଫ କରିଥିଲା । ସନ୍ଧ୍ୟାରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି । ମେଡିକାଲ ଯା ପାଇଁ ଯାଇଥିବା ବେଳେ ବାଇଁଆ ଗଣମାଧ୍ୟମକୁ କହିଛନ୍ତି, ତାଙ୍କୁ ଅର୍ଚ୍ଚନା ନାଗ ଫସାଇ ଦେଇଛନ୍ତି । କୋର୍ଟ ଉପରେ ତାଙ୍କର ଭରସା ଅଛି । ଖୁବଶୀଘ୍ର ସତ୍ୟ ପଦାକୁ ଆସିବ । ସେପଟେ ଅର୍ଚ୍ଚନା ଏକ ଭିଡ଼ିଓ ବାର୍ତ୍ତାରେ କହିଛନ୍ତି, ଅମରେଶ ତାଙ୍କ କଲାକର୍ମର ଫଳ ପାଇଛନ୍ତି । ଯେଉଁ ଝିଅ ତାଙ୍କ ବିରୋଧରେ ଅଭିଯୋଗ କରିଛନ୍ତି, ସେ ତାଙ୍କୁ ଜାଣିନାହାନ୍ତି ।

# ସୂର୍ଯ୍ୟଘର ଯୋଜନା ନାଁରେ ୫ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ନାଁରେ ଜଣେ ବ୍ୟକ୍ତିଙ୍କ ଠାରୁ ୫ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡାର ପ୍ଲଟ ନଂ ୧୭୦୨ ଅଂଚଳର ଜ୍ୟୋତିରଞ୍ଜନ ପାଇକରାୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଜ୍ୟୋତିଙ୍କ ଠାରୁ ପୋଲିସ ଏକାଧିକ କାଗଜପତ୍ର ଜବତ କରିଛି । ଏନେଇ ଅଭିଯୋଗକାରୀ ଅମରେଶ ପଣ୍ଡାଙ୍କ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଉଭୟ ଅଭିଯୋଗକାରୀ ଏବଂ ଅଭିଯୁକ୍ତ, ଜଣେ ପାରସ୍ପରିକ ବନ୍ଧୁଙ୍କ ମାଧ୍ୟମରେ ଯୋଗାଯୋଗରେ ଆସିଥିଲେ ଏବଂ ୨୦୨୪ ମସିହା ନଭେମ୍ବର ୪ ତାରିଖ ଦିନ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଅଧୀନରେ ଛାତ ଉପରେ ସୌର ପ୍ରଣାଳୀ ସ୍ଥାପନ ପାଇଁ ଏକ ଫ୍ରାଞ୍ଚାଇଜ୍ ଚୁକ୍ତିନାମା କରିଥିଲେ । ଅଭିଯୁକ୍ତ, ଏହି ଯୋଜନା ଅଧୀନରେ ଜଣେ ବିକ୍ରେତା ବୋଲି ଦାବି କରି, ଯାଜପୁର ଜିଲ୍ଲାରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅଗ୍ରିମ ଭାବରେ ୫ଲକ୍ଷ ଟଙ୍କା ଦାବି କରିଥିଲେ । ଏହି ପ୍ରତିଶ୍ରୁତି ଉପରେ ନିର୍ଭର କରି, ଅଭିଯୋଗକାରୀ ତାଙ୍କ ଏବଂ ତାଙ୍କ ପତ୍ନୀଙ୍କ ଆକାଉଂଟରୁ ବ୍ୟାଙ୍କ ସ୍ଥାନାନ୍ତର ଏବଂ ନଗଦ ମାଧ୍ୟମରେ ୪ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ ଏବଂ ନିର୍ଦ୍ଦେଶ ଏକ ଅଫିସ-କମ୍-ଷ୍ଟୋରେଜ୍ ସ୍ଥାନ ବ୍ୟବସ୍ଥା କରିଥିଲେ । ଅଭିଯୁକ୍ତ ଆଠ ଦିନ ମଧ୍ୟରେ ୨୫ଲକ୍ଷ ଟଙ୍କା ମୂଲ୍ୟର ସୌର ସାମଗ୍ରୀ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ, ଅନେକ ଥର ଅନୁସରଣ ସତ୍ତେ୍ୱ, କୌଣସି ସାମଗ୍ରୀ ପ୍ରଦାନ କରାଯାଇ ନଥିଲା । ବରଂ, ଅଭିଯୁକ୍ତଙ୍କ ସାମ୍ନା କରିବା ସମୟରେ ଧମକ ଦିଆଯାଇଥିଲା । ତାଙ୍କୁ ଠକାମି କରାଯାଇଛି ବୋଲି ଜାଣି, ଅଭିଯୋଗକାରୀ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଭରତପୁର ଥାନା ରେ ଏତଲା ଦେଇଥିଲେ । ତଦନ୍ତ ସମୟରେ, ପ୍ରାସଙ୍ଗିକ କାଗଜପତ୍ର ଜବତ କରାଯାଇଥିଲା ଏବଂ ଅଭିଯୋଗକାରୀ ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ଯାଂଚ କରାଯାଇଥିଲା । ଏହା ପ୍ରମାଣିତ ହୋଇଥିଲା ଯେ ଅଭିଯୁକ୍ତ କେନ୍ଦ୍ର ସରକାରଙ୍କ ଯୋଜନା ଅଧୀନରେ ନିଜକୁ ଜଣେ ବିକ୍ରେତା ଭାବରେ ଭୁଲ ଭାବରେ ଉପସ୍ଥାପନ କରି ଠକେଇ ଭାବରେ ଟଙ୍କା ହାସଲ କରିଥିଲେ ଏବଂ କୌଣସି ପ୍ରତିଶ୍ରୁତିବଦ୍ଧ ସାମଗ୍ରୀ ପ୍ରଦାନ କରିବାରେ ବିଫଳ ହୋଇଥିଲେ । ଶନିବାର ରାତି ପ୍ରାୟ ୯ଟାରେ ନିର୍ଭରଯୋଗ୍ୟ ସୂଚନା ଆଧାରରେ, ଅଭିଯୁକ୍ତଙ୍କୁ ବରମୁଣ୍ଡା ବସ୍ ଷ୍ଟାଣ୍ଡ ନିକଟରୁ ଗିରଫ କରାଯାଇଥିଲା । ପଚରାଉଚରା ପରେ, ସେ ତାଙ୍କର ପରିଚୟ ପ୍ରକାଶ କରିଥିଲେ ଏବଂ ନିଜ ଅପରାଧ ସ୍ୱୀକାର କରିଥିଲେ । ଅଭିଯୁକ୍ତର ପୂର୍ବଚରିତ ଅପରାଧିକ ସଂପୃକ୍ତି ଯାଞ୍ଚରୁ ସେ ପୂର୍ବରୁ ଭରତପୁର ଥାନା ରେ ୧୯୨/୨୦୨୫ ସମାନ ମାମଲାରେ ଜଡ଼ିତ, ଯେଉଁଠାରେ ସେ ସରକାରୀ ଯୋଜନା ଅଧୀନରେ ସୌର ସାମଗ୍ରୀ ଯୋଗାଇବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଅନ୍ୟ ଜଣଙ୍କଠାରୁ ଟଙ୍କା ନେଇଥିଲେ କିନ୍ତୁ ପ୍ରଦାନ କରିବାରେ ବିଫଳ ହୋଇଥିଲେ ।

# ଛେଳି ଚୋର ଧରାପଡିଲା

ଭୁବନେଶ୍ୱର : ଖଣ୍ଡଗିରି ଥାନାର ଏ.ଏସ୍.ଆଇ କ୍ଷୀରୋଦ ଚନ୍ଦ୍ର ପ୍ରଧାନଙ୍କ ରିପୋର୍ଟ ଆଧାରରେ, ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ଏହି ମାମଲାରେ ସଂପୃକ୍ତ ଅଭିଯୁକ୍ତ ରାଜେଶ ପଣ୍ଡାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଯେ, ଆଜି ଦିନ ପ୍ରାୟ ୧:୩୦ ସମୟରେ, ଖଣ୍ଡଗିରି ଅଂଚଳରେ ପାଟ୍ରୋଲିଂ ଡ୍ୟୁଟି କରୁଥିବା ସମୟରେ, ଜଣେ ବ୍ୟକ୍ତି ରେହମତ ନଗର ଅଂଚଳରେ ବିକ୍ରି ପାଇଁ ଏକ ଚୋରିଛେଳି ଧରି ଆସୁଥିବାର ପୋଲିସକୁ ସୂଚନା ମିଳିଥିଲା । ଏହା ଉପରେ ତୁରନ୍ତ କାର୍ଯ୍ୟକରି, ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଂଚିଥିଲେ ଏବଂ ଜଣେ ବ୍ୟକ୍ତିଙ୍କୁ ଏକ ଧଳା ହୁଣ୍ଡାଇ ଆଉରା ଗାଡ଼ିରେ ଦୁଇଟି ଛେଳିକୁ ନେଇଯାଉଥିବାର ସନ୍ଦେହଜନକ ଗତିବିଧି ଦେଖିଥିଲେ । ଅଟକାଇବା ପରେ, ଅଭିଯୁକ୍ତ କୌଣସି ମାଲିକାନା କାଗଜପତ୍ର ଦେଖାଇପାରି ନଥିଲେ କିମ୍ବା ଛେଳି ସଂପର୍କରେ ସନ୍ତୋଷଜନକ ଉତ୍ତର ନଥିଲେ । ପ୍ରାଥମିକ ପଚରାଉଚରା ପରେ, ସେ ଚୋରି କରିଥିବା ସ୍ୱୀକାର କରିଥିଲେ । ତାଙ୍କ ହେପାଜତରୁ ଏକ ଗାଡି ସହିତ ୨ଟି ଛେଳିଉଦ୍ଧାର କରାଯାଇ ଜବତ କରାଯାଇଥିଲା ।

### ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଚେତିଲା ପ୍ରଶାସନ

# ଜଳ ନିଷ୍କାସନ ଭିତ୍ତିଭୂମି ନିର୍ମାଣର ହେଲା ଅନୁଧ୍ୟାନ



କଟକ(ନିପ୍ର): ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଚେତିଲା ପ୍ରଶାସନ । ରବିବାର ଆଡ଼ଭୋକେଟ କମିଟି ସିଏମସି ଅଧିକାରୀ ମେୟର ୱାଟକୋ ଅଧିକାରୀ ଓ ରେଳ ବିଭାଗର ଅଧିକାରୀମାନେ ମିଳିତ ଭାବେ ମାତୃଭବନ ନିକଟରେ ଜଳ ନିଷ୍କାସନ ଭିତ୍ତିଭୂମି ନିର୍ମାଣରେ ବିଳମ୍ବର କାରଣ ଅନୁଧ୍ୟାନ କରିଥିଲେ । ରେଳ ବିଭାଗ ଅଧୀନରେ ସଂପୃକ୍ତ ଜାଗା ଥିବାରୁ ରେଳ ବିଭାଗ ସେଠାରେ ଥିବା ମୁଖ୍ୟ ଡ୍ରେନର ମତ୍ତଗଜପୁର ଆଡ଼କୁ ଜଳ ନିଷ୍କାସନ ଭିତ୍ତିଭୂମି ତିଆରି କରିବା କଥା । ଏଥିପାଇଁ ପ୍ରଶାସନ ପକ୍ଷରୁ ରେଳ ବିଭାଗକୁ ପ୍ରାୟ ୫ବର୍ଷ ହେବ ୧୫କୋଟି ଟଙ୍କା ଦିଆଯାଇଛି । ତଥାପି ରେଳ ବିଭାଗ ଏହି ଜଳ ନିଷ୍କାସନ ଭିତ୍ତିଭୂମି ତିଆରି ପାଇଁ ଆଗ୍ରହ ଦେଖାଉନଥିବା ଅଭିଯୋଗ ହୋଇଥିଲା । ମାତୃଭମବନରୁ ମୁଖ୍ୟ ଡ୍ରେନ ଦେଇ ମତ୍ତଗଜପୁର ଆଡ଼କୁ ଜଳ ନିଷ୍କାସନ ହେଲେ ସହରରେ ଜଳବନ୍ଦୀ ଅବସ୍ଥା ଅନେକାଂଶରେ ସୁଧୁରି ପାରନ୍ତା । ଏବେ ଜଳ ମତ୍ତଗଜପୁର ଆଡ଼କୁ ନିଷ୍କାସନ ନହୋଇ ମାତୃଭବନରୁ ଖାନନଗର ଆଡ଼କୁ ଯାଇ କାଠଯୋଡ଼ିକୁ ନିଷ୍କାସିତ ହେଉଛି । ତେଣୁ ସହର ଭିତରେ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହେଉଛି । ମିଳିତ କମିଟି ସ୍ଥିତି ଅନୁଧ୍ୟାନ କରିବା ପରେ ଏ ସଂକ୍ରାନ୍ତରେ ହାଇକୋର୍ଟଙ୍କୁ ଏକ ରିର୍ପୋଟ ପ୍ରଦାନ କରିବେ ।

# ୬୪୦ କୋଟି ଟଙ୍କା ବ୍ୟୟରେ ହେବ ଓଏମପି ଛକରୁ କନ୍ଦରପୁର ଏଲିଭେଟେଡ କରିଡ଼ର

କଟକ(ନିପ୍ର): କଟକ ସହରଠାରୁ ଆରମ୍ଭ କରି ଉପକୂଳ ଅଂଚଳରେ ଜନସଂଖ୍ୟା ବୃଦ୍ଧି ପାଇଛି । ଯାହାଫଳରେ ଓଏମପି ଛକ, ଚାଉଳିଆଗଂଜ ନୂଆବଜାରରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି । ଜନସଂଖ୍ୟା ବଢ଼ିବା ସାଂଗକୁ ଗାଡ଼ି ମୋଟର ସଂଖ୍ୟା ଦିନକୁ ଦିନବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଓଏମପିଠାରୁ କନ୍ଦରପୁର ପର୍ଯ୍ୟନ୍ତ ୬୪୦କୋଟି ଟଙ୍କା ବ୍ୟୟରେ ଏକ ଏଲିଭେଟେଡ଼ କରିଡ଼ର ନିର୍ମାଣ କରିବାର ପ୍ରସ୍ତାବ ରହିଛି । ଏ ସଂପର୍କରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରିଙ୍କୁ ଏକ ପ୍ରସ୍ତାବ ଦିଆଯାଇଛି ଏବଂ ସଡ଼କ ପରିବହନ ମନ୍ତ୍ରୀ ଓଡ଼ିଶାର ପ୍ରସ୍ତାବକୁ ଗ୍ରହଣ କରି ଆଗାମୀ ତିନି ମାସ ମଧ୍ୟରେ ଏହି ଏଲିଭେଟେଡ଼ କରିଡ଼ରର ଟେଣ୍ଡର ପ୍ରକ୍ରିୟା କରାଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଗଣମାଧ୍ୟକୁ ସୂଚନା ଦେଇଛନ୍ତି । ସାଂସଦ ଭର୍ତ୍ତୃହରି ମହତାବ ଚାରବାଟିଆ ବିମାନ ବନ୍ଦର ସଂପର୍କରେ ସୂଚନା ଦେଇ କହିଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଚାରବାଟିଆ ବିମାନ ବନ୍ଦରଟି ଅଚଳ ହୋଇପଡ଼ିଛି । ଏହି ବିମାନ ବନ୍ଦରକୁ ପୁନରୁଦ୍ଧାର ଏବଂ କାର୍ଯ୍ୟକ୍ଷମ କରାଯିବ ଏବଂ ପ୍ରତିରକ୍ଷା ବିଭାଗର ଏକ କାରଖାନା ନିର୍ମାଣ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ଭୁବନେଶ୍ୱର ବିମାନ ବନ୍ଦରଟି ଦିନକୁ ଦିନ ବହୁ ବିମାନ ଯାତାୟାତ କରୁଥିବାରୁ ଚାରବାଟିଆ ବିମାନ ବନ୍ଦରକୁ କାର୍ଗୋ ବିମାନ ବନ୍ଦରରେ ପରିଣତ କରିବା ପାଇଁ ପ୍ରସ୍ତାବ ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି ।

# ପାଚିକା ନିଯୁକ୍ତିରେ ଅନିୟମିତତା ଅଭିଯୋଗର ତଦନ୍ତ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ପାରୁଆଭାଡ଼ି ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଚିକା ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପରେ ବିଇଓଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଏହାର ତଦନ୍ତ ହୋଇଛି । ସୂଚନା ଅନୁଯାୟୀ, ପାରୁଆଭାଡ଼ି ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩ଟି ପାଚିକା ପଦବୀ ନିଯୁକ୍ତି ନିମନ୍ତେ ଗତ ୩ ତାରିଖରେ ନୋଟିସ ପ୍ରକାଶ ପାଇଥିଲା । ଏଥିରେ ଆଦିବାସୀ ବର୍ଗର ୭ ଜଣ, ହରିଜନ ବର୍ଗର ୪ ଜଣ ଏବଂ ପଛୁଆ ବର୍ଗର ୩ ଜଣ ଏହିପରି ମୋଟ ୧୧ ଜଣ ଏହି ପଦ ପାଇଁ ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଚୟନ କରି ନିଯୁକ୍ତି ପ୍ରଦାନ କରାଯାଇଥିଲା । ମାତ୍ର ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ଦୁଇ ଜଣ ଆବେଦନକରୀ ମଞ୍ଜୁ ସେଠୀ ଓ ସୂର୍ଯ୍ୟକାନ୍ତି ସେଠୀ କୁଚିଣ୍ଡା ବିଇଓ ଗୀତାରାଣୀ ପ୍ରଧାନଙ୍କୁ ଲିଖିତ ଅଭିଯୋଗ କରିଥିଲେ । ସେମାନେ ଅଭିଯୋଗ କରିଥିଲେ ଯେ, ନୋଟିସରେ ପ୍ରଥମେ ଆଦିବାସୀ ପରେ ହରିଜନ ଏବଂ ଶେଷରେ ଅନ୍ୟାନ୍ୟ ବର୍ଗର ପ୍ରାର୍ଥିନୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ଉଲ୍ଲେଖ ରହିଥିବା ବେଳେ ପ୍ରଥମେ ଆଦିବାସୀ ବର୍ଗରୁ ଜଣଙ୍କୁ ନିଯୁକ୍ତି ଦେବା ପରେ ହରିଜନ ବର୍ଗକୁ ଉପେକ୍ଷା କରି ପଛୁଆ ବର୍ଗରୁ ଦୁଇ ଜଣଙ୍କୁ ନିଯୁକ୍ତି ଦିଆଯାଇଛି । ଏହା ବ୍ୟତୀତ ନୋଟିସରେ ଗରିବ, ଅସହାୟ, ବିଧବା ମହିଳାଙ୍କୁ ନିଯୁକ୍ତି ଦିଆଯିବ ବୋଲି ଉଲ୍ଲେଖ ରହିଥିବା ବେଳେ ଧନୀକ ଶ୍ରେଣୀର ପ୍ରାର୍ଥିନୀଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଅଭିଯୋଗ କରି ସେମାନେ ଏହାର ତଦନ୍ତ ପାଇଁ ଦାବି କରିଥିଲେ । ଏହି ଅଭିଯୋଗ ପାଇବା ପରେ ବିଇଓ ଏହା ତଦନ୍ତ କରି ତିନିଦିନ ଭିତରେ ରିପୋର୍ଟ ଦେବାକୁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶନିବାର ଏବିଇଓ ପ୍ରମୋଦ ଚନ୍ଦ୍ର ନାୟକ ଏବଂ କୁନ୍ତରା ହାଇସ୍କୁଲପ୍ରଧାନ ଶିକ୍ଷକ ଅଶୋକ କୁମାର ନାୟକ ପାରୁଆଭାଡି ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଆସି ପାଚିକା ନିଯୁକ୍ତିର ତଦନ୍ତ କରି ଫେରିଛନ୍ତି । ତେବେ ତଦନ୍ତରେ କ’ଣ ବାହାରୁଛି ଏବଂ ଏହାପରେ ବିଇଓ କ’ଣ ପଦକ୍ଷେପ ନେଉଛନ୍ତି ତାହାକୁ ଅଭିଯୋଗକାରିଣୀମାନେ ଅପେକ୍ଷା କରିଛନ୍ତି ।

# ଏସିଏମ କ୍ୟାଡର ମାଓବାଦୀ ଛତିଶଗଡ଼ରେ ଆତ୍ମସମର୍ପଣ

- ନିୟମଗିରି ଲାଖପଦର ଗ୍ରାମର ଡଙ୍ଗରିଆ ମହିଳା
- ୨୦୧୫ ମସିହାରେ ମାଓ ସଂଗଠନରେ ସାମିଲ ହୋଇଥିଲା
- ଘୁମସର ଡିଭିଜନରେ ଏସିଏମ କ୍ୟାଡର ଦାୟିତ୍ୱ ତୁଲାଉଥିଲେ



ରାୟଗଡ଼ା(ନିପ୍ର): ରାୟଗଡା ଜିଲ୍ଲା ନିୟମଗିରି ପାହାଡ଼ ଲାଖପଦର ଗ୍ରାମର ଡଙ୍ଗରିଆ ମହିଳା ମାଓବାଦୀ ପାରୋ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ ଜଣକ ହେଲେ ଶାନ୍ତି ସିକକା ଓରଫ୍ ପାରୋ । ସେ ଜଣେ ଡ଼ଙ୍ଗରିଆକନ୍ଧ ସମ୍ପ୍ରଦାୟର ମହିଳା ଅଟନ୍ତି । ତାଙ୍କ ମୁଣ୍ଡ ଉପରେ ଓଡ଼ିଶା ପୁଲିସ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ । ତେବେ ତାଙ୍କ ସ୍ୱାମୀ ତଥା ଟପ୍ ମାଓବାଦୀ ମାଇନୁ ସହିତ ମିଶି ଗତ ଦୁଇ ଦିନ ପୂର୍ବେ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି । ୩୦ ବର୍ଷୀୟ ପାରୋ ଗତ ୨୦୧୫ ମସିହାରେ ବାଶଧାରା-ଘୁମୁସର-ନାଗାବଳୀ (ବାଘୁନା) ଡିଭିଜନାଲ କମିଟିରେ ଯୋଗଦାନ କରିଥିଲେ । ମାଓବାଦୀଙ୍କ ଏହି ସଂଗଠନରେ ସାମିଲ ହୋଇ ରାୟଗଡ଼ା, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ ଜିଲ୍ଲାରେ କାମ କରୁଥିଲେ । ଏହାପରେ ମାଇନୁଙ୍କ ସହିତ ବିବାହ କରିଥିଲେ । ବାଘୁନା ଡିଭିଜନରେ ଗତ କିଛି ବର୍ଷ କାମ କରିବା ପରେ ପରୋ ଓ ମାଇନୁଙ୍କୁ (ଏସିଏମ) ଏରିଆ କମିଟି ମେମ୍ବର ଭାବେ ଘୁମସର ମାଓ ସଂଗଠନର ଦାୟିତ୍ୱ ତୁଲାଉଥିବା ଜଣାପଡିଛି । ତେବେ ନିକଟରେ ଛତିଶଗଡ଼ ଯାଇ ନିଜ ସ୍ୱାମୀଙ୍କ ସହ ମିଶି ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଏହା ପୁଲିସ ପାଇଁ ଏକ ଆଶ୍ୱସ୍ତ ଦେବା ଭଳି ଖବର ଅଟେ ।

# ନୂଆ ନିର୍ଦ୍ଦେଶନାମାକୁ ଓଡ଼ିଶା ମେଡିକାଲ ଆଉଟସୋର୍ସିଂ କର୍ମଚାରୀ ସଂଘର ବିରୋଧ




ବ୍ରହ୍ମପୁର(ନିପ୍ର): ରାଜ୍ୟର ସମସ୍ତ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ବିଭାଗ ମଧ ଆଉଟସୋର୍ସିଂ କର୍ମଚାରୀଙ୍କ ଦୟାରେ ଚାଲିଛି । ବିଭିନ୍ନ ଠିକା ସଂସ୍ଥା ଅଧୀନରେ ନିଯୁକ୍ତ ହାଉସ କିପିଙ୍ଗ, ସୁରକ୍ଷା ଓ ସଫେଇ କର୍ମଚାରୀ ମାନେ ସ୍ୱଳ୍ପ ଦରମାରେ ଦୀର୍ଘଦିନ ହେବ କାର୍ଯ୍ୟ କରି ଆସୁଥିବା ବେଳେ ସେମାନଙ୍କୁ ନିୟମିତ କରିବା ତ ଦୂରର କଥା, ସେମାନଙ୍କୁ ମୌଳିକ ସୁବିଧା ଯୋଗାଇବା ମଧ ସରକାରମାନେ ବିଫଳ । ପୂର୍ବରୁ କର୍ମଚାରୀ ସଙ୍ଘ ଦ୍ୱାରା ଆନ୍ଦୋଳନ ଫଳରେ ମିଳିଥିବା କିଛି ସୁବିଧା ସୁଯୋଗକୁ ମଧ ବର୍ତ୍ତମାନର ସରକାର ଲାଗୁ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିବା ଯୋଗୁଁ କର୍ମଚାରୀଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଇଛି । ଏହାକୁ ନେଇ ଓଡିଶା ମେଡିକାଲ କର୍ମଚାରୀ ସଙ୍ଘ ଗଞ୍ଜାମ ଜିଲ୍ଲା କମିଟି ତରଫରୁ ସ୍ଥାନୀୟ ଶ୍ୟାମଳାଇ ମନ୍ଦିର ପରିସରରେ ଜିଲ୍ଲା ସଭାପତି ହିମାଂଶୁ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ଆୟୋଜିତ ହୋଇ ସରକାରଙ୍କ ପାତରଅନ୍ତର ନୀତିକୁ ବିରୋଧ କରାଯାଇଛି । ସୂଚନାଯୋଗ୍ୟ ଗତ ବିଜେଡି ସରକାରରେ ରାଜ୍ୟର ସମସ୍ତ ବିଭାଗର ଆଉଟସୋର୍ସିଂ କର୍ମଚାରୀଙ୍କ ମିଳିତ ଆନ୍ଦୋଳନ ଫଳରେ ପୂର୍ବ ସରକାରଙ୍କ ଦ୍ୱାରା ୨୫ ପ୍ରତିଶତ ଦରମା ବୃଦ୍ଧି, ମାତୃତ୍ୱକାଳୀନ ଛୁଟି ବ୍ୟବସ୍ଥା, ବାର୍ଷିକ ଅତିରିକ୍ତ ୧୨ଟି ଛୁଟି ଓ ପାଞ୍ଚବର୍ଷିଆ ଅଭିଜ୍ଞତା ଭିତ୍ତିକ ଦରମା ବୃଦ୍ଧି ଘୋଷଣା କରାଯାଇଥିଲା । କିନ୍ତୁ ଏହି ଘୋଷଣାରୁ ମେଡିକାଲ କର୍ମଚାରୀଙ୍କ ଭଳି ହଜାର ହଜାର ଡେଲି ୱେଜେସ କର୍ମଚାରୀଙ୍କ ପାଇଁ ଏହି ଘୋଷଣା କାର୍ଯ୍ୟକାରୀ ହୋଇପାରିନାହିଁ । ଅନ୍ୟାପଟେ ଏଜେନ୍ସି ମାନଙ୍କ ଦ୍ୱାରା ବିଭିନ୍ନ ରାସ୍ତାରେ ଶୋଷଣ ବୃଦ୍ଧି ପାଇଛି । ମାସାଧିକ କାଳ ଦରମା ବକେୟା ରହୁଛି, ଇପିଏଫ/ଇଏସଆଇ ବାବଦ ଅର୍ଥ ସଠିକ ପୈଠ ହେଉନି ଏବଂ ଏହାର ପ୍ରତିବାଦ କଲେ କର୍ମଚାରୀଙ୍କୁ ଛଟେଇ ଧମକ ମିଳୁଛି । ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ଆଉଟସୋର୍ସିଂ ଟେଣ୍ଡର ଓ ନିଯୁକ୍ତିକୁ ନେଇ କଟକଣା ଲଗାଯାଇ ଅର୍ଥ ବିଭାଗର ବିନା ନିର୍ଦ୍ଦେଶରେ ଟେଣ୍ଡରକୁ ଅନୁମତି ନ ଦେବାକୁ ନିର୍ଦ୍ଦେଶନାମା ଲାଗୁ କରିଛନ୍ତି । ଦୀର୍ଘଦିନ ଧରି କାର୍ଯ୍ୟକରି ଆସୁଥିବା ଆଉଟସୋର୍ସିଂ କର୍ମଚାରୀମାନଙ୍କ ଭବିଷ୍ୟତ ଟେଣ୍ଡର ଅବଧି ସରିଗଲେ ସେମାନଙ୍କ ନିଯୁକ୍ତି ପ୍ରକ୍ରିୟା କ’ଣ ହେବ ସରକାର ତରଫରୁ ସ୍ପଷ୍ଟ କରି ନାହାନ୍ତି, ଯାହାକୁ ନେଇ ସଙ୍ଘ ତରଫରୁ ଏହି ନିଷ୍ପତ୍ତି କୁ ବିରୋଧ କରାଯାଉଛି । ଏଥି ସହିତ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସଫେଇ କର୍ମଚାରୀ ପାଇଁ ଜୀବନବୀମା, ମୋବାଇଲ ଫୋନ ଓ ସହରୀ ଆବାସ ଯୋଜନାରେ ସାମିଲ କରିବାକୁ ଘୋଷଣା କରିଛନ୍ତି । କିନ୍ତୁ ଏହି ଘୋଷଣା କେବଳ ସ୍ୱେରେଜ ଓ ସେପ୍ଟିକ ଟାଙ୍କି ସଫା କରୁଥିବା ଅଳ୍ପ ସଂଖ୍ୟକ କର୍ମଚାରୀଙ୍କ ପାଇଁ ପ୍ରଯୁଜ୍ୟ ହୋଇପାରେ । ମେଡିକାଲରେ କାର୍ଯ୍ୟରତ ଆଉଟସୋର୍ସିଂ ସଫେଇ କର୍ମଚାରୀ ଓ ସହରାଞ୍ଚଳ ସଫେଇ କର୍ମଚାରୀମାନେ ବିପଦପୂର୍ଣ୍ଣ ଭାବେ ପରିମଳ କାର୍ଯ୍ୟରେ ନିୟୋଜିତ ଥିଲେ ମଧ ଏହି କର୍ମଚାରୀମାନେ ଲାଭବାନ ହୋଇପାରିବେ ନାହିଁ । ଯାହାକୁ ନେଇ ମଧ ସଙ୍ଘ ତରଫରୁ ପ୍ରତିବାଦ କରାଯାଉଛି । ସଙ୍ଘ ତରଫରୁ ଆଗାମୀ କାର୍ଯ୍ୟପନ୍ଥା ଅନୁସାରେ ଏଲ ଏଣ୍ଡ କେ ଏଜେନ୍ସି ଦ୍ୱାରା ମାସର ସଠିକ ସମୟରେ ଦରମା ନ ଦେବା, ଇପିଏଫ /ଇଏସଆଇର ସଠିକ ପୈଠ, ପୂର୍ବ ଏଜେନ୍ସି ଅଭିରାମ ସଂସ୍ଥାର ବକେୟା ଅର୍ଥ ଓ କର୍ମଚାରୀମାନଙ୍କ ସୁରକ୍ଷା ଉପକରଣ ସହ ୟୁନିଫର୍ମ ସଠିକ ଭାବେ ଯୋଗାଇବାକୁ ବିଭାଗ ପାଖରେ ଦାବି ରଖାଯିବ । ସରକାରଙ୍କ ଦ୍ୱାରା ସମସ୍ତ ଦାବି ପୂରଣ ନହେଲେ ଆଗାମୀ ଦିନରେ ରାଜ୍ୟ ସ୍ତରୀୟ ଆନ୍ଦୋଳନ କରିବାକୁ ସଙ୍ଘ ନିଷ୍ପତ୍ତି ନେଇଛି ।

### ନଭେମ୍ବର ୭ରେ ଭାରତୀୟ ହକି ଅଭିଯାନକୁ ୧୦୦ବର୍ଷ

# ଆୟୋଜନ ହେବ ୧୦୦୦ ମ୍ୟାଚ୍



**ନୂଆଦିଲ୍ଲୀ, ୨୭/୭:** ଏହି ଦିନ ଏକାସମୟରେ ଖେଳାଯିବ ୧୦୦୦ ମ୍ୟାଚ୍: ଆସନ୍ତା ପୂରିବାକୁ ଯାଉଥିବାରୁ ହକି ଇଣ୍ଡିଆ(ଏଚ୍ଆଇ)ର ୧୫ତମ କଂଗ୍ରେସରେ କିଛି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ଭାରତୀୟ ହକିକୁ ୧୦୦ ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶରେ ଉତ୍ସବ ପାଳନ କରାଯିବ, ଯେଉଁଥିରେ ଏକାସମୟରେ ୧୦୦୦ ମ୍ୟାଚ୍ ଆୟୋଜନ କରାଯିବ। ଦେଶର ପ୍ରତ୍ୟେକ ଜିଲାରେ ଗୋଟିଏ ଲେଖାଏଁ ପୁରୁଷ ଓ ମହିଳା ମ୍ୟାଚ୍ ଖେଳାଯିବ। ଏଥିରେ ମୋଟ ଉପରେ ୩୬,୦୦୦ ଖେଳାଳି ଭାଗ ନେବେ। ଦେଶର ପ୍ରତ୍ୟେକ କୋଣରୁ ହକି ଖେଳାଳିଙ୍କୁ ଏକତ୍ରିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଜାତୀୟ ଓ ତୃଣମୂଳସ୍ତରରେ ପ୍ରତିଯୋଗିତା ଆୟୋଜନ କ୍ଷେତ୍ରରେ ଦିଆଯାଉଥିବା ଆର୍ଥିକ ସହାୟତାରେ ଆଖିଦୃଶିଆ ବୃଦ୍ଧି କରାଯାଇଛି। ଏବେଠାରୁ ଜାତୀୟ ସିନିୟର ପୁରୁଷ ଓ ମହିଳା ଚାମ୍ପିୟନଶିପ୍ ଆୟୋଜନ ଲାଗି ୭୦ ଲକ୍ଷ ଦିଆଯିବ। ସେହିଭଳି ଜୁନିୟର ବାଳକ, ବାଳିକା, ସବ୍-ଜୁନିୟର ବାଳକ ଓ ସବ୍-ଜୁନିୟର ବାଳିକା ଜାତୀୟ ଚାମ୍ପିୟନଶିପ୍ ଲାଗି ୩୦ ଲକ୍ଷ ଲେଖାଏ ଫେଡେରେଶନ ପକ୍ଷରୁ ଦିଆଯିବ। ଏହା ବ୍ୟତୀତ ପ୍ରତ୍ୟେକ ରାଜ୍ୟକୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଓ ଜିଲା ସଂଗଠନକୁ ସମର୍ଥନ କରିବା ପାଇଁ ୨୫ ଲକ୍ଷ ଲେଖାଏ ଦିଆଯିବ ବୋଲି ଏଚ୍ଆଇ ପକ୍ଷରୁ ଘୋଷଣା କରାଯାଇଛି। ସ୍ଥାନୀୟ ସ୍ତରରେ ଆର୍ଥିକ ବାଧାକୁ ହ୍ରାସ କରି ଭିତ୍ତିଭୂମିକୁ ସଶକ୍ତ କରିବା, ପ୍ରତିଯୋଗିତାର କ୍ୱାଲିଟିରେ ବୃଦ୍ଧି ଓ ଅଧିକରୁ ଅଧିକ ଦଳକୁ ପ୍ରତିଯୋଗିତାରେ ସାମିଲ କରିବା ପାଇଁ ଅନୁଦାନରେ ବୃଦ୍ଧି କରାଯାଇଛି। ଏହାଦ୍ୱାରା ହଜାର ହଜାର ଉଦୀୟମାନ ଖେଳାଳି, କୋଚ୍, ତୃଣମୂଳ ସ୍ତରର ଅଧିକାରୀ ଲାଭବାନ ହେବେ, ଯେଉଁମାନେ ଭାରତୀୟ ହକିର ଭବିଷ୍ୟତର ମେରୁଦଣ୍ଡ ବୋଲି ଏଚ୍ଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏଚ୍ଆଇ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି, ଭାରତୀୟ ହକିକୁ ୧୦୦ ବର୍ଷ ପୂରିବାକୁ ଯାଉଥିବାରୁ ସାରା ଦେଶରେ ଉତ୍ସବ ଜରିଆରେ ଭାରତୀୟ ହକିକୁ ଆଗକୁ ନେଇଥିବା ପ୍ରତ୍ୟେକ ଖେଳାଳି, କୋଚ୍ ଓ ପ୍ରଶଂସକଙ୍କ ପ୍ରତି ସମ୍ମାନ ପ୍ରଦର୍ଶିତ କରାଯିବ। ଘୋଷଣା ହୋଇଥିବା ଆର୍ଥିକ ସମର୍ଥନ ଜରିଆରେ ଆମେ ଭବିଷ୍ୟତ ପିଢ଼ିର ସ୍ୱପ୍ନ ଉପରେ ନିବେଶ କରିବୁ।

# ଭାରତକୁ ବିଶ୍ୱ ସ୍ତରରେ ଗର୍ବିତ କଲେ କିଟ୍‌ର ଛାତ୍ରଛାତ୍ରୀମାନେ



**ଭୁବନେଶ୍ୱର, ୨୭/୭(ନିପ୍ର):** ଏକ ଐତିହାସିକ ସଫଳତାରେ, କିଟ୍ ବିଶ୍ୱବିଦ୍ୟାଳୟ ଜର୍ମାନୀର ରାଇନ-ରୁହରରେ ଅନୁଷ୍ଠିତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡା ୨୦୨୫ରେ ଭାରତର ପଦକ ତାଲିକାରେ ଶୀର୍ଷ ଅବେଦନକାରୀ ଭାବରେ ଉଭା ହୋଇଛି, ଏହି ମେଗା ଇଭେଣ୍ଟର ଶେଷ ଦିନରେ ଅତୁଳନୀୟ ପ୍ରାଧାନ୍ୟ ଏବଂ ଦୃଢ଼ତା ପ୍ରଦର୍ଶନ କରିଛି। ଗୋଟିଏ ଦିନରେ ୫ ପଦକ ହାସଲ କରିବା ସହିତ - ୩ ରୌପ୍ୟ ଏବଂ ୨ କାଂସ୍ୟ, କିଟ୍‌ର ଛାତ୍ରମାନେ ଭାରତର ସାମଗ୍ରୀକ ପଦକ ତାଲିକାକୁ ୧୨ରେ ପହଞ୍ଚାଇଛନ୍ତି, ବିଶ୍ୱ ସ୍ତରରେ ଭାରତର ୨୦ତମ ସ୍ଥାନ ସୁରକ୍ଷିତ କରିଛନ୍ତି ଏବଂ କ୍ରୀଡ଼ା ଉତ୍କର୍ଷତା ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଛନ୍ତି। ଭାରତର ଦଳରେ ୩୦୦ ରୁ ଅଧିକ ଖେଳାଳି ଏବଂ ୧୦୦ ଜଣ ଅଧିକାରୀ ସାମିଲ ଥିଲେ, ଯେଉଁମାନେ ୧୪ ଟି ବିଭିନ୍ନ ବିଷୟର ପ୍ରତିନିଧିତ୍ୱ କରୁଥିଲେ। ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଚୟନ ପରୀକ୍ଷଣ ଏବଂ ଉଚ୍ଚ-ପ୍ରଦର୍ଶିତା ତାଲିମ ପରିଚାଳନା ପାଇଁ ଦେଶବ୍ୟାପୀ ପାଞ୍ଚଟି ନୋଡାଲ କେନ୍ଦ୍ର ନିଯୁକ୍ତ କରିଥିଲା। ସେମାନଙ୍କ ମଧ୍ୟରେ, କିଟ୍ ବିଶ୍ୱବିଦ୍ୟାଳୟ ଛଅଟି କ୍ରୀଡା ବିଷୟ - ଆଥଲେଟିକ୍ସ, ତୀରନ୍ଦାଜୀ, ବ୍ୟାଡମିଣ୍ଟନ, ଟେନିସ୍, ଟେବୁଲ ଟେନିସ୍ ଏବଂ ଭଲିବଲ୍ - ରେ କଠୋର ପ୍ରଶିକ୍ଷଣ ଶିବିର ଏବଂ ପରୀକ୍ଷଣ ପରିଚାଳନା କରି ସ୍ୱତନ୍ତ୍ର ଭାବରେ ଠିଆ ହୋଇଥିଲା।

# ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଛି ଶ୍ରୀକ୍ଷେତ୍ର !

**ପୁରୀ, ୨୭/୭(ନିପ୍ର):** ଆନ୍ତର୍ଜାତିକ ତୀର୍ଥକ୍ଷେତ୍ର ତଥା ପର୍ଯ୍ୟଟନ କ୍ଷେତ୍ର ଶ୍ରୀକ୍ଷେତ୍ର ନିଶା ସେବନକାରୀଙ୍କ ପାଇଁ ଚରାଭୂଇଁ ପାଲଟିଛି। ପୁରୀ ସହରକୁ ଦୈନନ୍ଦିନ ଲକ୍ଷାଧିକ ପର୍ଯ୍ୟଟକ ଆସୁଥିବା ବେଳେ ସେମାନେ ବେଳାଭୂମି, ଷ୍ଟେସନ ଅଞ୍ଚଳ, ବସଷ୍ଟାଣ୍ଡ ତଥା ସହରର ମୁଖ୍ୟ ଅଞ୍ଚଳ ବୁଲାବୁଲି କରିବା ସମୟରେ ବିଭିନ୍ନ ସ୍ଥାନରେ ଖୋଲାଖୋଲି ଭାବେ ଅବାଧରେ ନିଶା ସେବନ କରି ଓ ବେଆଇନ ନିଶା ବିକ୍ରିକାରୀମାନଙ୍କୁ ଦେଖି ଗଭୀର ଅସନ୍ତୋଷ ପ୍ରକାଶ କରୁଛନ୍ତି। ବିଶେଷକରି ସରକାରୀ ସ୍ୱୀକୃତପ୍ରାପ୍ତ ଠିପିଖୋଲା ମଦଦୋକାନ ସମ୍ମୁଖରେ ଥିବା ବିଭିନ୍ନ ଉଠାଦୋକାନ, ଠେଲାଗାଡି ଦୋକାନରେ ମଧ୍ୟ ପାନ କରୁଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ, ଅବକାରୀ ପ୍ରଶାସନ, ପୁଲିସ ପ୍ରଶାସନ ସମସ୍ତ ବିଷୟ ଜାଣୁଥିଲେ ମଧ୍ୟ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଯୋଗୁଁ ବୁଦ୍ଧିଜୀବୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଇନକୁ ଉଲଂଘନ କରୁଥିବା ଲୋକଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲାରୁ ଦାବି ହେଉଛି। ନୂତନ ଭାବେ ଯୋଗଦେଇଥିବା ଜିଲ୍ଲାପାଳ ଅନୁସନ୍ଧାନ କରିବା ପାଇଁ ଦାବି ହେଉଛି।

## ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ବିକୃତ କଲେ ଦୁର୍ବୃତ୍ତ




**ବାଲିପାଟଣା, ୨୭/୭(ନିପ୍ର):** ଏହି ବ୍ଲକ ଅନ୍ତର୍ଗତ ଅଲିସିଶାସନ ସ୍କୁଲ ଛକରେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ ଯୋଜନାବଦ୍ଧ ଭାବେ ବିକୃତ କରିଥିବା ନେଇ ବାଲିପାଟଣା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ବାଲିପାଟଣା ବାଲିଅନ୍ତା ହରିଜନ ଆଦିବାସୀ ସମ୍ପ୍ରଦାୟଙ୍କ ପକ୍ଷରୁ ବାବାସାହେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ ଏଠାରେ ଜାନୁଆରୀ ୨୬ ଅଗଷ୍ଟ ୧୫ ଏବଂ ବାବା ସାହେବଙ୍କ ଜନ୍ମ ଜୟନ୍ତୀ ପାଳନ କରାଯିବା ସହିତ ଅନ୍ୟାନ କାର୍ଯ୍ୟକ୍ରମ ହୋଇଥାଏ। ମାତ୍ର ୨୬ ତାରିଖ ରାତିରେ କେହି ଦୁର୍ବୃତ୍ତ ପ୍ରତିମୂର୍ତ୍ତିକୁ ବିକୃତ କରି ଦେଇଥିବା ସମ୍ପର୍କରେ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ଆଇନକୁ ଉଲ୍ଲଂଘନ: କ୍ୟାବିନ ଓ ଉଠାଦୋକାନ ମାଳମାଳ

**ପୁରୀ,୨୭/୭(ନିପ୍ର):** ଭାରତ ବର୍ଷରେ ତିନି କିଲମିଟର ରାସ୍ତାକୁ ଜାତୀୟ ରାଜପଥ ଭାବେ ମାନ୍ୟତା ଦେବା ପରେ ଜାତୀୟରାଜପଥ ଆଇନକୁ ଉଲ୍ଲଂଘନ କରି ଡାକ୍ତରଖାନା ଛକଠାରୁ ଶରଧାବାଲି ପର୍ଯ୍ୟନ୍ତ ଥିବା ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ କ୍ୟାବିନ, ଉଠାଦୋକାନ ଓ ଗ୍ୟାରେଜ ପ୍ରଭୃତି କରାଯାଇଥିବା ଅଭିଯୋଗ ରହିଛି। ରାସ୍ତା ଅବରୋଧକାରୀଙ୍କ କବଳରେ ରହୁଥିବା ଯୋଗୁଁ ଯାନବାହନ ଚଳାଚଳ ଓ ପଥଚାରୀଙ୍କ ପାଇଁ ଏହା ପ୍ରତିବନ୍ଧକ ହେଉଛି। ଏପରିକି କ୍ୟାବିନ ପକାଇବା ବଦଳରେ କିଛି ତଥାକଥିତ ପ୍ରଭାବଶାଳୀ ବ୍ୟକ୍ତି ଅସ୍ଥାୟୀ ଟେଣ୍ଟ ନିର୍ମାଣକରି ନିଜର ବ୍ୟବସାୟ କରୁଥିବା କୁହାଯାଉଛି। ସେହିପରି କେତେକ ରିକ୍ସା ଓ ଗ୍ୟାରେଜର ମାଲିକ ଗାଡି ମରାମତି ପାଇଁ ରଖି ସିଂହଭାବ ରାସ୍ତାକୁ ଅବରୋଧ କରୁଥିବା ଯୋଗୁଁ ଦୈନନ୍ଦିନ ଛୋଟବଡ ଦୁର୍ଘଟଣା ଘଟୁଥିବା କୁହାଯାଉଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୁଲିସ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନ ସମସ୍ତ ବିଷୟ ଜାଣୁଥିଲେ ମଧ ଅବରୋଧକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଯୋଗୁଁ ବୁଦ୍ଧିଜୀବୀମାନଙ୍କ ମହଲରେ ତୀବ୍ର ଆସନ୍ତଷ ପ୍ରକାଶ ପାଉଛି।

## ଗୟାବନ୍ଧରେ ହାତୀ ଉପଦ୍ରବ: ଲୋକେ ଆତଙ୍କିତ

ନିରାକାରପୁର,୨୭/୭(ନିପ୍ର): ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗି ରେଞ୍ଜ ଓଳସିଂହ ଗ୍ରାମପଞ୍ଚାୟତ ଗୟାବନ୍ଧ ଗ୍ରାମରେ ହାତୀ ଉପଦ୍ରବ।ଗତ କିଛି ଦିନ ହେବ ଏକ ୪ଟିକିଆ ହାତୀପଲ ଜଂଗଲ ରୁ ପଳାଇ ଆସି ଓଳସିଂହ, ତମଣଭୂଇଁ, ଗୟାବନ୍ଧ ଅଂଚଳରେ ଉପଦ୍ରବ କରୁଛନ୍ତି। ଖାଦ୍ୟ ଅନ୍ୱେଷଣ ରେ ଜଂଗଲରୁ ହାତୀ ଗାଁ ମୁହାଁ ହେଉଛନ୍ତି। ଅନେକ ସମୟରେ ହାତୀ ମଣିଷ ଲଢେଇ ଦେଖିବାକୁ ମିଳିଛି।କେତେବେଳେ ହାତୀ ଆକ୍ରମଣରେ ମଣିଷ ମରୁଛି ତ କେତେବେଳେ ବିଷ ଜନିତ ଓ ଇଲେକ୍ଟ୍ରି ଯୋଗୁଁ ହାତୀର ମୃତ୍ୟୁ ଘଟୁଛି।ଗତକାଲି ବିଳମ୍ବିତ ରାତିରେ ୪ଟି ହାତୀ ଗୟାବନ୍ଧ ଗାଁ ନିକଟକୁ ପଳାଇ ଆସି ଅବଦୁଲ ଗଫୁର ଖାଁଙ୍କ ଫାର୍ମ ହାଉସ ପାଚେରୀ ଭାଙ୍ଗି ଫାର୍ମ ଭିତରେ ଥିବା ଫସଲକୁ ଦଳିଚକଡି ମୂଲ୍ୟବାନ ଗଛପତ୍ର ନଷ୍ଟ କରିଥିବା ଜଣାପଡ଼ିଛି। ବନବିଭାଗ କର୍ମଚାରୀ ରାତିରେ ହାତୀର ଗତିବିଧି ଜାଣିବା ପାଇଁ ଡ୍ରୋନ ସହାୟତାରେ ଲକ୍ଷ୍ୟ ରଖୁଛନ୍ତି ହେଲେ ବନବିଭାଗ କର୍ମଚାରୀ ହାତୀକୁ ଜଂଗଲ ମଧ୍ୟକୁ ଘଉଡାଇବାରେ ବିଫଳ ହେଉଥିବାରୁ ସ୍ଥାନୀୟ ଅଂଚଳର ଲୋକେ ଓ ଚାଷୀ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଭାପୁର ବ୍ଲକରେ ମକା ମିଶନ କାର୍ଯ୍ୟକାରିତା ପାଇଁ ଦାବି

**ଭାପୁର,୨୭/୭(ନିପ୍ର):** ସରକାର ରାଜ୍ୟରେ ମକା ମିଶନ କାର୍ଯ୍ୟକାରୀ କରିଥିବାବେଳେ ଭାପୁର ବ୍ଲକରେ ଏହାକୁ ଲାଗୁ କରିବା ପାଇଁ ମକା ଚାଷୀମାନେ ଦାବି କରିଛନ୍ତି। ରାଜ୍ୟରେ ପ୍ରଥମ ସୋପାନରେ ୪୫ଟି ପଞ୍ଚାୟତ ଏହି ମକା ମିଶନରେ ସଂଯୋଗ ହୋଇଥିବାବେଳେ ନୟାଗଡ ଜିଲ୍ଲାରେ ମାତ୍ର ୧୫ଟି ପଞ୍ଚାୟତରେ କାର୍ଯ୍ୟକାରୀ ହୋଇଛି। ଜିଲ୍ଲାରେ ମକା ମିଶନ ଗତବର୍ଷଠାରୁ କାର୍ଯ୍ୟକାରୀ ହୋଇଥିବାବେଳେ ସେଥିମଧ୍ୟରୁ ଓଡ଼ଗାଁ ଏବଂ ଦଶପଲ୍ଲା ବ୍ଲକର ଚାଷୀମାନେ ଉପକୃତ ହୋଇଛନ୍ତି ଏବଂ ସେମାନେ ବିହନ ପାଇ ସାରିଲେଣି। ଭାପୁର ବ୍ଲକରେ ଏହି ମକା ବହୁଳ ଭାବରେ ଚାଷ ହେଉଥିଲେ ମଧ୍ୟ ମକା ମିଶନ ରେ ଭାପୁର ବ୍ଲକ ସଂଯୋଗ ହୋଇ ନ ଥିବାରୁ ମକା ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଖଣ୍ଡପଡ଼ା ବ୍ଲକ ର ବାଣପୁର ଏବଂ ଭାପୁର ବ୍ଲକ ର ବନମାଳିପୁର , କରବର ପଞ୍ଚାୟତ ଚାଷୀ ମାନେ ଏହି ମକା ଚାଷ କରିଥାନ୍ତି। ଏହି ମକା ପ୍ରାୟତଃ ଦୁଇ ପ୍ରକାର ହୋଇଥାଏ ଯଥା ମିଠା ମକା ଏବଂ ସାଧା ମକା। ମିଠା ମକା ବର୍ତ୍ତମାନ ଦୁଇ ଗୁଣା ଲାଭଜନକ ଚାଷ ହୋଇଥିବାରୁ ଏହାର ଚାଷ ବହୁଳ ଭାବରେ ଦେଖାଯାଇଥାଏ ଏବଂ ଏହାର ଅଭାବୀ ବିକ୍ରି ମଧ୍ୟ ହେଉଥିବାର ପରିଲକ୍ଷିତ ହେଉଛି। ଭାପୁର ବ୍ଲକରେ ଏହା କାର୍ଯ୍ୟକାରୀ ହେଲେ ମକା ଚାଷୀ ମାନେ କୃଷି ବିଭାଗ ତରଫରୁ ମାଗଣାରେ ବିହନ, ସାର ପାଇବା ସହିତ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ସଂପୃକ୍ତ ଏନ୍.ଜି.ଓ.କୁ କ୍ରୟ କରିପାରିବେ। ଚାଷୀମାନେ ବୁଲିବୁଲି ଗାଁଗଣ୍ଡା ରେ ଆଉ ମକା ବିକ୍ରି ନ କରିବା ଫଳରେ, ଅଭାବୀ ବିକ୍ରି ମଧ୍ୟ ବନ୍ଦ ହୋଇଯିବ ଏବଂ ଚାଷୀମାନେ ଉପକୃତ ହୋଇପାରିବେ। ତେଣୁ, ଭାପୁର ବ୍ଲକରେ ମକା ମିଶନ କାର୍ଯ୍ୟକାରିତା କରିବା ପାଇଁ ଚାଷୀ ମାନେ ଦାବି କରିଛନ୍ତି।

### ଧାମନଗରରେ ବନ୍ୟା ସ୍ଥିତିରେ ସୁଧାର

# ପ୍ରଭାବିତ ଅଞ୍ଚଳ ବୁଲିଲେ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଜିଲ୍ଲାପାଳ

ଧାମନଗର, ୨୭/୭(ନିପ୍ର): ଲଘୁଚାପଜନିତ ବର୍ଷା ଦ୍ୱାରା ଧାମନଗରରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି। ଯଦିଓ ବୈତରଣୀ ନଦୀର ଉପର ମୁଣ୍ଡରେ ବନ୍ୟାଜଳ କମିଛି ମାତ୍ର ଧାମନଗର ବ୍ଲକର ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି। ଅର୍ଜୁନପୁର, ପଧାନୀ, ହସନାବାଦ, ସୋହଡା ପଞ୍ଚାୟତର ଅନେକ ଗ୍ରାମ ଏବେ ବନ୍ୟା ଘେରରେ ରହିଛି। ଅସ୍ତକ, ଅନଲଡିହ, ବନବାଗ, ମଠସାହି ଅଞ୍ଚଳର ଅନେକ ଲୋକ ଗାଁରୁ ବାହାରକୁ ବାହାରି ପାରୁନାହାନ୍ତି। ବୈତରଣୀ ନଦୀରେ ଜଳପତନ ହ୍ରାସ ପାଇ ଥିଲେସୁଦ୍ଧା। ଧୁଷୁରୀ, ବମକୁରା, କାଶୀମପୁର, ହସନାବାଦ, ପାଳସାହି, ଭଟସାହି, ନଦୀଗାଁ, କୋଠାର ଅଞ୍ଚଳରେ ବନ୍ୟା ପାଣି ବଢୁଛି। ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସକେପର ଦକ୍ଷିଣ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ ହୋଇଥିବାରୁ ବନ୍ୟା ନିୟନ୍ତ୍ରଣ ହୋଇପାରିଛି ଓ ଧାମନଗର ବଡ ବନ୍ୟାକୁ ମୁକାବିଲା କରିପାରିଛି। ପୂର୍ବରୁ ଏହି ଦୁଇ ଏସକେପ ମୁକୁଳା ଥିଲା। ଯାହାଫଳରେ ବୈତରଣୀର ଜଳସ୍ତର ବିପଦ ସଂକେତରେ ପହଞ୍ଚିବା କ୍ଷଣି ଏହି ବାଟେ ବନ୍ୟା ଜଳ ଗାଁ ଭିତରକୁ ପଶୁଥିଲା। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚେଷ୍ଟାରେ ଦୁଇ ଏସକେପରେ ସୁରକ୍ଷା ପ୍ରାଚୀର ଓ ବେସମେଣ୍ଟ ଉଚ୍ଚା କରାଯିବାରୁ ବନ୍ୟାରେ ଅଳ୍ପ ପାଣି ନିଷ୍କାସନ ହେଉଛି। ଅପର ପକ୍ଷରେ ବୈତରଣୀର ଶାଖା ଗେଙ୍ଗୁଟି ନଦୀବନ୍ଧରେ ଥିବା ପାହାଡ଼ପୁର ଏସକେପ, ମଠମାହାରା ଓ କନକେଇ ଏସକେପ ବାଟେ ପାଣି ପଶିବାରୁ ଖଡ଼ିପଦା, ସୋହଡ଼ା ଓ କରଦା ପଞ୍ଚାୟତର ବହୁ ଗାଁ ଜଳମଗ୍ନ ହୋଇଛି। ଖଡ଼ିପଦା ଓ କାଞ୍ଜିଆପାଳ ମଧ୍ୟରେ ଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ବୁଡ଼ିଯିବାରୁ କାଞ୍ଜିଆପାଳ ଗ୍ରାମର ୨୦୦ ଘର ଜଳବନ୍ଦୀ ହୋଇଛନ୍ତି। ସେପଟେ ଏଥର ବନ୍ୟାରେ ଧାମନଗର ବ୍ଲକର ଶହ ଶହ ହେକ୍ଟର ଜମି ବୁଡ଼ିଯାଇଛି। ଅଧିକାଂଶ ଜମିରେ ରୁଆ ପୋତା ଆରମ୍ଭ ହୋଇ ଥିବାରୁ ପାଣିରେ ବୁଡ଼ି ଧାନଗଛ ପଚି ଯାଇଛି।

## ବଂଶଧାରା ବନ୍ୟା ସ୍ଥିତି ଅନୁଧ୍ୟାନ ଜିଲ୍ଲାପାଳ

**କାଶୀନଗର, ୨୭/୭(ନିପ୍ର):** ନୂତନ ଭାବେ ଗଜପତି ଜିଲ୍ଲାପାଳ ମଧୁମିତା ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମେ କାଶୀନଗର ଗସ୍ତ କରି ବଂଶଧାରା ନଦୀର ବନ୍ୟା ସ୍ଥିତି ବିଷୟରେ ଜାଣିବା ପାଇଁ ଗସ୍ତ କରିଥିଲେ। ବର୍ତ୍ତମାନ ରାଜ୍ୟରେ ବନ୍ୟା ପରିସ୍ଥିତି ଜାରି ରହିଥିବାରୁ ଜିଲ୍ଲାପାଳ ମହୋଦୟା କାଶୀନଗର ବଂଶଧାର ନଦୀର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ପ୍ରଥମେ ଖାଣ୍ଡବା ପଞ୍ଚାୟତର ପାଲସିଂ ଓ ବାଡ଼ୀଗାଁ ନିକଟରେ ପହଂଚି ସେଠାରେ ବଂଶଧରା ନଦୀରେ ଜଳ ସ୍ତର ଦେଖି ବା ପରେ ବାତ୍ୟା ଆଶ୍ରୟ ସ୍ଥଳ ମଧ ବୁଲି ଦେଖିଥିଲେ। ସେଠାରୁ ଖାଣ୍ଡବା ଠାରେ ଥିବା ବଂଶଧାରା ଉଚ୍ଚ ବିଦ୍ୟାଳୟର ବାଳିକା ହଷ୍ଟେଲ ପରିଦର୍ଶନ କରି ଅନ୍ତେବାସୀ ମାନଙ୍କ ଖାଦ୍ୟ, ପାନୀୟ ଜଳ, ପରିଷ୍କାର ପରିଚ୍ଛନ୍ନତା ବିଷୟରେ ବୁଝି କାଶୀନାଗର ବଂଶଧାରା ନଦୀର ଜଳସ୍ତର ମଧ୍ୟ ପରଖିଥିଲେ। ତାଙ୍କର ଏହି ଗସ୍ତ ସମୟରେ ସ୍ଥାନୀୟ ତହସିଲଦାର ସୁଧୀର କୁମାର ନନ୍ଦ ଓ ଖଣ୍ଡବା ସମିତି ସଭ୍ୟ ଜଗନ୍ନାଥ ଦୋରା ଉପସ୍ଥିତ ଥିଲେ। ଜିଲ୍ଲାପାଳ କାଶୀନଗର ଠାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣ ଓ ମୁକାବିଲା କରିବା ପାଇଁ କାଶୀନଗର ପ୍ରଶାସନ ଯେଉଁସବୁ ପଦକ୍ଷେପ ନେଇଛନ୍ତି ସେଥିପାଇଁ ଖୁସି ବ୍ୟକ୍ତ କରିଥିଲେ।


## ଛାତ୍ରୀମୃତ୍ୟୁ ନେଇ ଅସନ୍ତୋଷ

ରାୟଗଡ଼ା, ୨୭ ।୭:ଜିଲ୍ଲାର କୁଲି ଆବାସିକ ବିଦ୍ୟାଳୟର ଜଣେ ଅନ୍ତେବାସୀ ଛାତ୍ରୀଙ୍କ କର୍ତ୍ତୃପକ୍ଷଙ୍କ ଅବହେଳାରୁ ମୃତ୍ୟୁ ଘଟିଥିବା ଛାତ୍ରୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଛାତ୍ରୀ ଜଣଙ୍କ ଜ୍ୱରରେ ପୀଡ଼ିତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ମୃତକ ଛାତ୍ରୀ ଜଣକ ଚତୁର୍ଥ ଶ୍ରେଣୀର ଥିଲେ।

## ଖଣି ଉପରେ ପୋଲିସର ଚଢାଉ



**ନିରାକାରପୁର ୨୭/୭(ନିପ୍ର):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ନିର୍ଦ୍ଦେଶରେ ଗତକାଲି ବିଳମ୍ବିତ ରାତିରେ ପୋଲିସ ବୋଡଙ୍ଗରା ନିକଟରେ ବେଆଇନ ଖୋଲା ଯାଉଥିବା ଖଣି ଉପରେ ଚଢ଼ାଉ କରି ଗୋଟିଏ ପଥର ବୋଝେଇ ଟ୍ରକ ଓ ଏକ ପାୱାର ଟିଲର ଜବତ କରିଥିବା ଜଣାପଡିଛି। ପୋଲିସ ଚଢ଼ାଉ ବେଳେ ଖଣିରେ ଥିବା ମାଫିଆ ମାନେ ଓ ଅନ୍ୟ ଗାଡି ଗୁଡ଼ିକ ଫେରାର ହୋଇଯାଇ ଥିଲା।




# ବାର୍ଡ ଫ୍ଲୁ ପାଇଁ ଚାଲିଛି ଫାର୍ମ ବିଶୋଧନ

- ଚିକେନ ବାରଣ ପାଇଁ ବିଭିନ୍ନ ଅଞ୍ଚଳରେ ପ୍ରଚାର
- ୩୩ ଫାର୍ମରୁ ୬ ଟି ଫାର୍ମ ହୋଇଛି ବିଶୋଧନ



**ନିରାକାରପୁର,୨୭/୭(ନିପ୍ର):** ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ମୁଣ୍ଡଆମ୍ବ ଅଂଚଳରେ ଥିବା କୁକୁଡ଼ା ଫାର୍ମରେ ହଜାର ହଜାର କୁକୁଡ଼ା ମୃତ୍ୟୁପରେ ପ୍ରାଣୀ ବିଭାଗ ତରଫରୁ ଭୋପାଳ ରିପୋର୍ଟରୁ ବାର୍ଡ ଫ୍ଲୁ ଚିହ୍ନଟ ହେବାପରେ ଉକ୍ତ ଫାର୍ମର ସମସ୍ତ କୁକୁଡ଼ା ମରା ଯାଇଥିବାବେଳେ ୧ କିଲୋମିଟର ମଧ୍ୟରେ ଥିବା ୩୩ଟି ଫାର୍ମ ମଧ୍ୟରୁ କୁକୁଡ଼ା ଥିବା ଡମଣଭୂମିର ଏକ ଫାର୍ମର ସମସ୍ତ କୁକୁଡ଼ାକୁ ଗତ କାଲି ପ୍ରାଣୀ ବିଭାଗ ତରଫରୁ ମରାଯାଇଛି। ଆଜିସୁଦ୍ଧା ବିଭାଗ ତରଫରୁ ୬ଟି ଫାର୍ମକୁ ବିଶୋଧନ କରାଯାଇଛି। ଆହୁରି ୨୭ ଟା ଫାର୍ମ ବିଶୋଧନ କରାଯିବ। ସେହିପରି ଉକ୍ତ ଅଞ୍ଚଳରୁ ୧ କିଲୋମିଟର ଦୁରତ୍ୱ ମଧ୍ୟରେ ଚିକେନ ବିକ୍ରି ଓ ଚିକେନ ଜାତୀୟ ଖାଦ୍ୟ ପଦାର୍ଥ ବିକ୍ରି ଉପରେ କଟକଣା ଜାରି କରାଯାଇଛି। ଗତ ୨୩ ତାରିଖରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ତହସିଲଦାର ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ରେ ପିଲାମାନଙ୍କୁ ଅଣ୍ଡା ଖାଇବାକୁ ଦେବାକୁ ବାରଣ କରାଯାଇଛି। ସେହିପରି ଉକ୍ତ ଅଞ୍ଚଳ ସମେତ ନିରାକାରପୁର ଅଂଚଳରେ ଚିକେନ ଜାତୀୟ ଖାଦ୍ୟ ନ ଖାଇବାକୁ ମାଇକ ଯୋଗେ ପ୍ରଚାର କରିବା ପରେ ଆଜିଠାରୁ ଚିକେନ ବ୍ୟବସାୟ କିଛି ମାତ୍ରାରେ ମାନ୍ଦା ହୋଇଥିବା ଜଣାପଡିଛି। ଆଜିର ବିଶୋଧନ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡ ରବିନାରାୟଣ ପଟ୍ଟନାୟକ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡ ଯଶୋବନ୍ତ ପ୍ରଧାନ ( ରୋଗ ନିୟନ୍ତ୍ରକ), ଡେପୁଟି ଡାଇରେକ୍ଟର ମାନସ କୁମାର ଚାନ୍ଦ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ରଶ୍ମି କାନ୍ତ ପାଲଟାସିଂହ ଓ ଜିଲ୍ଲା ରୋଗ ନିୟନ୍ତ୍ରକ ଅଧିକାରୀ ଡ ଲିକେଶ କନୁନଗୋ ପ୍ରମୁଖ ଯୋଗଦେଇଥିଲେ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ